NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
25 APRIL 2025
ଶୁକ୍ରବାର
୨୫ ଏପ୍ରିଲ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 335 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୩୫ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

# ଫୋକସ୍‌ରେ ଗାଁ ବିକାଶ, ଖସଡ଼ା ପ୍ରସ୍ତୁତ



### ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ
### ୨ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି
### ୩୧୪ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର
### ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଦକ୍ଷେପ ନେଉଛୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,ପୁରୀ,୨୪।୪/ଏନ୍‌ଏନ୍‌ଏସ୍:**

ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯% ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ଓଡ଼ିଶାରେ ୮୩% ଲୋକ ଗାଁରେ ବସବାସ କରନ୍ତି। ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ, ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ। ତେଣୁ ଆମ ସରକାର ଗାଁ ବିକାଶ ଉପରେ ଫୋକସ୍ ଦେଇଛନ୍ତି। ସେଥିପାଇଁ ପ୍ରସ୍ତୁତ ହେଉଛି ଖସଡ଼ା।

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଏହା ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୩ ଏପ୍ରିଲ ୨୪ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପବ୍ଲିକ ପରିବର୍ତ୍ତନ ଅଣାଯାଇଥିଲା। ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନ ସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି। ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂରକରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢ଼ତାର ସହ କାମ କରୁଛି। ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମପଞ୍ଚାୟତ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି। ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟସ୍ତରୀୟ ଓ ରାଜ୍ୟସ୍ତରୀୟ ନେତୃତ୍ୱକୁ ଜନ୍ମଦେଇଛି। ଉଦାହରଣ ସ୍ୱରୂପ ସେ ନିଜେ ମଧ ୧୯୯୭ ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗଦେଇଛନ୍ତି। ପଞ୍ଚାୟତସ୍ତରରୁ ପ୍ରତିନିଧି ଭାବେ ଆସିଥିବା ଜନ ପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି। ପଞ୍ଚାୟତ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି। ବିଗତ ଅଢ଼େଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲିସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା। ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲୀସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ। ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସବୁପ୍ରକାର ପଦକ୍ଷେପ ନେଉଛନ୍ତି। ବିଜୁଳି, ସଡ଼କ, ପାଣି ପରି ଭିତ୍ତିଭୂମି ହେଉଛି ▶▶ ୫

## ଲିଫ୍ଟରେ ଚାପିହୋଇ ରୋଗୀ ମୃତ

# ସୁସ୍ଥ ହେବାକୁ ଆସିଥିଲେ, ଶବ ହୋଇ ଫେରିଲେ

**ଭଦ୍ରକ,୨୪।୪/ଏନ୍‌ଏନ୍‌ଏସ୍:**

ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିବା ଜଣେ ମହିଳା ରୋଗୀ ଲିଫ୍ଟରେ ଚାପିହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ରାନ୍ଦୀଆ ପଞ୍ଚାୟତ ନରସିଂହପୁର ଗ୍ରାମର ମିନତୀ ପରିଡ଼ା (୫୫ବର୍ଷ)। ସେ ଶ୍ୱାସ ଓ ଗଳଗଣ୍ଡ ରୋଗରେ ପୀଡ଼ିତ ହୋଇ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଡାକ୍ତରଖାନାକୁ ଆସିଥିଲେ। ତାଙ୍କୁ ମହିଳା ମେଡିସିନ୍ ୱାର୍ଡକୁ ନେବାବେଳେ ସେ ଲିଫ୍ଟରେ ଚାପିହୋଇ ଯାଇଥିଲେ। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ଓ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଡାକ୍ତରଖାନାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଲିଫ୍ଟରେ ଅଟକି ରହିଥିବା ମହିଳାଙ୍କ ମୃତଦେହ ଉଦ୍ଧାର କରିବାକୁ ଦମକଳ ବାହିନୀ ଆସି ସେଠାରେ ପହଞ୍ଚିଥିଲେ। ଖବର ପାଇ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସିଡିଏମ୍‌ଓ ସୁଧାଂଶୁ ବଳ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରମୁଖ ମେଡିକାଲରେ ପହଞ୍ଚି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଆଶ୍ୱାସନା ଦେଇଥିଲେ। ଅନ୍ୟପକ୍ଷରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବଳ କହିଛନ୍ତି, ଲିଫ୍ଟ ସେନ୍ସର୍‌ରେ ତ୍ରୁଟି ଯୋଗୁ ଏଭଳି ଘଟଣା ଘଟିଛି। ତେଣେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିରେ ମୃତ ମହିଳାଙ୍କ ପରିବାରବର୍ଗ ମୃତଦେହ ରଖି ଲିଫ୍ଟ ଆଗରେ ଧାରଣାରେ ବସିଛନ୍ତି। ତେବେ ପୀଡ଼ିତ ପରିବାରଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ୪୫ ବର୍ଷ ପରେ...

# ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା




**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:**

### ଦେଶର ୧୦୭ତମ ସହ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ

୪୫ ବର୍ଷ ପରେ ଶିମିଳିପାଳକୁ ମିଳିଲା ଜାତୀୟ ଉଦ୍ୟାନ ମାନ୍ୟତା। ୧୯୮୦ ମସିହାରେ ଶିମିଳିପାଳକୁ ଏହି ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲେ ମଧ ଦୀର୍ଘଦିନ ଧରି ମଞ୍ଜୁରୀରେ ବିଳମ୍ବ ହୋଇଆସୁଥିଲା। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏହାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଘୋଷଣା ସହିତ ▶▶ ୫

# ଦ୍ୱିଗୁଣିତ ହେଲା ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:**

### କନଷ୍ଟେବଳ, ହାବିଲଦାର ଓ ସିପାହୀଙ୍କ 'ଏକ୍ସଟ୍ରା ଡ୍ୟୁଟି ପ୍ରୋତ୍ସାହନ ରାଶି'ରେ ବି ବୃଦ୍ଧି

ଇନ୍ସପେକ୍ଟର୍‌ଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର୍ ଓ ଏଏସ୍‌ଆଇଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ରୁ ୮୪୦୦ଟଙ୍କା, ହାବିଲଦାର, କନଷ୍ଟେବଳ ଓ ସିପାହୀଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ରୁ ୧୧,୮୦୦ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦବୀର ସମାନ ର୍‍ୟାଙ୍କ୍‌ର କର୍ମଚାରୀ ଓ ଅଧିକାରୀଙ୍କୁ ମଧ ଏହି ପରିମାଣରେ ଭତ୍ତା ମିଳିବ। ସେହିପରି ▶▶ ୫

# ପ୍ରଶାନ୍ତଙ୍କ ଶେଷ ଯାତ୍ରାରେ ମୁଖ୍ୟମନ୍ତ୍ରୀ ସାମିଲ

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:**



### ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା, ପତ୍ନୀଙ୍କୁ ନିଯୁକ୍ତି
### ପୁଅର ପାଠପଢ଼ା ଖର୍ଚ୍ଚ ବହନ କରିବେ ସରକାର

କାଶ୍ମୀରର ପେହଲଗାମଠାରେ ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଥିବା ଓଡ଼ିଆ ପର୍ଯ୍ୟଟକ ପ୍ରଶାନ୍ତ ଶତପଥିଙ୍କ ଶେଷ ଯାତ୍ରାରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଅବସରରେ ପ୍ରଶାନ୍ତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦେବା ସହ ପତ୍ନୀଙ୍କୁ ନିଯୁକ୍ତି ଓ ପୁଅର ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଛନ୍ତି।

ଗୁରୁବାର ସକାଳେ ବାଲେଶ୍ୱର ଜିଲ୍ଲାର ଇସାଣି ଗାଁରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ପ୍ରଶାନ୍ତ ଶତପଥିଙ୍କ ପାର୍ଥିବ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶେଷ ସମ୍ମାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଶାନ୍ତଙ୍କ ଶବାଧାର ସହ ଶ୍ମଶାନକୁ ଯାଇ ଶେଷଦର୍ଶନ କରିଥିଲେ।

ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ପରିବାରର ଦୁଃଖ ଦେଖି 'ମୁଁ ଗଭୀର ମର୍ମାହତ'। ସେହିପରି ଆତଙ୍କବାଦୀ ଘଟଣାର ତୀବ୍ର ନିନ୍ଦାକରି ମୁଖ୍ୟମନ୍ତ୍ରୀ କହିଥିଲେ, ଉଗ୍ରପନ୍ଥୀଙ୍କ କାର୍ଯ୍ୟ ଅତ୍ୟନ୍ତ ଅମାନବୀୟ ଓ କାପୁରୁଷୋଚିତ। ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

# ୨ଦିନ ପ୍ରବଳ ତାତି, ରବିବାରଠୁ ବର୍ଷା

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ତାତି ଅସହ୍ୟ ହୋଇପଡ଼ିଥିବା ବେଳେ ଆସନ୍ତା ୨ ଦିନ ଯାଏ ତାତି କଲବଲ କରିବ। ଫଳରେ ଅସମ୍ଭାଳ ତାତିକୁ ନେଇ ଜନଜୀବନ ପୁଣି ହେବ ଅସ୍ତବ୍ୟସ୍ତ। ବାୟୁମଣ୍ଡଳରେ ଥିବା ପ୍ରଚୁର ଜଳୀୟବାଷ୍ପ ପ୍ରଭାବରେ ଉପକୂଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ମିଳିଥିବା ସୂଚନା ଅନୁସାରେ, ଦୁଇଦିନ ପରେ ପାଗରେ ବଡ଼ ପରିବର୍ତ୍ତନ ହେବ। ରବିବାରଠାରୁ ବର୍ଷା ସମ୍ଭାବନା ରହିଥିବାରୁ ୧ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ରହିପାରେ କାଳବୈଶାଖୀ ବର୍ଷାର ପ୍ରଭାବ। କେବଳ ବର୍ଷା ନୁହେଁ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଓ ଝଡ଼ପବନ ହେବାର ମଧ ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ପାଇଁ ପ୍ରବଳ ତାତିକୁ ନେଇ ନେଇ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର, ସୋନପୁର ଓ ସୁନ୍ଦରଗଡ଼ ଏହି ▶▶ ୫

## ଗାଧୋଇବା ବେଳେ ଅଘଟଣ

# ମହାନଦୀରେ ବୁଡ଼ି ୨ ମୃତ

**କଟକ,୨୪।୪/ଏନ୍‌ଏନ୍‌ଏସ୍ :**

ମହାନଦୀର ଯୋବ୍ରା ଆନିକଟ ନିକଟରେ ଗୁରୁବାର ଅପରାହ୍ନ ଦୁଇଟା ସମୟରେ ଗାଧୋଉଥିଲା ବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି। ତେବେ ବୁଡ଼ି ଯାଉଥିବା ଅନ୍ୟଜଣଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମୃତକ ଦ୍ୱୟ ହେଲେ ଯୋବ୍ରା ନଦୀକୂଳ ସାହିର ନାବାଳକ ସାଈ ବେହେରା(୧୪) ଓ ପିଙ୍କୁନ୍ ଜେନା(୨୨) ଏବଂ ସୁରକ୍ଷିତ ଉଦ୍ଧାର ନାବାଳକ ଜଣକ ହେଲେ ନଦୀକୂଳ ସାହିର ବିଶ୍ୱଜିତ ଦାସ (୧୩)। ତେବେ ଅଗ୍ନିଶମ ବାହିନୀ ଦୀର୍ଘ ଏକ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଦୁଇଜଣଙ୍କ ମୃତଦେହକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପୁଲିସ କଟକ ବଡ଼ ଡାକ୍ତରଖାନା ପଠାଇଛି। ବିଶ୍ୱଜିତଙ୍କୁ ଚିକିତ୍ସା



ପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ ମହାନଦୀର ଯୋବ୍ରା ଆନିକଟ ନିକଟକୁ ନଦୀକୂଳ ସାହିର ସାଈ, ପିଙ୍କୁନ୍ ଓ ବିଶ୍ୱଜିତ୍‌ଙ୍କ ସମେତ ୬ଜଣ ଗାଧୋଇବାକୁ ଯାଇଥିଲେ। ସେମାନେ ନଦୀରେ ପହଁରୁଥିବା ବେଳେ ▶▶ ୫

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ

# କେନ୍ଦ୍ରକୁ ବିରୋଧୀଙ୍କ ପୂର୍ଣ୍ଣ ସମର୍ଥନ



### ଆମେ ସମସ୍ତେ ଏକାଠି ଅଛୁ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କର: ଖର୍ଗେ
### ଆମେ ଆତଙ୍କବାଦ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରୁ: ରାହୁଲ
### ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍: ଓୱୈସୀ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଉପରେ ବ୍ୟାପକ ବିଚାରବିମର୍ଶ ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମିଲ୍ ହୋଇଥିବା ସମସ୍ତ ବିରୋଧୀ ଦଳଗୁଡ଼ିକ ଦଳଗତ ବିବାଦ ତଥା ମତଭେଦରୁ ଊର୍ଦ୍ଧ୍ୱକୁ ଉଠି କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଆତଙ୍କବାଦୀଙ୍କ ବିରୋଧରେ କେନ୍ଦ୍ର ସରକାର ଯାହା କିଛି ବି ନିଷ୍ପତ୍ତି ନେବେ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେଥିରେ ସମସ୍ତ ରାଜନୈତିକ ଦଳ ସମର୍ଥନ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଭାରତକୁ ଆତଙ୍କବାଦ ବିରୋଧରେ ଏକଜୁଟ୍ ହୋଇ ଲଢ଼େଇ ଲଢ଼ିବାକୁ ହେବ ବୋଲି ବିରୋଧୀଦଳଗୁଡ଼ିକ ମତବ୍ୟକ୍ତ କରିଛନ୍ତି। ତେବେ ଆଜିର ଏହି ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିରୋଧୀ ଦଳର କିଛି ନେତା ପ୍ରଶ୍ନ ଉଠାଇଥିଲେ, କିନ୍ତୁ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଯୋଗୁ ମୋଦୀ ବୈଠକରେ ଯୋଗ ଦେଇପାରୁନଥିବା ବିଜେପିର ବରିଷ୍ଠ ନେତାମାନେ ସ୍ପଷ୍ଟ କରିଥିଲେ।

ଅନ୍ୟପକ୍ଷେ ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ସୂଚନା ଦେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ କହିଛନ୍ତି ଯେ ବୈଠକରେ କେନ୍ଦ୍ର ସରକାର ସୁରକ୍ଷା ଏବଂ ଗୁପ୍ତଚର କ୍ଷେତ୍ରରେ ହୋଇଥିବା ତ୍ରୁଟିକୁ ସ୍ୱୀକାର କରିଛନ୍ତି। କଂଗ୍ରେସ ସମେତ ବୈଠକରେ ଉପସ୍ଥିତ ସମସ୍ତ ବିରୋଧୀ ଦଳ ଆତଙ୍କବାଦ ବିରୋଧରେ ଭାରତର ଏହି ଲଢ଼େଇରେ ଏକତା ପ୍ରଦର୍ଶନ କରିଛନ୍ତି ଏବଂ ସରକାରଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କେବଳ ଖର୍ଗେ ନୁହଁନ୍ତି କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇଏମ୍‌ଆଇଏମ୍ ସାଂସଦ ଅସାଉଦ୍ଦିନ୍ ଓୱୈସୀ, ଆପ୍ ସାଂସଦ ସଞ୍ଜୟ ସିଂହ, ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ପ୍ରମୁଖ ମଧ ସମାନ କଥା ଦୋହରାଇଛନ୍ତି। ବିଭିନ୍ନ ଦଳର ନେତାମାନେ ଏକ ସାଧାରଣ ଭାବନା ପ୍ରକାଶ କରିବା ପୂର୍ବକ 'ଆମେ ସମସ୍ତେ ଏକାଠି ଅଛୁ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କର' ବୋଲି ସରକାରଙ୍କୁ ▶▶ ୫

# ୧୧୯୧ କୋଟିର ଅକ୍ଷୟଶକ୍ତି ପ୍ରକଳ୍ପକୁ ଅନୁମୋଦନ



**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:**

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି -୨୦୨୨ ଆଧାରରେ ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରାପ୍ତ ହୋଇଛି। ଏହା ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦେଶ୍ୟରେ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ୯୫.୭ ମେଗାୱାଟ୍ କ୍ଷମତାର ୨ଟି ପବନ ଶକ୍ତି ପ୍ରକଳ୍ପ, ୫୩.୯୭ ମେଗାୱାଟ୍ କ୍ଷମତାର ୪ଟି ଭୂମି ଆଧାରିତ ସୌର ଶକ୍ତି ପ୍ରକଳ୍ପ ଓ ୦.୬ ମେଗାୱାଟ୍ କ୍ଷମତାର ପ୍ରଥମ ବ୍ୟାଟେରୀ ଷ୍ଟୋରେଜ୍ ପ୍ରକଳ୍ପ।

ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଓଡ଼ିଶାରେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଥିବା ପ୍ରାକୃତିକ ସମ୍ଭାବନାଗୁଡ଼ିକର ସଦ୍‌ବ୍ୟବହାର ହୋଇପାରିବ ଏବଂ ରାଜ୍ୟ ଅକ୍ଷୟ ଶକ୍ତି ନୀତି–୨୦୨୨ ଅନ୍ତର୍ଗତ ଲକ୍ଷ୍ୟଗୁଡ଼ିକ ପୂରଣ ପାଇଁ ମଧ ସହାୟକ ହେବ। ଏହି ଅବସରରେ ବିଶାଲ କୁମାର ଦେବ, ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପୁଞ୍ଜି ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଠିକ ସମୟରେ ▶▶ ୫




# ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହ-ଜୟଶଙ୍କର

## ଭାରତ ନେବ କି ପହଲଗାମ୍ ପ୍ରତିଶୋଧ ?



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଘନୀଭୂତ ହେଉଥିବା ବେଳେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏବଂ କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର। ରାଷ୍ଟ୍ରପତି ଭବନରେ ଶ୍ରୀମତୀ ମୁର୍ମୁଙ୍କୁ ଭେଟି ୨ କେନ୍ଦ୍ରମନ୍ତ୍ରୀ ପହଲଗାମ୍ ଆକ୍ରମଣ ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ଗୋଟିଏ ପଟେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହାପୂର୍ବରୁ ଦୁଇ ମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ହଠାତ୍ ଭେଟିବାକୁ ନେଇ ଅନେକ କଳ୍ପନାଜଳ୍ପନା କରାଯାଉଛି। ଆଗକୁ ପାକିସ୍ତାନ ବିରୋଧରେ ଏବଂ ଆତଙ୍କବାଦ ବିରୋଧରେ ଭାରତ ଏକ ବଡ ଆହ୍ୱାନ ନେବ ବୋଲି ଅନୁମାନ କରାଯାଉଛି। ଭାରତର ରାଷ୍ଟ୍ରପତି ୩ ସେନାବାହିନୀଙ୍କ ମୁଖ୍ୟ ଥିବାବେଳେ ପହେଲଗାମ୍ ପ୍ରତିଶୋଧ ପାଇଁ କିଛି ଅନୁମତି ନେବାକୁ ରାଷ୍ଟ୍ରପତିଙ୍କୁ ଶାହ ଓ ଜୟଶଙ୍କର ଭେଟିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ବିଏସ୍ଏଫ୍ ଯବାନଙ୍କୁ ଅଟକ ରଖିଲେ ପାକିସ୍ତାନୀ ରେଞ୍ଜର୍ସ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। ଏଭଳି ସମୟରେ ଫିରୋଜପୁରର ଭାରତ-ପାକିସ୍ତାନ ସୀମାରେ ମୁତୟନ ଜଣେ ବିଏସଏଫ୍ ଯବାନ ଭୁଲବଶତଃ ସୀମା ଅତିକ୍ରମ କରି ପାକିସ୍ତାନରେ ପହଞ୍ଚିଯାଇଥିଲେ। ଏହି ଘଟଣା ପରେ ପାକିସ୍ତାନୀ ରେଞ୍ଜର୍ସମାନେ ତାଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି। ବିଏସ୍ଏଫ୍ ଯବାନଜଣକ ଫସଲ ଅମଳ କରୁଥିବା ଚାଷୀମାନଙ୍କ ଉପରେ ନଜର ରଖିବା ପାଇଁ ଯାଇଥିବା ବେଳେ ଭୁଲବଶତଃ ପାକ ସୀମା ଅତିକ୍ରମ କରିଯାଇଥିଲେ। ତେବେ ବିଏସଏଫ ଅଧିକାରୀମାନେ ସୀମାରେ ପହଞ୍ଚି ଯବାନ୍‌ଙ୍କୁ ମୁକ୍ତ କରିବା ପାଇଁ ସୀମାରେ ପାକ୍ ରେଞ୍ଜର୍ସଙ୍କ ସହ ଆଲୋଚନା କରିଛନ୍ତି। ପ୍ରକାଶ, ଜିରୋ ଲାଇନ ପୂର୍ବରୁ ଏହି ଅଞ୍ଚଳରେ ଚାଷୀମାନଙ୍କୁ ଚାଷ କରିବାର ଅନୁମତି ଦିଆଯାଇଛି। ଏହା ସତ୍ତ୍ୱେ ବିଏସଏଫ୍ ଯବାନମାନେ ଫସଲ ବୁଣା ଏବଂ ଅମଳ ସମୟରେ ସୁରକ୍ଷା ଦୃଷ୍ଟିରୁ ଚାଷୀଙ୍କ ସହିତ ରହିଥାଆନ୍ତି। ବିଏସଏଫ୍ ଯବାନଙ୍କୁ ଚାଷୀଙ୍କ ରକ୍ଷକ ମଧ୍ୟ କୁହାଯାଏ।

## ଭାରତର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ବିଚଳିତ

# ବନ୍ଦ କଲା ଆକାଶପଥ, ରଦ୍ଦ କଲା ୧୯୭୨ ଶିମ୍ଲା ଚୁକ୍ତି



ଭାରତର ସିନ୍ଧୁ ଜଳ ଚୁକ୍ତିନାମା ରଦ୍ଦ କରିବା ନିଷ୍ପତ୍ତି ବିରୋଧରେ ଦେଲା ଚେତାବନୀ

**ଇସଲାମାବାଦ୍, ୨୪।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ପକ୍ଷରୁ ଦିନକ ପୂର୍ବେ କୂଟନୈତିକ ସ୍ତରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ବିଚଳିତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଭାରତ ବିରୋଧରେ ପାକିସ୍ତାନ ଏବେ କେତେକ କାଉଣ୍ଟର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସମ୍ପର୍କରେ ସୂଚନା ମିଳିଛି। ଗୁରୁବାର ପାକିସ୍ତାନ ସରକାର ଏବଂ ସେନା ମିଳିତ ଭାବେ ଏକ ବୈଠକ କରିଛନ୍ତି ଏବଂ ଏଥିରେ ଭାରତ ବିରୋଧରେ କେତେକ ନିଷ୍ପତ୍ତି ମଧ୍ୟ ଗହଣ କରିଛନ୍ତି। ରିପୋର୍ଟ ଅନୁସାରେ ପାକିସ୍ତାନ ପ୍ରଥମତଃ ଭାରତ ପାଇଁ ନିଜ ଆକାଶପଥକୁ ବନ୍ଦ କରିଦେଇଛି। ପାକିସ୍ତାନ ଏବେ ଭାରତ ପଟୁ ଆକ୍ରମଣ ଆଶଙ୍କା କରୁଥିବା ବେଳେ ନିଜ ଆକାଶମାର୍ଗକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ଦ୍ୱିତୀୟରେ ପାକିସ୍ତାନ ୧୯୭୨ ମସିହାରେ ଭାରତ ସହ ହୋଇଥିବା ଶିମ୍ଲା ଚୁକ୍ତିକୁ ମଧ୍ୟ ରଦ୍ଦ କରିଛି। ତୃତୀୟ କାର୍ଯ୍ୟାନୁଷ୍ଠାନ ଭାବେ ପାକିସ୍ତାନ ମଧ୍ୟ ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ ଭିସାବ୍ୟବସ୍ଥାକୁ ରଦ୍ଦ କରିଛି ଏବଂ ଭାରତୀୟଙ୍କୁ ପାକିସ୍ତାନ ଛାଡିବାକୁ ମହଲତ ଦେଇଛି। ଭାରତ ଯେଉଁ ସିନ୍ଧୁ ଜଳ ଚୁକ୍ତିନାମାକୁ ରଦ୍ଦ କରିବା ନେଇ ଘୋଷଣା କରିଛି ପାକିସ୍ତାନ ଏହାକୁ 'ଆକ୍ଟ ଅଫ୍ ୱାର' ଭାବେ ଅଭିହିତ କରିଛି। ଏସବୁ ସହ ପାକିସ୍ତାନ ଭାରତ ସହ ସବୁପ୍ରକାର ବାଣିଜ୍ୟିକ କାରବାରକୁ ମଧ୍ୟ ବାତିଲ କରିଛି।

ପାକିସ୍ତାନ ପକ୍ଷରୁ ଏନେଇ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ବୈଠକରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ବିଲାୱାଲ୍ ଭୁଟ୍ଟୋଙ୍କ ସହ ଦେଶର ସେନା ମୁଖ୍ୟ ଜେନେରାଲ ମୁନିର ଏବଂ ଅନ୍ୟ ସାମରିକ ମୁଖ୍ୟ ତଥା ଅନ୍ୟ ନେତା ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ 'ପାକିସ୍ତାନର ସାର୍ବଭୌମତ୍ୱ ଏବଂ ଏହାର ଲୋକଙ୍କ ସୁରକ୍ଷା ପ୍ରତି ଯେକୌଣସି ବିପଦର ମୁକାବିଲା ସମସ୍ତ କ୍ଷେତ୍ରରେ ଦୃଢ଼ ପାରସ୍ପରିକ ପଦକ୍ଷେପ ସହିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଭାରତ ପରି, ପାକିସ୍ତାନ ମଧ୍ୟ ଭାରତ ଏବଂ ପାକିସ୍ତାନ ଶାସିତ କାଶ୍ମୀର ଉଭୟ ଅଂଶକୁ ନିଜର ବୋଲି ଦାବି କରେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ପାକିସ୍ତାନ ମଧ୍ୟ ନିନ୍ଦା କରୁଛି। କିନ୍ତୁ ଏହାକୁ ଆଳକରି ଭାରତ ଯଦି ଆକ୍ରମଣ କରେ କିମ୍ବା ଅନ୍ୟ କୌଣସି କାଯ୍ୟାନୁଷ୍ଠାନ ପାଇଁ ସାମାନ୍ୟତମ ସ୍ତରରେ ମଧ୍ୟ ଅଗ୍ରସର ହୁଏ ତେବେ ପାକିସ୍ତାନ ମଧ୍ୟ ଚୁପ୍ ରହିବ ନାହିଁ। ପାକିସ୍ତାନକୁ ସିନ୍ଧୁ ନଦୀ ଜଳବନ୍ଦ କରିବା କିମ୍ବା ଏହାର ଦିଗକୁ ଅନ୍ୟତ୍ର ପରିବର୍ତ୍ତନ କରିବା ପାଇଁ ଯେକୌଣସି ପ୍ରୟାସକୁ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ।

ପ୍ରକାଶ, ଦିନକ ପୂର୍ବେ ଭାରତ ସରକାର ପାକିସ୍ତାନ ବିରୋଧରେ ୫ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଘୋଷଣା କରିଥିଲେ। ଏହି ୫ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରେ ଭାରତ ସରକାର ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିଛନ୍ତି। ସେହିପରି ଭାରତ ସରକାର ସାର୍କ ଭିସା ରଦ୍ଦ କରିବା ସହ ଭାରତ ଛାଡିବାକୁ ପାକ୍ ନାଗରିକଙ୍କୁ ୪୮ ଘଣ୍ଟାର ମହଲତ ଦେଇଛନ୍ତି। ଏତଦ୍‌ବ୍ୟତୀତ ଅଟ୍ଟାରୀ-ୱାଘା ଚେକ୍‌ପୋଷ୍ଟ ବନ୍ଦ କରିବା, ପାକ୍ ଦୂତାବାସ ବନ୍ଦ କରିବା ସହ ୭ଦିନରେ ଦୂତାବାସ ଖାଲି କରିବାକୁ ମଧ୍ୟ ନିର୍ଦ୍ଦେଶ ଜାରି କରିଛନ୍ତି। ଇସଲାମାବାଦ୍ ସ୍ଥିତ ଭାରତୀୟ ଦୂତାବାସ ଅଧିକାରୀଙ୍କୁ ସ୍ୱଦେଶ ଫେରିବାକୁ ମଧ୍ୟ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ସମ୍ବନ୍ଧୀତ କେନ୍ଦ୍ର କ୍ୟାବିନେଟ୍ ଏନେଇ ନିଷ୍ପତ୍ତି ନେଇଥିଲେ।

### ଶିମ୍ଲା ଚୁକ୍ତି କ'ଣ ?

ଭାରତ ଉପରେ ଏହାର କି ପ୍ରଭାବ ପଡ଼ିବ ?

୧୯୭୧ ମସିହାରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ପରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତି ଥିଲା। ୨ ଜୁଲାଇ ୧୯୭୨ରେ ସ୍ୱାକ୍ଷରିତ ଏହି ଚୁକ୍ତିନାମାକୁ ଶିମ୍ଲା ଶାନ୍ତି ଚୁକ୍ତିନାମା ଭାବେ ମଧ୍ୟ ବିବେଚନା କରାଯାଏ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତି ପୁନଃସ୍ଥାପନ ଏବଂ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ଏହା ଚୁକ୍ତିନାମା ଉଦ୍ଦିଷ୍ଟ ଥିଲା। ୧୯୭୧ ଯୁଦ୍ଧ ପୂର୍ବ ପାକିସ୍ତାନକୁ ବିଭାଜିତ କରିଥିଲା ଏବଂ ଭାରତୀୟ ହସ୍ତକ୍ଷେପ ପରେ ସ୍ୱାଧୀନ ବାଂଲାଦେଶର ସୃଷ୍ଟି ହୋଇଥିଲା। ହିମାଚଳ ପ୍ରଦେଶର ସିମଲାରେ ସ୍ୱାକ୍ଷରିତ ଏହି ଚୁକ୍ତିନାମା ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାନୀ ରାଷ୍ଟ୍ରପତି ଜୁଲଫିକର ଅଲି ଭୁଟ୍ଟୋଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା।

# ବଢ଼ୁଛି ଦ୍ୱିପାକ୍ଷିକ ଉତ୍ତେଜନା



# ଆଇଏନ୍ଏସ୍ ସୁରତ୍'ର ସଫଳ ପରୀକ୍ଷଣ କଲା ଭାରତ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କେନ୍ଦ୍ର କରି ଭାରତ-ପାକିସ୍ତାନ ମଧ୍ୟରେ ଏବେ ଦ୍ୱିପାକ୍ଷିକ ଉତ୍ତେଜନା ତୀବ୍ରତର ହୋଇଛି। ଏପରି ଏକ ସମୟରେ ଭାରତ ନୌସେନାର କ୍ଷେପଣାସ୍ତ୍ର ବିଧ୍ୱଂସକ 'ଆଇଏନ୍ଏସ୍ ସୁରତ'ର ସଫଳ ପରୀକ୍ଷଣ କରିଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୭୦ କିଲୋମିଟର ରହିଥିବା ବେଳେ ଜଳମାର୍ଗରେ ଏହା ଶତ୍ରୁପକ୍ଷରୁ ଜାହାଜଗୁଡ଼ିକୁ ନିମିଷକ ମଧ୍ୟରେ ଧ୍ୱଂସ କରିଦେବାର ସାମର୍ଥ୍ୟ ରଖୁଛି। ଭାରତୀୟ ନୌସେନା ପକ୍ଷରୁ ଏସମ୍ପର୍କରେ ଦିଆଯାଇଥିବା ସୂଚନାନୁସାରେ ସର୍ବଶେଷ ସ୍ୱଦେଶୀ କ୍ଷେପଣାସ୍ତ୍ର ବିଧ୍ୱଂସକ ଜାହାଜ 'ଆଇଏନ୍ଏସ୍ ସୁରତ' ସମୁଦ୍ରରେ ଅବସ୍ଥିତ ଏକ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଆକ୍ରମଣ କରିଛି। ଏହା ନୌସେନାର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସଫଳତା ସ୍ୱଦେଶୀ ଯୁଦ୍ଧଜାହାଜ ଡିଜାଇନ, ବିକାଶ ଏବଂ କାର୍ଯ୍ୟରେ ଭାରତର ବର୍ଦ୍ଧିତ ଶକ୍ତିକୁ ପ୍ରଦର୍ଶନ କରେ ଏବଂ ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ନୌସେନା କହିଛି, ଏହି 'ମାଇଲଖୁଣ୍ଟ' ଦେଶର ସାମୁଦ୍ରିକ ସ୍ୱାର୍ଥର ସୁରକ୍ଷା ପାଇଁ ସୁରକ୍ଷାବାହିନୀର 'ଅଟଳ ପ୍ରତିବଦ୍ଧତା'ର ଏକ ପ୍ରମାଣ। ତେବେ କେବଳ ଆଇଏନ୍ଏସ୍ ସୁରତ୍ ନୁହେଁ ବରଂ ଏକାଧିକ ସାମରିକ ପରୀକ୍ଷଣ ଦିଗରେ ମଧ୍ୟ ଭାରତ ଯୋଜନା କରୁଛି। ଟେକ୍ନୋଲୋଜି ସମ୍ପନ୍ନ ସାମରିକ ଉପକରଣସବୁର ପରୀକ୍ଷଣ ଏପରି ଏକ ସମୟରେ ହେଉଛି ଯେତେବେଳେ କି ଶତ୍ରୁପକ୍ଷ ବିରୋଧରେ ଦେଶ ଏକ ପ୍ରତିଶୋଧମୂଳକ ମନୋଭାବନାକୁ ପୋଷଣ କରିବା ଆରମ୍ଭ କରିଛି।



## ଆରବସାଗରରେ ପାକିସ୍ତାନର ଫାୟାରିଂ ଡ୍ରିଲ୍

# ଜବାବରେ ଆଇଏନ୍ଏସ୍ ବିକ୍ରାନ୍ତ ସାମ୍ନାକୁ ଆଣିଲା ଭାରତ

**ଇସଲାମାବାଦ,୨୪।୪/ଏଜେନ୍ସି:** ପାକିସ୍ତାନ ମଧ୍ୟ ଆରବସାଗରରେ ଆରମ୍ଭ କଲା ଫାୟାରିଂ ଡ୍ରିଲ ଆରମ୍ଭ କରିଛି। ପହଲଗାମ ହତ୍ୟାକାଣ୍ଡ ପରେ ଭାରତର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ପାକିସ୍ତାନ ଗୱାଦର ବନ୍ଦର ନିକଟରେ କ୍ଷେପଣାସ୍ତ୍ର ମାଡ଼ ଅଭ୍ୟାସ ଆରମ୍ଭ କରିଛି। ତେବେ ପାକିସ୍ତାନର ଏହି କାର୍ଯ୍ୟାନୁଷ୍ଠାନର ଜବାବରେ, ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତ'କୁ ସାମ୍ନାକୁ ଆଣିଛି। ଆଇଏନ୍ଏସ୍ ବିକ୍ରାନ୍ତ' ନିଜ ଭିତରେ ଏକ ବଡ଼ ଆର୍ମି ଭାବେ ବିବେଚନା କରାଯାଏ। ଏଥିରେ ଏମ୍‌ଆଇଜି-୨୯ ଭଳି ଲଢୁଆ ବା ଯୁଦ୍ଧ ବିମାନ ସହ ଲଢୁଆ ହେଲିକପ୍ଟରଗୁଡ଼ିକୁ ନିୟୋଜିତ କରାଯାଇଛି। କେବଳ ସେତିକି ନୁହେଁ ଆଇଏନ୍ଏସ୍ ବିକ୍ରାନ୍ତରେ ନିୟୋଜିତ ହେବାକୁ ଥିବା ୨୬ଟି ରାଫାଲ ଯୁଦ୍ଧବିମାନର ସାମୁଦ୍ରିକ ସଂସ୍କରଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ନୌସେନାର କରୱାର ନୌସେନା ଘାଟିରୁ ଆଇଏନ୍ଏସ୍ ବିକ୍ରାନ୍ତ ଏବେ ଆରବସାଗର ଅଭିମୁଖେ ଯାତ୍ରା ଆରମ୍ଭ କରିଛି, ଯାହାର ସାଟେଲାଇଟ ଚିତ୍ର ସାମ୍ନାକୁ ଆସିଛି। ଏହି ବିମାନ ବାହକ ତଥା ଲଢୁଆ ଜାହାଜର ଷ୍ଟ୍ରାଇକ ଫୋର୍ସ ରେଞ୍ଜ ୧୫୦୦ କିଲୋମିଟର। ଏହା ୬୪ଟି ବାରାକ କ୍ଷେପଣାସ୍ତ୍ର ସହିତ ସଜ୍ଜିତ, ଯାହା ଜାହାଜରୁ ଆକାଶ ମାର୍ଗରେ ମଧ୍ୟ ଆକ୍ରମଣ କରିବାକୁ ସକ୍ଷମ। ଆଇଏନ୍ଏଓ୍ ବିକ୍ରାନ୍ତ ଏହାର ଶକ୍ତି ଏବଂ କ୍ଷମତା ଯୋଗୁଁ ବିଶ୍ୱର ଶ୍ରେଷ୍ଠ ୧୦ ବିମାନ ବାହକ ଯୁଦ୍ଧଜାହାଜରେ ସାମିଲ ହୋଇଛି।

## ମଧୁବନ୍‌ରୁ ମୋଦୀଙ୍କ ହୁଂକାର

# ମାଟିରେ ମିଶାଇଦେବୁ

**ନୂଆଦିଲ୍ଲୀ, ୨୪।୪/ଏଜେନ୍ସି:** କାଶ୍ମୀର ଉପତ୍ୟକା ପହଲଗାମ୍‌ରେ ୨୮ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ଭାରତ ଏବେ ପ୍ରତିକ୍ରିୟାଶୀଳ ହୋଇପଡିଛି। ଦେଶର କୋଣଅନୁକୋଣରୁ ପ୍ରତିଶୋଧ'ର ସ୍ୱର ଆସିବାରେ ଲାଗିଛି। ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ପ୍ରତିକ୍ରିୟା ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଆଜି (ଗୁରୁବାର) ବିହାର ମାଟିରୁ ମୋଦୀ ଯୁଦ୍ଧ ହୁଂକାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ପହଞ୍ଚିବା ପରେ ପ୍ରଥମେ ପହଲଗାମରେ ମୃତକଙ୍କୁ ହାତଯୋଡି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତା'ପରେ ତାଙ୍କ ଭାଷଣ ଆରମ୍ଭ କରିଥିଲେ।

ବିହାରର ମଧୁବନ୍‌ରେ ଆୟୋଜିତ ଏକ ରାଲିରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ଉଗ୍ର ଛବି ସମସ୍ତଙ୍କ ସାମ୍ନାକୁ ଆସିଛି। ଏହିଠାରୁ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେବାକୁ ଯାଇ ମୋଦୀ କହିଛନ୍ତି, 'ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ଏବଂ ସେମାନଙ୍କ ପଛରେ ଥିବା ଲୋକଙ୍କୁ ଏପରି ଦଣ୍ଡ ମିଳିବ ଯାହା ସେମାନେ କଳ୍ପନା ମଧ୍ୟ କରିନଥିବେ। ଯେଉଁମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିଛନ୍ତି, ସେମାନଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଛଡ଼ାଯିବ ନାହିଁ। ସେମାନଙ୍କୁ ମାଟିରେ ମିଶାଇଦିଆଯିବ। ସମୟ ଆସିଯାଇଛି ଏବେ ସେମାନଙ୍କ ବଳକା ଭୂମିକୁ ମଧ୍ୟ ଧୂଳିସାତ୍ କରିଦିଆଯିବ। ଆତଙ୍କବାଦୀଙ୍କ ଏପ୍ରକାର କାପୁରୁଷ କାର୍ଯ୍ୟରେ ଭାରତ କେବେ ବି ମୁଣ୍ଡ ନୁଆଁଇବ ନାହିଁ। ବରଂ ସେମାନଙ୍କ ମେରୁଦଣ୍ଡକୁ ଭାଙ୍ଗିଦେବା ଦିଗରେ ଭାରତ ଏବେ କାମ କରିବ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ନିର୍ଦ୍ଦୋଷ ଏବଂ ନିରସ୍ତ୍ର ଲୋକଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ଏଥିପାଇଁ ଦେଶ ଦୁଃଖିତ। ସମଗ୍ର ଦେଶ ମୃତକଙ୍କ ପରିବାର ସହିତ ଛିଡ଼ା ହୋଇଛି। ଏହି ଆକ୍ରମଣ ପର୍ଯ୍ୟଟକଙ୍କ ଉପରେ ନୁହେଁ, ଏହା ଭାରତର ଆତ୍ମା ଉପରେ। ଯିଏ ବି ଏହି ଆକ୍ରମଣ କରିଛି, ସେହି ଆତଙ୍କବାଦୀମାନେ କଳ୍ପନାଠାରୁ ମଧ୍ୟ ବଡ଼ ଦଣ୍ଡ ପାଇବେ। ୧୪୦ କୋଟି ଭାରତୀୟଙ୍କ ଇଚ୍ଛାଶକ୍ତି ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେବ। ସେମାନଙ୍କୁ ମାଟିରେ ମିଶାଇ ଦିଆଯିବ। ସାରା ଦେଶ ଏହି ସଂକଳ୍ପ ଉପରେ ଦୃଢ଼। ଭାରତ ପ୍ରତ୍ୟେକ ଆତଙ୍କବାଦୀ ଏବଂ ତାଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ଠାବ କରିବ ଏବଂ ଦଣ୍ଡ ଦେବ। ଆତଙ୍କବାଦୀମାନଙ୍କୁ ଛଡ଼ାଯିବ ନାହିଁ। ମାନବତାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଆମ ସହିତ ଅଛନ୍ତି। ଏହି କଷ୍ଟକର ସମୟରେ ଆମ ସହିତ ଠିଆ ହୋଇଥିବା ବିଭିନ୍ନ ଦେଶର ଲୋକଙ୍କୁ ଏବଂ ସେମାନଙ୍କର ନେତାମାନଙ୍କୁ ମୋଦୀ ଧନ୍ୟବାଦ ଜଣାଇଛନ୍ତି।



# ଭାରତୀୟ ବାୟୁସେନାର ଯୁଦ୍ଧାଭ୍ୟାସ ଆରମ୍ଭ

## ଏଲ୍ଓସିରେ ସୁରକ୍ଷା ବଢ଼ାଇଲା ପାକିସ୍ତାନ




**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ୍ ତିକ୍ତତା ମଧ୍ୟରେ ଭାରତୀୟ ବାୟୁସେନା ଏବେ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି। ଏହି ଯୁଦ୍ଧାଭ୍ୟାସର ନାମ 'ଆକ୍ରମଣ' ରଖାଯାଇଛି। ବାୟୁସେନା ଏହି ଯୁଦ୍ଧାଭ୍ୟାସରେ ରାଫେଲ ଯୁଦ୍ଧ ବିମାନକୁ ସାମିଲ କରିଛି। ଭାରତୀୟ ବାୟୁସେନା ପଶ୍ଚିମବଙ୍ଗର ଅମ୍ବାଲା ଏବଂ ହାସିମାରାରେ ଦୁଇଟି ସ୍କ୍ୱାର୍ଡନ୍ ରାଫେଲ୍ ବିମାନ ପରିଚାଳନା କରୁଥିବା ବେଳେ ଏବେ କେନ୍ଦ୍ରୀୟ କ୍ଷେତ୍ରରେ ଏକ ବଡ଼ ଧରଣର ଆକ୍ରମଣ ଅଭ୍ୟାସ କରିବା ନେଇ ସୂଚନା ମିଳିଛି। ରିପୋର୍ଟ ଅନୁସାରେ 'ଏହି ଅତ୍ୟାଧୁନିକ ଲଢୁଆ ବିମାନଗୁଡ଼ିକ ଭୂମି ଆକ୍ରମଣ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ଅଭ୍ୟାସ ସହିତ ଜଟିଳ ମିଶନ୍ ପରିଚାଳନା କରୁଛନ୍ତି। ଏତଦ୍‌ବ୍ୟତୀତ ଭାରତୀୟ ବାୟୁସେନା ଦକ୍ଷିଣ ଏସୀୟ କ୍ଷେତ୍ରରେ ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଟାର୍ଗେଟ୍ କରିବା ପୂର୍ବକ ଏହି ଯୁଦ୍ଧାଭ୍ୟାସରେ ମିଟିଓର ଏୟାର ମିସାଇଲ ଏବଂ ରାମ୍ପେଜ୍ ଏବଂ ରକ୍ସ ପରି ଦୀର୍ଘ ଦୂରଗାମୀ ହାଇ ସ୍ପିଡ୍ କମ୍ ଡ୍ରାଗ୍ ମିସାଇଲକୁ ମଧ୍ୟ ସାମିଲ କରିଛି। ଏହି ଅଭ୍ୟାସକୁ ବାୟୁସେନା ମୁଖ୍ୟାଳୟ ଦ୍ୱାରା କଡ଼ା ନଜର ରଖାଯାଇଛି। ଭାରତୀୟ ବାୟୁସେନାର ଶ୍ରେଷ୍ଠ ପାଇଲଟମାନେ ଉଚ୍ଚ ଯୋଗ୍ୟତାପ୍ରାପ୍ତ ପ୍ରଶିକ୍ଷକଙ୍କ କଡ଼ା ତଦାରଖରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରୁଛନ୍ତି।

ପ୍ରକାଶ, ଗତ ଫେବୃଆରୀ ୨୦୧୯ରେ ପୁଲଓ୍ୱାମା ଆକ୍ରମଣ ପରେ ପାକିସ୍ତାନ ଭିତରେ ଆକ୍ରମଣ କରିବା ପାଇଁ ଭାରତୀୟ ବାୟୁସେନାକୁ ବହୁଳ ଭାବରେ ବ୍ୟବହାର କରାଯାଇଥିଲା। ଭାରତୀୟ ବାୟୁସେନା ସେବେ ଠାରୁ ରାଫେଲ ଯୁଦ୍ଧ ବିମାନ ହାସଲ କରିଛି ଏବଂ ଏହି ଅଞ୍ଚଳରେ ନିଜର ନେତୃତ୍ୱ ଫେରିପାଇଛି। ଭାରତୀୟ ବାୟୁସେନା ୨୦୧୯ରେ ମିରେଜ୍ ୨୦୦୦ ଲଢୁଆ ବିମାନ ବ୍ୟବହାର କରିଥିଲା। କିନ୍ତୁ ଏବେ ରାଫେଲ ଭଳି ଲଢୁଆ ବିମାନ ସହ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭଳି ଅନେକ ଫୋର୍ସ ମଲ୍ଟିପ୍ଲାୟର୍ ମଧ୍ୟ ବ୍ୟବହାର କରୁଛି। ଯାହା ଶତ୍ରୁ ପକ୍ଷର ବାୟୁବାହୀ ପ୍ରାରମ୍ଭିକ ଚେତାବନୀ ଏବଂ ନିୟନ୍ତ୍ରଣ ବିମାନ ବିରୁଦ୍ଧରେ ବହୁତ ପ୍ରଭାବଶାଳୀ ହୋଇପାରେ। ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନ ସେନା ମଧ୍ୟ ଏବେ ଏଲଓସି ପ୍ରାନ୍ତରେ ନିଜ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିଛି। ନିଜ ସେନାବଳରେ ପାକିସ୍ତାନ ମଧ୍ୟ ଅନେକ ଲଢୁଆ ବିମାନକୁ ସାମିଲ କରିବା ସହ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସୀମାରେ ବଙ୍କରରେ ରହି ଭାରତୀୟ ସେନାର ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଜାରି କରିଛି।

# ୟୁକ୍ରେନ୍ ଉପରେ ରୁଷ୍‌ର ରାତିଅଧିଆ ଆକ୍ରମଣ

## ୯ ମୃତ, ୮୦ରୁ ଅଧିକ ଆହତ



୭୦ରୁ ଅଧିକ କ୍ଷେପଣାସ୍ତ୍ର ୧୫୦ ଡ୍ରୋନ୍ ଆକ୍ରମଣରେ ଥରିଲା କିଭ୍

**ମସ୍କୋ,କିଭ୍, ୨୪।୪/ଏଜେନ୍ସି:** ରୁଷ୍ ପକ୍ଷରୁ ପୁଣିଥରେ ୟୁକ୍ରେନ୍ ଉପରେ ଏକ ଭୟାବହ ଆକ୍ରମଣ ହୋଇଛି। ରିପୋର୍ଟ ଅନୁସାରେ ରୁଷ୍ ସେନା ରାତିଅଧିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଛନ୍ତି। ୟୁକ୍ରେନ ଉପରେ ୭୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିବା ସହ ୧୫୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଛି। ତେବେ ଏହି ଆକ୍ରମଣରେ ପ୍ରାୟ ୯ଜଣଙ୍କ ପ୍ରାଣହାନୀ ହୋଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି ବୋଲି ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, 'ଆକ୍ରମଣର ଉଦ୍ଦେଶ୍ୟ ହାସଲ କରାଯାଇଛି'।

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅନୁଯାୟୀ, "ରୁଷ୍ ଗତ ୪୪ ଦିନ ଧରି ଶାନ୍ତି ଆଲୋଚନା ଉଲ୍ଲଂଘନ କରୁଛି ଏବଂ ନିରନ୍ତର ଲୋକଙ୍କୁ ହତ୍ୟା କରୁଛି। 'ୟୁକ୍ରେନ ସମ୍ପୂର୍ଣ୍ଣ ଯୁଦ୍ଧବିରତି ଏବଂ ଆକ୍ରମଣ ବନ୍ଦ କରିବାକୁ ରାଜି ହେବାର ୪୪ ଦିନ ବିତିଯିବା ସତ୍ତ୍ୱେ ରୁଷ୍ ଏହି ସଂହାର ପ୍ରକ୍ରିୟା ଜାରି ରଖିଛି। ତେବେ ଯୁଦ୍ଧବିରତି ଆମେରିକାର ପ୍ରସ୍ତାବ ଥିଲା। ୟୁକ୍ରେନ୍ ଏଥିରେ ସମ୍ମତି ଜଣାଇବା ପରେ ମଧ୍ୟ ରୁଷ୍ ନିଜ ଉତ୍ତରଦାୟିତ୍ୱକୁ ଏଡାଇବାକୁ ଯାଇ ଏସବୁ କରୁଛି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱର ସମସ୍ତେ ପ୍ରକୃତରେ କ'ଣ ଘଟୁଛି ତାହା ଦେଖୁଛନ୍ତି ଏବଂ ବୁଝିପାରୁଛନ୍ତି। ରୁଷ୍ ରାତି ସମୟରେ ୟୁକ୍ରେନର ପ୍ରତିରକ୍ଷା ଶିଳ୍ପକୁ ଟାର୍ଗେଟ କରି ଏକ ବଡ଼ ଆକ୍ରମଣ କରିଛି। ଏହି ଆକ୍ରମଣରେ ରାଜଧାନୀ କିଭ୍‌ରେ ଥିବା 'ରକେଟ୍ ଇନ୍ଧନ ଏବଂ ବାରୁଦ' ଉତ୍ପାଦନ କରୁଥିବା କାରଖାନାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି।" ସେହିପରି ୟୁକ୍ରେନର ବିମାନ ଚଳାଚଳ, ମହାକାଶ, ମେସିନ୍-ନିର୍ମାଣ ଏବଂ ସଶସ୍ତ୍ର ଯାନ ଶିଳ୍ପ ଉପରେ ଦୂରଗାମୀ ବାୟୁ, ସ୍ଥଳ ଏବଂ ସମୁଦ୍ରଭିତ୍ତିକ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ସହିତ ଏକ ବଡ଼ ଆକ୍ରମଣ କରିଥିଲେ ବୋଲି ମଧ୍ୟ ଜେଲେନ୍‌ସ୍କି ସ୍ପଷ୍ଟ କରିଛନ୍ତି।

ଜେଲେନ୍‌ସ୍କି କହିଛନ୍ତି ଯେ ସେ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରପତି ରାମାଫୋସା (ଯିଏ ବର୍ତ୍ତମାନ ଜି-୨୦ର ଅଧ୍ୟକ୍ଷ)ଙ୍କୁ ସାମ୍ପ୍ରତିକ ପରିସ୍ଥିତି ଏବଂ ବିଶ୍ୱ କୂଟନୈତିକ ପ୍ରୟାସକୁ ତୀବ୍ର କରିବାର ଆବଶ୍ୟକତା ବିଷୟରେ ଅବଗତ କରାଇବେ। ଆକ୍ରମଣଗୁଡ଼ିକୁ ତୁରନ୍ତ ଏବଂ ନିଃସର୍ତ୍ତ ଭାବରେ ବନ୍ଦ କରାଯିବା ଉଚିତ୍। ଆମେ ମାନବିକତା ମାମଲାରେ ମଧ୍ୟ ସମର୍ଥନ ଆଶା କରୁଛୁ। ରୁଷ ଦ୍ୱାରା ଅପହୃତ ୟୁକ୍ରେନୀୟ କଏଦୀ ଏବଂ ୟୁକ୍ରେନୀୟ ପିଲାମାନଙ୍କୁ ଫେରାଇ ଆଣିବା ଦିଗରେ ଆମେ ନିରନ୍ତର ସମର୍ଥନ ହାସଲ ଦିଗରେ ଚେଷ୍ଟା ଜାରି ରଖିବୁ। ପ୍ରକାଶ, ଜେଲେନ୍‌ସ୍କି ଏବେ ରାଷ୍ଟ୍ରପତି ରାମାଫୋସାଙ୍କୁ ସାକ୍ଷାତ କରିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତରେ ଅଛନ୍ତି।



ପୁରୀ ଜିଲ୍ଲା ତାଳବଣିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ନେତୃବୃନ୍ଦ



ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରୁଛନ୍ତି ଦେବପ୍ରସାଦ ଦାଶ



ପହଲଗାମ ଆତଙ୍କୀ ଆକ୍ରମଣରେ ମୃତ ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ଶେଷଯାତ୍ରାରେ ମୁଖ୍ୟମନ୍ତ୍ରୀ

## ‘ପଞ୍ଚାୟତିରାଜ ବ୍ୟବସ୍ଥାକୁ ବାବୁରାଜଙ୍କ କବଳରୁ ରକ୍ଷା ଜରୁରୀ’

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ପଞ୍ଚାୟତିରାଜ ବ୍ୟବସ୍ଥା ଏବେ ବାବୁରାଜଙ୍କ କବଳରେ ରହିଛି। ଯାହାକୁ ସେମାନଙ୍କ କବଳରୁ ନିହାତି ରକ୍ଷା କରିବା ଜରୁରୀ। ଗୁରୁବାର ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନେ ଏହା କହିଛନ୍ତି। ଏହି ସମାରୋହକୁ ଓଡ଼ିଶାର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଉଦଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ମହାସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ଏହି ଅବସରରେ ‘ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ଓ ପଞ୍ଚାୟତିରାଜ’ ବିଷୟ ବସ୍ତୁ ଉପରେ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ ବିଶିଷ୍ଟ ଲେଖକ ଦାଶ ବେନହୁର କହିଥିଲେ ଯେ, ପଞ୍ଚାୟତ ବ୍ୟବସ୍ଥା ଭାରତୀୟ ସାମାଜିକ ଓ ରାଜନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଆସିଛି। ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ତାକୁ ଏକ ଦିଶା ଦେଖାଇଥିବା ବେଳେ ରାଜୀବ ଗାନ୍ଧୀ ତାକୁ ଅଧିକ ବ୍ୟବସ୍ଥିତ କରିଥିଲେ। ସମ୍ବିଧାନର ୭୩ ତମ ସଂଶୋଧନ ଆଇନ ଥିଲା ଦେଶରେ କ୍ଷମତା ବିକେନ୍ଦ୍ରୀକରଣ ର ଏକ ବୈପ୍ଳବିକ ପଦକ୍ଷେପ। ମାତ୍ର ତାହା ଆଜି ଅମଲାତନ୍ତ୍ରର କବଳରେ କବଳିତ। ସେଥିରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ ନକଲେ ଗାଁର ବିକାଶ ସମ୍ଭବ ନୁହେଁ। ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ଓଡ଼ିଶାର ପୂର୍ବତନ ନିର୍ବାଚନ କମିଶନର ସଞ୍ଜୀବ ହୋତା କହିଲେ ଯେ ଗ୍ରାମ ସଭା ଓ ପଲ୍ଲୀ ସଭାକୁ ସମ୍ବିଧାନ ଯେଉଁ ଅଧିକର ଦେଇଛି ତାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ଜନ ଅନଦୋଳନ ର ଆବଶ୍ୟକତା ରହିଛି। ବିଶିଷ୍ଟ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ସର୍ବ ଭାରତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ବିଶିଷ୍ଟ ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଏହି ଅଧିବେଶନରେ ବକ୍ତବ୍ୟ ରଖିଥିଲେ। ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ।

ସେହିପରି ‘ପଞ୍ଚାୟତିରାଜ ବନାମ ବାବୁରାଜ’ ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବରେ ରମାଦେବୀ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ ମାନସ ବେହେରା ଯୋଗ ଦେଇ ରାଜ୍ୟଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର ସ୍ୱାୟତ୍ତ ଶାସନ ବ୍ୟବସ୍ଥା କିପରି ଅମଲାତନ୍ତ୍ରର କବଳିତ ହୋଇଛି ତାର ଅବତାରଣା କରିଥିଲେ ଏବଂ ଏଥିରୁ ମୁକ୍ତ ନହେଲେ ବାସ୍ତବ ବିକାଶ ସମ୍ଭବ ହେବ ନାହିଁ ବୋଲି ସତର୍କ କରାଇଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଧାର ପାଇଁ ଏକ ବ୍ୟାପକ ପ୍ରୟାସ ଆବଶ୍ୟକ ବୋଲି

**ପଞ୍ଚାୟତିରାଜ ବ୍ୟବସ୍ଥାର ସୁଧାର ପାଇଁ ବ୍ୟାପକ ପ୍ରୟାସ ଆବଶ୍ୟକ**

କହିବା ସହିତ ରାଜ୍ୟର ସମସ୍ତ ପଞ୍ଚାୟତ ପ୍ରତିନିଧି ମାନଙ୍କର ଏକ ମହାସମାବେଶ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅଧିବେଶନରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ ଅତିଥି ଭାବରେ ଯୋଗ ଦେଇଥିଲେ।

ସର୍ବସମ୍ମତି କ୍ରମେ ରାଜ୍ୟର ପଞ୍ଚାୟତ ବ୍ୟବସ୍ଥାର ସୁଧାର ଆଣିବା, ଅମଲାତନ୍ତ୍ର କବଳରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ କରିବା ଓ ପଞ୍ଚାୟତ ପ୍ରତିନିଧିଙ୍କ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ମେ ୧୧ରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିବା ସହିତ ଆସନ୍ତା ଜୁନ ମାସରେ ୮ ଏକ ପଞ୍ଚାୟତ ପ୍ରତିନିଧି ସମାବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଅଧିବେଶନ ଶେଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ଥାନୀୟ ଜନପ୍ରତିନିଧି ଯଥା ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, କାଉନସିଲରମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲାଏହି କାର୍ଯ୍ୟକ୍ରମକୁ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ରୂପକ ତିରୁକ୍, ନିରଞ୍ଜନ ଲେଙ୍କା, ପ୍ରତାପ ପ୍ରଧାନ, ମନୋଜ ସାହୁ, ଡ ମନୀଷା ଦାସ ପଟ୍ଟନାୟକ, ନିରୁପମା ପାତ୍ର, ସରୋଜ ବଳ, ପ୍ରଦ୍ୟୁମ୍ନ ଦାସ, ସୁବାସ ପ୍ରଧାନ, ଅକ୍ଷୟ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ଜାତୀୟ ପଞ୍ଚାୟତ ପୁରସ୍କାରରେ ଓଡ଼ିଶାର ସଫଳତା

# ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପୁରସ୍କୃତ

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** କ୍ରମାଗତ ତୃତୀୟ ବର୍ଷ ଲାଗି ମର୍ଯ୍ୟାଦାଜନକ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୩-୨୪ ଲାଗି ନିଜ ନାମକୁ ସ୍ଥାନିତ କରି ପୁଣି ଥରେ ଓଡ଼ିଶା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଅଛି, ଯାହା ତୃଣମୂଳ ଗଣତନ୍ତ୍ର ଓ ସମାବେଶୀ ବିକାଶକୁ ମଜବୁତ କରିବା ପାଇଁ ଏହାର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗୁରୁବାର ବିହାରର ମଧୁବନୀରେ ଅନୁଷ୍ଠିତ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୟୀ ଗ୍ରାମପଞ୍ଚାୟତ ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରିଛନ୍ତି।

ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ସର୍ବୋଚ୍ଚ ପ୍ରଶିକ୍ଷଣ ପ୍ରଦାନକାରୀ ପ୍ରତିଷ୍ଠାନ ରୂପେ ଅଭିନବ ଦକ୍ଷତା ବିକାଶ ପ୍ରଶିକ୍ଷଣ, ପଞ୍ଚାୟତିରାଜ ଅନୁଷ୍ଠାନକୁ ନିରନ୍ତର ମାର୍ଗଦର୍ଶନ ଓ ଯଥୋଚିତ ସହାୟତା ପ୍ରଦାନ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ‘ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା’ ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି। ଅନ୍ୟପଟେ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକର ହାଟଭଦ୍ରା ଗ୍ରାମପଞ୍ଚାୟତ ନିଜସ୍ୱ ଆୟ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିବାରେ ସଫଳ ହୋଇଛି। ଫଳସ୍ୱରୂପ ‘ଆତ୍ମନିର୍ଭରଶୀଳ



ଗ୍ରାମପଞ୍ଚାୟତ’ ବର୍ଗରେ ଦେଶର ୨ ଲକ୍ଷ ୫୦ ହଜାର ପଞ୍ଚାୟତକୁ ପଛରେ ପକାଇ ଦ୍ୱିତୀୟ ଶ୍ରେଷ୍ଠ ସ୍ଥାନ ହାସଲ କରିବାରେ ଅନନ୍ୟ କୃତିତ୍ୱ ହାସଲ କରିପାରିଛି ହାଟଭଦ୍ରା ଗ୍ରାମପଞ୍ଚାୟତ। ଏହି ସମ୍ମାନ ପଛରେ ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍‌ର ନିରନ୍ତର ପରାମର୍ଶ, ବୈଷୟିକ ସୁବିଧା ପ୍ରଦାନ ସହ ସାରାରାଜ୍ୟରେ ସୁଦୃଢ଼ ଓ ସହଭାଗୀ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି କରିବା ସହାୟକ ହୋଇଛି। ଏହାର ନିତ୍ୟନୂତନ ପ୍ରଶିକ୍ଷଣ ମଡ୍ୟୁଲ, ନିୟମିତ ଦକ୍ଷତା ବିକାଶ କର୍ମଶାଳା ଓ ନିରନ୍ତର ତଦାରଖ ଦ୍ୱାରା ପଞ୍ଚାୟତିରାଜ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିଯୋଗୀତାମୂଳକ ମନୋଭାବ ସୃଷ୍ଟି ସହ ଜ୍ଞାନର ପରିସୀମାକୁ ମଧ୍ୟ ପରିବ୍ୟାପ୍ତ କରିଅଛି।

### ‘ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା’ ବର୍ଗରେ ଦ୍ୱିତୀୟ

### ‘ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ’ ବର୍ଗରେ ହାଟଭଦ୍ରା ପଞ୍ଚାୟତ ବି ଦ୍ୱିତୀୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସକ୍ରିୟ ମାର୍ଗଦର୍ଶନ ଓ ବିଭାଗୀୟ ସଚିବଙ୍କ ଉତ୍ସର୍ଗୀକୃତ ସମର୍ଥନ ବଳରେ ଏହି ସଫଳତା ହାସଲ କରିବା ସମ୍ଭବପର ହୋଇପାରିଛି। କ୍ରମାଗତ ତୃତୀୟ ଥର ଲାଗି ଏହି ଜାତୀୟ ସ୍ୱୀକୃତି ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଓ ଏହା ଏକ ସଶକ୍ତ ଓ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ ଗଠନ ପାଇଁ ଆମର ସାମୁହିକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଅଛି ବୋଲି କହିବା ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ମପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ।

ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍‌ର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଖୁସି ପ୍ରକାଶ କରି କହିଛନ୍ତି କି ଏହି ପୁରସ୍କାର ଓଡ଼ିଶାର ତୃଣମୂଳ ଶାସନ ବ୍ୟବସ୍ଥାର ଏକ ନିଚ୍ଛକ ନିଦର୍ଶନ। ଦକ୍ଷତା ବିକାଶ, ପ୍ରଶିକ୍ଷଣରେ ଅଭିନବତା, ଡିଜିଟାଲ ଅନ୍ତର୍ଭୁକ୍ତିକରଣ ଓ ଗାଇଡେଡ ଇଣ୍ଟରସିପ ମାଧ୍ୟମରେ ଗ୍ରାମପଞ୍ଚାୟତଗୁଡିକୁ ସଶକ୍ତ କରିବା ପାଇଁ ଆମର ଦୃଢପ୍ରତିବଦ୍ଧତାର ଏହା ହେଉଛି ନିଷ୍କର୍ଷ। ଆମେ ଏହି ସଫଳତାକୁ ପ୍ରତ୍ୟେକ ପଞ୍ଚାୟତ ନିର୍ବାଚିତ ଜନପ୍ରତିନିଧି, ଅଧିକାରୀ ଓ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସର୍ଗ କରୁଅଛୁ, ଯେଉଁମାନେ ଏହାକୁ ସମ୍ଭପର କରି ଆଜି ବାସ୍ତବତାରେ ସଜାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୨-୨୩ ମସିହା ପାଇଁ ଓଡ଼ିଶା ୭ଟି ବର୍ଗରେ ଜାତୀୟ ପଞ୍ଚାୟତ ପୁରସ୍କାର ସ୍ୱରୂପ ୮ କୋଟି ୫୦ ଲକ୍ଷ ଟଙ୍କା ଓ ୨୦୨୧-୨୨ରେ ୮ଟି ପୁରସ୍କାର ସହ ୧୦ କୋଟି ୫୦ ଲକ୍ଷ ଟଙ୍କା ପ୍ରାପ୍ତକରି ଏକ ଜୀବନ୍ତ, ସ୍ୱଚ୍ଛ, ଉତ୍ତରଦାୟୀ, ପାରଦର୍ଶୀ ଓ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗଠନର ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ଦିଗରେ ନିରନ୍ତର ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରଖିଛି।

## ‘ବ୍ୟବସ୍ଥା ସଶକ୍ତ ହେଲେ ଗ୍ରାମାଞ୍ଚଳର ବିକାଶ ହେବ’

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଗୁରୁବାର ସାରା ରାଜ୍ୟରେ ପାଳନ ହୋଇଛି ପଞ୍ଚାୟତିରାଜ ଦିବସ । ପୂର୍ବରୁ ମାର୍ଚ୍ଚ ୫ରେ ପାଳନ କରାଯାଉଥିଲା । ଏଥର କିନ୍ତୁ ଏପ୍ରିଲ୍ ୨୪ରେ ପାଳନ ହୋଇଛି ପଞ୍ଚାୟତିରାଜ ଦିବସ। ତେବେ ଏହାକୁ ନେଇ ଆରମ୍ଭ ହୋଇଛି ରାଜନୀତି। ଏହାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ କେବଳ ପାଳନର କଥା ନୁହେଁ। ପାଳନ ସହିତ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ସହ କ୍ରିୟାଶୀଳ କରିବା ପାଇଁ



ଯେଉଁ ବ୍ୟବସ୍ଥା ତାକୁ ଆମେ ସାଙ୍ଗରେ ନେଇ ଚାଲିଛୁ। ସାଧାରଣ ଲୋକର ଆବଶ୍ୟକତା ଭଳି ରାସନ୍ କାର୍ଡ ଆଜି ଠାରୁ ଆମେ ଦେଲୁ। ଗଲା ସରକାର ଗତ ଛଅବର୍ଷ ଧରି ରାସନ୍ କାର୍ଡ ଦେବା ପ୍ରକ୍ରିୟା କରିନଥିଲେ। ଗଲା ଦିନ ଗୁଡ଼ିକରେ ନିର୍ବାଚନ କେନ୍ଦ୍ରିକ ସରକାର ଥିଲା। ଆଜିକା ଦିନରେ ବିକାଶ କେନ୍ଦ୍ରିକ ସରକାର ଅଛି। ଏହା ହିଁ ପାର୍ଥକ୍ୟ। ପଞ୍ଚାୟତରାଜ ବ୍ୟବସ୍ଥା ସଶକ୍ତ ହେଲେ ଗ୍ରାମାଞ୍ଚଳର ବିକାଶ ହେବ ବୋଲି ସେ କହିଛନ୍ତି ।

### ଟାଇମ୍‌ସ ହାଇଅର ଏଜୁକେସନ୍ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ

# ଏସିଆର ଶ୍ରେଷ୍ଠ ୧୮୪ତମ ସ୍ଥାନରେ କିଟ୍

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ଭଳି ଚଳିତବର୍ଷ ‘ଦି ଟାଇମ୍‌ସ ହାଇଅର ଏଜୁକେସନ୍’ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ ପ୍ରକାଶ ପାଇଛି। ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗରେ ପୂର୍ବବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅତି ଉନ୍ନତ ପ୍ରଦର୍ଶନ କରିଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବା ବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ରାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୬ତମ ସ୍ଥାନରେ ରହିଥିଲା । ଏହା ସହିତ ଟାଇମ୍‌ସ ହାଇଅର ଏଜୁକେସନ୍ ଦ୍ୱାରା କରାଯାଇଥିବା ସ୍ପୋର୍ଟସ ସାଇନ୍‌ସ ବର୍ଗରେ କିଟ୍



ଭାରତର ଶ୍ରେଷ୍ଠ ୮ମ ସ୍ଥାନରେ

ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି।ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବିଭିନ୍ନ ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ଭଳି ଦେଶର ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ କରି ଉନ୍ନତ ପ୍ରଦର୍ଶନ କରିପାରିଛି । ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ କରାଯାଇଥିଲା ।

ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍‌ସ ହାଇଅର ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି । କିଟ୍ ମାତ୍ର ୨୭ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୮ମ ଓ ଏସିଆରେ ୧୮୪ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପଞ୍ଚାୟତିରାଜ ଦିବସ ପାଳନ ତାରିଖ ପରିବର୍ତ୍ତନ ପ୍ରସଙ୍ଗ

# ସରକାରଙ୍କ ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦୃଶ

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ରାଜ୍ୟରେ ପ୍ରଥମଥର ପାଇଁ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିବାବେଳେ ବିଜୁ ଜନତା ଦଳ ଏହାକୁ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ ଓ ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ବୋଲି ଅଭିହିତ କରିଛି। ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣୀୟ କରିବା ପାଇଁ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଥିଲା। ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦହୋଇଛି ବୋଲି ବିଜୁ ଜନତା ଦଳ କହିଛି। ଗୁରୁବାର ବିଜେଡିର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ ପଞ୍ଚାୟତିରାଜ ବ୍ୟବସ୍ଥାର ଆମୂଳଚୁଳ ପୁନର୍ବିନ୍ୟାସ ଲକ୍ଷ୍ୟରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ



ସରକାର ମାର୍ଚ୍ଚ ୧୯୯୧ରେ ତିନୋଟି ବିଲ୍ ପାରିତ କରାଇଥିଲେ। ଏହି ତିନୋଟି ବିଲ୍ ହେଲା, ଓଡ଼ିଶା ଜିଲ୍ଲାପରିଷଦ ବିଲ୍ ୧୯୯୧, ଓଡ଼ିଶା ପଞ୍ଚାୟତ (ସଂଶୋଧନ) ବିଲ୍ ୧୯୯୧, ଓଡ଼ିଶା ଗ୍ରାମପଞ୍ଚାୟତ ବିଲ୍ ୧୯୯୧। ତିନୋଟି ଯାକ ବିଲରେ ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଧିକ କ୍ଷମତା ପ୍ରଦାନ ସହିତ ସମୁଦାୟ ଆସନର ୩୩% ମହିଳା ମାନଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରି କ୍ଷମତାର ବିକେନ୍ଦ୍ରୀକରଣ ଦିଗରେ ସାରା ଦେଶରେ ଏହା

**ବିଜୁ ବାବୁଙ୍କ ପ୍ରତି ଅସମ୍ମାନ, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ**

ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାରେ ଓଡ଼ିଶା ଥିଲା ଦେଶର ପ୍ରଥମ ରାଜ୍ୟ ଏବଂ ଏହା ସମ୍ଭବ ହୋଇପାରିଥିଲା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦୃଢ଼ ନିଷ୍ପତ୍ତି ଯୋଗୁଁ। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ତତ୍କାଳୀନ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସକୁ ଅର୍ଥାତ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇଆସୁଥିଲା। ରାଜ୍ୟ ସରକାର ଏହାକୁ ପରିବର୍ତ୍ତନ କରି ଏପ୍ରିଲ ୨୪ରେ କରିବା ନିଷ୍ପତ୍ତି, ରାଜ୍ୟର ଗୌରବମୟ ଇତିହାସକୁ ବିକୃତ କରିବା ସହିତ ଓଡ଼ିଆ ଅସ୍ମିତାକୁ କୁଠାରଘାତ ସଦୃଶ ହୋଇଛି ବୋଲି ଡ଼ ମହାନ୍ତି କହିଛନ୍ତି। ଓଡ଼ିଶାର କୀର୍ତ୍ତିକୁ ଗୌଣ କରି, ଓଡ଼ିଶା ସରକାରଙ୍କ ଠାରୁ ଅନୁପ୍ରାଣିତ ହୋଇ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଚେଷ୍ଟା କରିଛନ୍ତି ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହା ରାଜ୍ୟ ସରକାରଙ୍କ ଓଡ଼ିଶାର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସୂୟା ଭାବକୁ ପଦାରେ ପକାଉଛି ବୋଲି ଡ଼ ମହାନ୍ତି କହିଛନ୍ତି।

## ‘ଶୃଙ୍ଖଳା ନରହିଲେ ଦଳ ଭାଙ୍ଗିବ’

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଗତ କିଛି ଦିନ ହେଲା ବିଜେଡିରେ କନ୍ଦଳ ତୀବ୍ର ଧରିଥିବାବେଳେ ଶୃଙ୍ଖଳା ନରହିଲେ ଦଳ ଭାଙ୍ଗିଯିବ ବୋଲି ବିଜେଡି ବିଧାୟକ ଅଶ୍ୱିନ ପାତ୍ର କହିଛନ୍ତି। ୱାକଫ ବିଲ୍‌କୁ ନେଇ ବିଜେଡି କନ୍ଦଳ ଥମୁନଥିବାବେଳେ ଶ୍ରୀ ପାତ୍ର କହିଛନ୍ତି ଏ ସମ୍ପର୍କରେ ବାଦନୁବାଦ ଚାଲିଛି। ବିଜେଡି ସୁପ୍ରିମୋ ସ୍ୱଷ୍ଟତା କହିସାରିଛନ୍ତି। ତାପରେ ଆଉ ଯିଏ କହୁଛନ୍ତି ବିବେକାନୁ ବେକ ଭୋଟ ଦେଇଛୁ ସେକଥା ସେ ବିଚାର କରିବେ। ଏହି ବାଦାନୁବାଦ ଦଳର ଚିନ୍ତାଧାରା କ’ଣ ହେବ ନ ହେବ ସୁପ୍ରିମୋ ବିଚାର କରିବେ। ସାଂସଦ ମୁନା ଖାଁ କ’ଣ କହିଲେ ତାଙ୍କ ବ୍ୟକ୍ତିଗତ କଥା। ସେ ଆହୁରି କହିଛନ୍ତି ବିଜେପିକୁ ବିଜେଡିରୁ କିଏ ଯିବ ନଯିବ ଆଜିକା ଦିନରେ କିଛି କହିହେବ ନାହିଁ। ଦଳ ଏକ ଓ ଅଭିନ୍ନ ଭାବରେ ଅଛି। ଯାହା ବାଦନୁବାଦ ଘଟୁଛୁ ସବୁ ସୁପ୍ରିମୋ ପାଖକୁ ଯାଉଛି। ଦଳରେ ଏକ ଦମ୍ ଶୃଙ୍ଖଳା ରହିବା ଦରକାର। ବିଶୃଙ୍ଖଳିତ ଆଚରଣ କଲେ ଦଳର କ୍ଷତି ଘଟିବ, ବିଳୟ ଘଟିବ। ଶୃଙ୍ଖଳା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ପାତ୍ର କହିଛନ୍ତି।



ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୱାକଫ ବିଲ୍ ଭୋଟିଂକୁ ନେଇ ବିଜୁ ଜନତା ଦଳରେ ଆରମ୍ଭ ହୋଇଥିବା ଝଡ଼ ଏଯାଏଁ ଥମି ନାହିଁ। ଭୋଟିଂକୁ ନେଇ କିଛି ବରିଷ୍ଠ ନେତା ଏକପ୍ରକାର ଏକପାଖିଆ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଏପରିକି ଭୋଟିଂକୁ ନେଇ ବିଗତ କିଛି ଦିନ ପୂର୍ବେ ବିଜେଡିରେ ସୃଷ୍ଟ କନ୍ଦଳ ଓଡ଼ିଶା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା।

**ଅଟୋଚାଳକ ଗଣେଶ ସାହୁ ହତ୍ୟାକାଣ୍ଡ ମାମଲା**

## ଅଭିଯୁକ୍ତ ମଉଜକୁ ଆଜୀବନ ଜେଲ୍ ଦଣ୍ଡାଦେଶ

**ବ୍ରହ୍ମପୁର,୨୪।୪/ଏନ୍ଏନ୍ଏସ୍:** ୨୦୦୬ ମସିହାରେ ହୋଇଥିବା ଅଟୋ ଚାଳକ ଗଣେଶ ସାହୁ ହତ୍ୟାକାଣ୍ଡ ମାମଲାର ଶୁଣାଣି କରି ଜିଲ୍ଲା ଜଜ୍ ରୂପଶ୍ରୀ ଚୌଧୁରୀ ଅନ୍ୟତମ ଅଭିଯୁକ୍ତ କୁହାଯାଉଥିବା ମଉଜ ଓରଫ ସତୀଶ ମିଶ୍ରଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ୫ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ୨୦୦୬ ମସିହାରେ ବ୍ରହ୍ମପୁର ଷ୍ଟେସନ ନିକଟରେ ଅଟୋ ଚାଳକ ଗଣେଶ ସାହୁ ରହିଥିବା ସମୟରେ ୬ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏହି ଘଟଣାରେ ଗୁରୁତର ହୋଇ ଗଣେଶ ସାହୁ ଶେଷରେ ମୃତ୍ୟୁବରଣ କରିଥିଲେ। ଏହି ହତ୍ୟାକାଣ୍ଡ ଘଟଣାରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଏହାର ଶୁଣାଣି କରି ମାନ୍ୟବର କୋର୍ଟ ୨୦୧୧ ମସିହାରେ ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ ଦଣ୍ଡା ଦେଶ ଦେଇଥିଲେ। ସେହି ସମୟରେ ମଉଜ ମିଶ୍ର ସେବେଠାରୁ ଫେରାର ହୋଇଯାଇଥିଲା। ଗତ ମାସ ୧୪ ତାରିଖରେ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଥିଲା। ବ୍ରହ୍ମପୁର ମାନ୍ୟବର ଜିଲ୍ଲା ଓ ଦୌରା ଜର୍ଜ ଏହି ମାମଲାରେ ସତୀଶ ଓରଫ ମୌଜ ମିଶ୍ରଙ୍କୁ ଆଜୀବନ କାରାଦଣ୍ଡ ଦେଶ ଦେଇଛନ୍ତି। ପୂର୍ବରୁ ପୂର୍ବତନ ମେୟର ଶିବଶଙ୍କର ଦାସ(ପିଣ୍ଟୁ)ଙ୍କୁ ଗୁଳିମାଡ ଘଟଣାରେ ମଧ୍ୟ ମୌଜ ମିଶ୍ରର ସମ୍ପୃକ୍ତି ଥିଲା। ଏଥିସହ ବୈଦ୍ୟନାଥପୁର ଥାନାର ଏକ ମାମଲାରେ ମଧ୍ୟ ସେ ଜଡିତ ଥିବା ଜଣାପଡିଛି।

## ଦୀପ ନିଆଁରେ ପୋଡ଼ିଯାଇ ବ୍ୟବସାୟୀ ଗୁରୁତର

**ବୁଗୁଡା, ୨୪।୪/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ ଗୋଳାବନ୍ଧ ଗାଁ ଗୁଡିସାହିର ଏକ ରାସନ ଦୋକାନରେ ଘଟିଥିବା ଅଗ୍ନିକାଣ୍ଡରେ ବ୍ୟବସାୟୀ ମାର୍କଣ୍ଡ ଦାଶ (୪୮) ପୋଡିଯାଇ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ଆଜି ରାତି ଆଠଟା ସମୟରେ ବିଦ୍ୟୁତ୍ ଚାଲିଯିବା ପରେ ମାର୍କଣ୍ଡ ଦୋକାନରେ ଦୀପ ଲଗାଉଥିବା ବେଳେ ପାଖରେ ଥିବା ପେଟ୍ରୋଲ ଜାରକୁ ଲାଗି ତାହା ଜଳି ଉଠିଥିଲା। ନିଆଁ ହୁତୁହୁତୁ ଜଳିବାରୁ ସେ ଦୋକାନରୁ ବାହାରି ନପାରି ପୋଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଆହତ ଆବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଅଗ୍ନିକାଣ୍ଡ ଯୋଗୁଁ ତାଙ୍କର ରାସନ ଦୋକାନର ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଥିବାର ଜଣାଯାଇଛି।



**ମା' ବୁଢ଼ୀ ଠାକୁରାଣୀ ଯାତ୍ରା**

# ମା'ଙ୍କ ଘଟ ପରିକ୍ରମା, ରଥ ନିମନ୍ତ୍ରଣ





**ବ୍ରହ୍ମପୁର,୨୪।୪/ଏନ୍ଏନ୍ଏସ୍:** ଦେଶୀବେହେରା ସାହିସ୍ଥିତ ବାପ ଘରକୁ ବୁଲି ଆସିଛନ୍ତି ମା' ବୁଢୀ ଠାକୁରାଣୀ। ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ମା' ବୁଢୀ ଠାକୁରାଣୀଙ୍କ ଯାତ୍ରା ଆଜି ୨୨ତମ ଦିବସରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳାର ସହ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି ଭକ୍ତ। ଚଳିତ ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ଯାତ୍ରା ସରିବାକୁ ଆଉ ମାତ୍ର ୪ ଦିନ ରହିଥିବା ବେଳେ ନାହିଁ ନଥିବା ଭିଡ ଲାଗି ରହୁଛି। ଅସ୍ଥାୟୀ ପୀଠରେ ଅସହ୍ୟ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ଯାତ୍ରା କମିଟି ପକ୍ଷରୁ ପାଣି ସ୍ପ୍ରେ କରାଯାଇଥିଲା। ସାକାଳେ ପୂଜା ନୀତି ସରିବା ପରେ ମା'ଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତୀ, ଭୋଗରାଗ ସରିବା ପରେ ସନ୍ଧ୍ୟାରେ ମା'ଙ୍କ ଘଟ ପରିକ୍ରମା ଆରମ୍ଭ ହୋଇଥିଲା। ବିରାଟ ପଟୁଆରରେ ମା'ଙ୍କ ଘଟ ପ୍ରଥମେ ମାଉସୀ ମା ଘର ମହୁରୀ ରାଜବାଟୀ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ସରିବା ପରେ ଖାସ୍ବା ସାହି ହୋଇ ବଡ ବଜାର ଅଞ୍ଚଳକୁ ଯାଇଥିଲା। ସେଠାରେ ହରି ଅର୍ଜୁନ ରଥକୁ ମା' ନିମନ୍ତ୍ରଣ କରିଥିଲେ। ପରେ ନରସିଂହ ମନ୍ଦିର ସାହିରେ ହୋଇଥିବା ଶ୍ରୀରାମ ରଥକୁ ନିମନ୍ତ୍ରଣ କରିଥିଲେ। ସେହିପରି ଚନ୍ଦ୍ରଶେଖର ମନ୍ଦିର ସାହିରେ ବୀର ହନୁମାନ ରଥ, ଶଙ୍ଖାରୀ ସାହିରେ ଲକ୍ଷ୍ମଣ ରଥ, ଜିମାଦେଇପେଣ୍ଠ ସାହିରେ ଜଗନ୍ନାଥ ରଥ, ପୁରୁଣା ବ୍ରହ୍ମପୁର ସାହିରେ ମହାବୀର କର୍ଣ୍ଣ ରଥକୁ ମା' ନିମନ୍ତ୍ରଣ କରିଥିଲେ। ସେଠାରୁ ପୁଣି ଖାସ୍ବା ସାହି, ନଡିଆ ମାର୍କେଟ୍ ହୋଇ ଦେଶୀବେହେରା ସାହି ଅସ୍ଥାୟୀ ପୀଠକୁ ଫେରିଥିଲେ। ମା'ଙ୍କ ଘଟକୁ ପ୍ରତି ସାହିରେ ଭବ୍ୟ ସ୍ୱାଗତ କରାଯାଇଥିଲା। ମହିଳାମାନେ ମା'ଙ୍କ ପାଦ ଧୋଇ ପୂଜାର୍ଚ୍ଚନା କରିଥିଲେ। ଯାତ୍ରାରେ ପୂର୍ବଦିନ ଭଳି ଆଜି ମଧ୍ୟ ମାନସିକ ବେଶଧାରୀଙ୍କୁ ଦେଖିବାକୁ ମିଳିଥିଲା। ଆଜି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ତୁଳସୀନଗର ରାଧାକୃଷ୍ଣ ବଣିକ ସଂଘ ପକ୍ଷରୁ ବାହାରିଥିବା ୫୧ ହନୁମାନ ଏବଂ ୧୧ ବାଘ ବେଶ। ବେଶଧାରୀଙ୍କୁ ଦେଖିବା ସହ ସେଲ୍ଫି ନେଉଥିଲେ ଜନସାଧାରଣ। ବାଦ୍ୟର ତାଳେ ତାଳେ ନାଚୁଥିଲେ ବାଘ। ପୂର୍ବରୁ ପଣ୍ଡା କଲୋନୀ ଅଞ୍ଚଳର କିଛି ବ୍ୟକ୍ତି ରାମାୟଣ ଚରିତ୍ରର ବିଭିନ୍ନ ଭୂମିକାରେ ବେଶଧାରଣ କରିଥିବା, ଗାନ୍ଧୀନଗର ଅଞ୍ଚଳର ୧୦୮ ହନୁମାନ ବେଶଧାରୀଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ରାମଲିଙ୍ଗେଶ୍ୱର ଶିଶୁ ଉଦ୍ୟାନ ନିକଟ ଏବଂ ଚର୍ଚ୍ଚା ରୋଡଠାରେ ଖୋଲିଥିବା ମୀନା ବଜାରରେ ପ୍ରବଳ ଭିଡ ଲାଗିଥିଲା। ବିଭିନ୍ନ ଦୋଳିର ମଜା ନେବା ସହ ଖାଦ୍ୟ ସାମଗ୍ରୀ କିଣି ଖାଉଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କୁ ସୁବିଧା ଯୋଗାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେବା କାର୍ଯ୍ୟକ୍ରମ ଜାରି ରହିଥିଲା। ବିଭିନ୍ନ ସାହିରେ ଭକ୍ତଙ୍କୁ ପଣା ବଣ୍ଟନ ସହ ଖାଦ୍ୟ ଯୋଗାଇ ଦିଆଯାଉଥିଲା। ଯାତ୍ରାର ଦିନ ଯେତିକି ଯେତିକି ଗଡୁଛି, ବଡ ବଜାର ଅଞ୍ଚଳ ସେତିକି ଚଳଚଞ୍ଚଳ ହୋଇ ଉଠିଛି। ମା'ଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଜାତୀୟ ନାଟ୍ୟ ଉତ୍ସବର ତୃତୀୟ ସନ୍ଧ୍ୟାରେ 'ସାଉଁଟା କଇଁ' ମଞ୍ଚସ୍ଥ

**ବ୍ରହ୍ମପୁର,୨୪।୪/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଜାତୀୟ ନାଟ୍ୟ ଉତ୍ସବ "ପୂର୍ବରଙ୍ଗ"ର ତୃତୀୟ ସନ୍ଧ୍ୟାରେ ନାଟକ 'ସାଉଁଟା କଇଁ' ମଞ୍ଚସ୍ଥ ହୋଇଯାଇଛି। ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ, ଜାତୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ଆନୁକୂଲ୍ୟରେ ବ୍ରହ୍ମପୁର ଓଡିଶା ନାଟକ ସମାରୋହ ସମିତି ଦ୍ୱାରା ଗଞ୍ଜାମ ଜିଲ୍ଲା ସାଂସ୍କୃତିକ ପରିଷଦର ସହଯୋଗରେ ନାଟକ ମଞ୍ଚସ୍ଥ ହୋଇଥିଲା। ପଞ୍ଚାନନ ଦାସଙ୍କ ରଚିତ ଏବଂ ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ଓଡିଶା ନାଟକ ସମାରୋହ ସମିତି ପ୍ରଯୋଜିତ ଏହି ନାଟକ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିବା ସହ 'କନ୍ୟା ଅଟଇ ରତ୍ନ, ତାକୁ କର ଯତ୍ନ'ର ବାର୍ତ୍ତା ଦେଇଥିଲା । ନାଟକ ପୂର୍ବରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ଜମ୍ମୁ କାଶ୍ମୀରରେ ଅନୁଷ୍ଠିତ ନାରକୀୟ କାଣ୍ଡ ନେଇ ମୃତକଙ୍କ ଉର୍ଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସନ୍ଧ୍ୟାର ସଭାକର୍ଯ୍ୟ ଆରମ୍ଭ ହୋଇଥିଲା। ଓଡିଶା ନାଟକ ସମାରୋହ ସମିତିର ସଭାପତି ଅନିଲ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଆଶୀର୍ବାଦ ପରିଡା,ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା,ସଙ୍ଗୀତ ନାଟକ ଏକାଡେମୀ ଗବେଷକ ଭାବଗ୍ରାହୀ ସାହୁ,ସାହିତ୍ୟିକ ଇଂ.ଯାମିନି କାନ୍ତ ଦାସ, ଓଡିଶା ନାଟକ ସମାରୋହ ସମିତିର ସାଧାରଣ ସମ୍ପାଦକ ନାରାୟଣ ମହାଙ୍କୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ନାଟକ ସମାରୋହ ସମିତିର ସମ୍ପାଦକ ରାଜଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥିଙ୍କୁ ମଞ୍ଚକୁ ଆବାହନ କରିଥିଲେ। ଡା. ମିହୀର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ନାଟକ ପୂର୍ବରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କାର୍ତ୍ତିକ ପାଣିଗ୍ରାହୀ ଓ ରାମେଶ୍ୱରୀ ନନ୍ଦ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ନାଟକ ସମାରୋହ ସମିତିର ଶଙ୍କର୍ଷଣ ସାବତ, କୈଳାସ ପାଣିଗ୍ରାହୀ, ଡ଼.ସନ୍ୟାସୀ ମହାରଣା, ରାମଚନ୍ଦ୍ର ସାସମଲ, ସୁନିଲ ସ୍ୱାଇଁ, ସରୋଜ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ମିହୀର ପାଣିଗ୍ରାହୀ, ବିନାୟକ ହୋତା, ଆରତୀ ପାତ, ସହିତ ଜିଲ୍ଲା ସାଂସ୍କୃତିକ ପରିଷଦ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ମୃତ ପର୍ଯ୍ୟଟକଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା




**ବୁଗୁଡା,୨୪।୪/ଏନ୍ଏନ୍ଏସ୍:** ଜାମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାମରେ ଏପ୍ରିଲ ୨୨ ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପର୍ଯ୍ୟଟକଙ୍କ ମୃତ୍ୟୁ ସାରା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ପଡୋଶୀ ଦେଶ ପାକିସ୍ତାନର ପ୍ରୋତ୍ସାହନରେ ଆତଙ୍କବାଦୀଙ୍କ ବର୍ବରତା ସବୁ ସୀମା ଟପି ଯାଇଛି। ଏଭଳି ଘଟଣାକୁ ଦୃଢ ନିନ୍ଦା କରି ସ୍ଥାନୀୟ ହିନ୍ଦୁ ସୁରକ୍ଷା ସମିତି ଏବଂ ଶ୍ରୀ ବଳଦେବସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆକ୍ରମଣକାରୀ ଆତଙ୍କବାଦୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଭ୍ରମଣାର୍ଥେ ଯାଇଥିବା ନିରୀହ ପର୍ଯ୍ୟଟକଙ୍କ ପ୍ରତି ବର୍ବରୋଚିତ ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ ପାଇଛି । ଏଥି ସହ ଓଡିଶାର ଜଣେ ପର୍ଯ୍ୟଟକଙ୍କ ସମେତ ୨୬ରୁ ଉର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବୁଦ୍ଧଖୋଲ ଛକଠାରୁ ବାହାରି ନୂଆ ବସଷ୍ଟାଣ୍ଡଠାରେ ଶେଷ ହୋଇଥିବା ବେଳେ ମଦନ ମୋହନ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

# ପହଲ୍‌ଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ନେଇ ନୀରବ ପ୍ରାର୍ଥନା



**ବ୍ରହ୍ମପୁର,୨୪।୪/ଏନ୍ଏନ୍ଏସ୍:** ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ସବୁଠି ଏହାକୁ ଦୃଢ଼ ନିନ୍ଦା କରାଯିବା ସହ ପ୍ରତିବାଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରର ବିଭିନ୍ନ ଗଣମାଧ୍ୟମର କାର୍ଯ୍ୟରତ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସଂଗଠନଙ୍କ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଏମକେସିଜି ମୁଖ୍ୟ ଫାଟକ ସାମ୍ନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆତଙ୍କବାଦୀଙ୍କ ଅମାନୁଷିକ କାଣ୍ଡକୁ କଡା ନିନ୍ଦା କରାଯିବା ସହ ଦେଶରୁ ଆତଙ୍କବାଦ ନିପାତ କରିବାକୁ ଦାବି କରାଯାଇଥିଲା। ଏଥିସହ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସମସ୍ତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଯାଇଥିଲା। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ଗଞ୍ଜାମ ଓକିଲ ସଂଘର ଯୁଗ୍ମ ସମ୍ପାଦକ ଅସିତ୍ ସାବତ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚର ଶ୍ୟାମ ସୁନ୍ଦର ଖାଡଙ୍ଗା, ଟିମ୍ କ୍ଲିନ୍ ସିଟି ସଭାପତି ଶକ୍ତିଧର ରାଜଗୁରୁ, ବରିଷ୍ଠ ସାମ୍ବାଦିକ ଅଭୟ ପାଢ଼ୀ, ସୁଦୀପ ସାହୁ, ଅସିତ୍ ପଣ୍ଡା, ନରସିଂହ ଡାକୁଆ, ବି.କେ. ବିଶାରଦ, ରାଜେଶ ସାହୁ, ବିଶ୍ୱନାଥ ମାରଣା, ଲଲାଟେନ୍ଦୁ ଚୌଧୁରୀ, ଏସୟୁଜେ ସମ୍ପାଦକ ଦିଗାମ୍ବର ମହାରଣା, କାଳୀ ପ୍ରସାଦ ରଥ, ଅଭିଜିତ କର, ରଶ୍ମିତା ପାଣିଗ୍ରାହୀ, କପିଳ ପାଢୀ, ଲଡୁ କିଶୋର ପାତ୍ର, ଚନ୍ଦନ ସାହୁ, ପ୍ରେମାନନ୍ଦ ପୂଜାରୀ, ରୂପକ ମହାନ୍ତି, ନିର୍ମଳ ସାହୁ, ଲଡୁ କିଶୋର ପାତ୍ର, ଚନ୍ଦନ ସାହୁ ସଞ୍ଜୟ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ଏ. ରାଜା ରାଓ, ଅସ୍ମିତା ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକ, ବୁଦ୍ଧିଜୀବୀ ପ୍ରମୁଖ ସାମିଲ ହୋଇଥିଲେ।

**ଆସିକା:** ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପହଲ୍‌ଗ୍ରାମରେ ପର୍ଯ୍ୟଟକଙ୍କ ଉପରେ ବର୍ବର ଆତଙ୍କବାଦୀ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆଖିବୁଜା ଗୁଳିକାଣ୍ଡ ଘଟଣାକୁ ନେଇ ସବୁ ମହଲରୁ ତୀବ୍ର ନିନ୍ଦା କରାଯାଉଛି। ଆଜି ଆସିକା ଓକିଲ ସଂଘ ପକ୍ଷରୁ ଘଟଣାକୁ ଦୃଢ ନିନ୍ଦା କରାଯିବା ସହ ଆତଙ୍କୀଙ୍କ ମୂଳପ୍ରାଟନ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସଂଘ। ଏହି ଅବସରରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନାରାୟଣ ମୁନି, କୋଷାଧ୍ୟକ୍ଷ ରାଘବ କୁମାର ନାହାକ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ଦିଲୀପ କୁମାର ପାଣିଗ୍ରାହୀ, ଦେବୀ ପ୍ରସାଦ ରଥ, ବିଦେଶୀ ନାହାକ, ଶିଶିର କୁମାର ନାୟକ, ପି.ରବି କୁମାର ପାତ୍ର, ଅମର କୁମାର ବିଶ୍ୱାଳ, ସଂଜୀବ କୁମାର ପାଣିଗ୍ରାହୀ, କାଳୁଚରଣ ଜେନା, ଶିବରାମ ପ୍ରଧାନ, ଅଜିତ୍ କୁମାର ମୁନି, ରୁଦ୍ର ମହାପାତ୍ର, ନାରାୟଣ ଗୌଡ, ପ୍ରିୟାଂଶୁ ଶେଖର ପରିଡା, ରୁଦ୍ର ପାଣିଗ୍ରାହୀ, ଭରତେନ୍ଦୁ ଭୂଷଣ ନାୟକଙ୍କ ସମେତ ବହୁ



ପାଇଁ ସଂଘ ପକ୍ଷରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଆସିକା ଓକିଲ ସଂଘର ସଭାପତି ଅଜିତ୍ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ସଂଘର ସଂପାଦକ ଆଇନଜୀବୀ ଯୋଗ ଦେଇଥିଲେ। ସୂଚନାଥାଉକି ଜମ୍ମୁକାଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲ୍‌ଗ୍ରାମରେ ସେନା ପୋଷାକ ପରିଧାନ କରି ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ପ୍ରାଣ ହରାଇଥିଲେ।

## ଛତ୍ରପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକ



**ଛତ୍ରପୁର,୨୪।୪/ଏନ୍ଏନ୍ଏସ୍:** ଜାମୁ-କାଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି । ଆତଙ୍କବାଦୀଙ୍କ ଏଭଳି ଅମାନୁଷିକ କାଣ୍ଡକୁ ବିଭିନ୍ନ ମହଲରୁ ଦୃଢ ନିନ୍ଦା କରାଯାଇଥିବା ବେଳେ ଛତ୍ରପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକସଭା ପାଳିତ ହୋଇଯାଇଛି । ପ୍ରେସ୍ କ୍ଲବ ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଛତ୍ରପୁର ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠିତ ଶୋକସଭାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଉପ ସଭାପତି ସନ୍ତୋଷ କୁମାର ମିଶ୍ର, କ୍ଷୀରୋଦ ଚନ୍ଦ୍ର ସାହୁ, ଅଜିତ୍ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମହାରଣା, ସରୋଜ ସାମଲ୍, ଦିଲୀପ ସାମଲ, ସୁଧୀର କୁମାର ନାହାକ, ବିସ୍ମୟ ପ୍ରଧାନ, ରବୀନ୍ଦ୍ର ନାହାକ, ସନ୍ତୋଷ ସାହୁ, ସୂର୍ଯ୍ୟ ପ୍ରକାଶ ଧଳ, ସନ୍ତୋଷ କୁମାର ସାହୁ, ମିଥୁନ ବାରିକ୍‌ଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆତଙ୍କବାଦୀଙ୍କ ଗୁଳିମାଡରେ ଦେଶରେ ୨୮ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନୀ ଘଟିଥିଲା। ଆତଙ୍କବାଦୀଙ୍କ ବିରୋଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଠାରେ ଦାବି ହୋଇଥିଲା।

# ସେବାଶ୍ରମ ବିଦ୍ୟାଳୟକୁ ପ୍ରଶାସନିକ ଅଧିକାରୀଙ୍କ ପରିଦର୍ଶନ



**କନ୍ଧମାଳ,୨୪।୪/ଏନ୍ଏନ୍ଏସ୍:** କନ୍ଧମାଳ ଜିଲାରେ ଥିବା ବିଭିନ୍ନ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ମାନଙ୍କରେ ଆଦିବାସୀ ଛାତ୍ରଛାତ୍ରୀ ମାନେ କିଭଳି ପରିବେଶରେ ରହି ପାଢ ପଢୁଛନ୍ତି। ସେମାନଙ୍କୁ କିଭଳି ଖାଦ୍ୟ ଦିଆଯାଉଛି ଓ କିଭଳି ଭାବେ ପାଢ ପଢା ହେଉଛି ସେ ସମ୍ପର୍କରେ ଜାଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଅଚାନକ ଭାବେ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟକ୍ରମ । ଏହି ଅବସରରେ ଆଜି ଫୁଲବାଣୀ ବ୍ଲକ ଅନ୍ତର୍ଗତ ପକନାଗାଁ କନ୍ୟାଶ୍ରମ ଏବଂ ବଇଡ଼ା ସେବାଶ୍ରମକୁ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଆଇଟିଡ଼ିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ବିଡ଼ିଓ ସୌମ୍ୟ ରଂଜନ ପାତ୍ର ,ଫୁଲବାଣୀ ଉପଜିଲାପାଳ ଭିକାରୀ ସାହୁ , ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଓ ଅନ୍ୟମାନେ ଗସ୍ତରେ ଯାଇ ଛାତ୍ରଛାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ମିଳୁଛି କି ନାହିଁ ପଚାରି ବୁଝିବା ସହିତ ସେଠାକାର ଶିକ୍ଷାଦାନ କିପରି ହେଉଛି ବୁଲି ଦେଖିଥିଲେ। ବିଦ୍ୟାଳୟ ପରିବେଶ ପରିଦର୍ଶନ କରିବା ସହିତ ବିଭିନ୍ନ ଖାତାପତ୍ର ମଧ୍ୟ ଯାଞ୍ଚ କରିଥିଲେ। ଏହି ଅବସରରେ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ ମଧ୍ୟ ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ।

# ସତ୍ୟସାଇ ବାବାଙ୍କ ଆରାଧନା ଦିବସ

**ଆସିକା,୨୪।୪/ଏନ୍ଏନ୍ଏସ୍:** ସ୍ଥାନୀୟ ସତ୍ୟସାଇ ସେବା ସମିତି ପକ୍ଷରୁ ଆଜି ଭଗବାନ ସତ୍ୟସାଇ ବାବାଙ୍କ ଆରାଧନା ଦିବସ ପାଳିତ ହୋଇଯାଇଛି । ଆରାଧନା ଦିବସ ଅବସରରେ ସତ୍ୟସାଇ ସେବା ସମିତିର ଶ୍ରଦ୍ଧାଳୁଭକ୍ତମାନେ ଭୋର ସମୟରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ଓଁକାରମ୍, ସୁପ୍ରଭାତମ୍, ବେଦପାଠ, ଭଜନ, ଷୋଡଶ ଉପଚାରପୂଜା, ନାରାୟଣ ସେବା ସାଙ୍ଗକୁ ସତ୍ୟ ସାଇବାବାଙ୍କ ଫଟୋ ଚିତ୍ର ନିକଟରେ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇ



ଭକ୍ତମାନେ ଭଗବାନ ସତ୍ୟସାଇ ବାବାଙ୍କ ଭଜନ ଗାନ କରିଥିଲେ । ଶେଷରେ ଅନୁଷ୍ଠିତ ଆଧ୍ୟାତ୍ମିକ ସମ୍ମିଳନୀ ଓ ସତ୍ସଙ୍ଗ କାର୍ଯ୍ୟକ୍ରମରେ ବହୁ ସାଇ ଆଶ୍ରିତ ଉଦ୍‌ବୋଧନ ଦେଇ ଭଗବାନ ସତ୍ୟସାଇ ବାବାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ମଣିଷ ଜୀବନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଭଗବାନ ସତ୍ୟସାଇ ବାବାଙ୍କ ବାଣୀ ଗୁଡିକ ବେଦ ଉପନିଷଦର ବାଣୀସମ ଜୀବନ୍ତ ଓ ଅମର ବୋଲି କହିଥିଲେ। ଆସିକା ସତ୍ୟସାଇ ସେବା ସମିତି ପକ୍ଷରୁ ଅନୁଷ୍ଠିତ ଆରାଧନା ଦିବସ କାର୍ଯ୍ୟକ୍ରମକୁ ଆବାହକ ବିଦ୍ୟାଧର ଖଣ୍ଡୁଆଳ, ଜିଲ୍ଲା ବେଦ ସଂଯୋଜକ ଧନଞ୍ଜୟ ମହାପାତ୍ର, ସାଇଆଶ୍ରିତ ମନୋଜ କୁମାର ଦାଶ, ମନୋଜ କୁମାର ମିଶ୍ର, ଅବନୀକାନ୍ତ ମିଶ୍ର, ପ୍ରଦୀପ କୁମାର ରାଉତ, ଭବାନୀ ଶଙ୍କର ପଟ୍ଟନାୟକ, ଗଙ୍ଗାଧର ଗୌଡ, ଜୟପ୍ରଦା ମହାପାତ୍ର, ଲକ୍ଷ୍ମୀ ରଥ, ପ୍ରଦୀପ କୁମାର ସ୍ୱାଇଁ, ସନ୍ୟାସୀ ନାହାକଙ୍କ ସମେତ ବହୁ ଆଧ୍ୟାତ୍ମିକପ୍ରେମୀ ପରିଚାଳନା କରିଥିଲେ। ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଶହ ଶହ ସାଇ ଆଶ୍ରିତ ଉପସ୍ଥିତ ଥିଲେ। ୧୯୨୬ ମସିହା ନଭେମ୍ବର ମାସ ୨୩ ତାରିଖରେ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟପତି ଗ୍ରାମରେ ଭଗବାନ ସତ୍ୟସାଇ ବାବା ଜନ୍ମ ଗ୍ରହଣ କରି ୨୦୧୧ ମସିହା ଏପ୍ରିଲ୍ ମାସ ୨୪ତାରିଖରେ ଶରୀର ତ୍ୟାଗ କରିଥିଲେ। ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଏହି ମହାସମାଧି ଦିନଟିକୁ ଆରାଧନା ଦିବସ ଭାବେ ସାରା ଦେଶରେ ପାଳନ କରାଯାଉଛି। ଆସିକା ସତ୍ୟସାଇ ସେବା ଅଧୀନସ୍ଥ ପିତଳ, ସୁନାମୋହି, କୁଲାଗଡ, ବେଣିଆ, ବେଣାପାଟ ସମେତ ଆଖପାଖ ଗ୍ରାମାଞ୍ଚଳରେ ଥିବା ଭଜନ ମଣ୍ଡଳୀ ପକ୍ଷରୁ ମଧ ଆରାଧନା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଲିଖିତ ଜପ ସାଧନା ଦିବସ, ସମୂହ ବେଦପାଠ, ସତ୍‌ସଙ୍ଗ, ମଙ୍ଗଳ ଆରତୀ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥିଲା।

## ଜାତୀୟ ପଞ୍ଚାୟତିରାଜ ଦିବସ

# 'ଗ୍ରାମାଞ୍ଚଳର ବିକାଶରେ ହିଁ ଦେଶର ପ୍ରଗତି ସମ୍ଭବ'



**ଛତ୍ରପୁର,୨୪।୪/ଏନ୍ଏନ୍ଏସ୍:** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଛତ୍ରପୁରରେ ଜିଲ୍ଲା ପ୍ରଶାସନ ତରଫରୁ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଉତ୍ସବର ପ୍ରାରମ୍ଭରେ କାଶ୍ମିରୀ ବେଲଗାଓଁରେ ଆତଙ୍କବାଦୀଙ୍କ ଦ୍ୱାରା ପ୍ରାଣ ହରାଇଥିବା ୨୬ ଜଣ ଭାରତୀୟଙ୍କ ଶହୀଦ୍ ଆତ୍ମାର ସଦଗତି ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଣାଇଥିଲେ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ର ରାଷ୍ଟ୍ରର ମୂଳ ଲକ୍ଷ୍ୟ ହେଲା ନାଗରିକ ହାତରେ କ୍ଷମତା ଓ ଅଧିକାର ନ୍ୟସ୍ତ କରି ଏକ ଶ୍ରେଣୀହୀନ ରାଷ୍ଟ୍ର ଗଠନ କରିବା । ଗ୍ରାମାଞ୍ଚଳର ବିକାଶ ତଥା ସର୍ବବିଧ ଉନ୍ନତି ସାଧନ ଏହାର ଅନ୍ୟତମ ପ୍ରଧାନ ଲକ୍ଷ୍ୟ । ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ସକାଶେ ବର୍ତ୍ତମାନ ଦୁଇ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତି ପଞ୍ଚାୟତକୁ ଯୋଗାଯୋଗ ନିମନ୍ତେ ସଡକ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଗଞ୍ଜାମ ଜିଲ୍ଲାରୁ ବାହାର ରାଜ୍ୟକୁ ଅଧିକାଂଶ ଲୋକ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ଜିଲ୍ଲାରେ ଶିଳ୍ପର ବିକାଶ ହେବ ବୋଲି ବିଧାୟକ କହିଥିଲେ । କୃଷକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇଥିବା କହିଥିଲେ । ପ୍ରତି ଗ୍ରାମର ବିକାଶ ହେଲେ ପଞ୍ଚାୟତର ବିକାଶ ହେବ ଏବଂ ପ୍ରତି ପଞ୍ଚାୟତର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି ବିଧାୟକ କହିଥିଲେ। ଜିଲ୍ଲା ପରିଷଦ ଉପାଧକ୍ଷା ଏସ୍. ରାଜେଶ୍ୱରୀ ଦୋରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାର ଯେତେ ସବୁ ଅସୁବିଧା ଅଛି ସରକାରଙ୍କ ଦୃଷ୍ଟିକୁ ଆଣି ତାର ସମାଧାନ କରାଯିବ। ପଞ୍ଚାୟତ ଜରିଆରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ଲୋକମାନଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚିପାରିଲେ ଯାଇ ଦେଶ ଉନ୍ନତି ପଥରେ ଆଗେଇ ଚାଲିବ ବୋଲି କହିଥିଲେ। ଛତ୍ରପୁର ବ୍ଲକ୍ ଉପାଧକ୍ଷା ଏସ୍. ଶାରଦା ରେଡ୍ଡୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା ପ୍ରମୁଖ ମଞ୍ଚାସୀନ ଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**କୁକୁଡାଖଣ୍ଡି:** ସାରା ରାଜ୍ୟରେ ଜାତୀୟ ପଞ୍ଚାୟତରାଜ ଦିବସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଥିବା ବେଳେ ଗୁରୁବାର କୁକୁଡାଖଣ୍ଡି ବ୍ଲକରେ ଘୋର ଅବ୍ୟବସ୍ଥା ମଧ୍ୟରେ ଏହି ଦିବସ ପାଳନ ହୋଇଯାଇଛି । ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମକୁ ବିଡ଼ିଓ ପଲ୍ଲବୀ ସ୍ୱାଇଁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଜାମ୍ମୁକାଶ୍ମୀର ଅଞ୍ଚଳରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରେ ଅନୁଷ୍ଠିତ ସଭାରେ ପଞ୍ଚାୟତରାଜ ଦିବସ ଉପରେ ଆଲୋଚନା ହୋଇଥିଲା। ବ୍ଲକ ପରିସରରେ ଥିବା ୨ଟି ପ୍ରତିମୂର୍ତ୍ତି ଜାତିରପିତା ମହାତ୍ମା ଗାନ୍ଧୀ ଏବଂ ପ୍ରବାଦପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ନେଇ ସୋସିଆଲ ମିଡ଼ିଆରେ ଭିଡିଓ ଭାଇରଲ ହୋଇଥିଲା। ଏହି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିବା ବେଳେ ପରେ ବିଧାୟକ ଶ୍ରୀ ମହାପାତ୍ର ତତ୍ପରତା ଦେଖାଇ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିଥିବା ଭିଡିଓ ଦେଖିବାକୁ ମିଳିଥିଲା। ସରପଞ୍ଚଙ୍କ ପକ୍ଷରୁ ମଧ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନକୁ ନିନ୍ଦା କରିଛନ୍ତି ବିଜେଡିର ବହୁ କର୍ମୀ। ମୁଖ୍ୟମନ୍ତ୍ରୀ ଅଭିଭାଷଣ ମଝିରେ ଏଲଇଡି ବନ୍ଦ ହେବା ସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶତାଧିକ ମହିଳା ଓ ପୁରୁଷ ଖାଦ୍ୟାଭାବରୁ ଭୋକିଲାରେ ସଭା ସ୍ଥଳରୁ ନିରାଶ ହୋଇ ଫେରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଏସ୍ଏସ୍ଓ ମନୋଜ ପ୍ରଧାନ, ସରପଞ୍ଚ ସଙ୍ଘ ସଭାପତି ବୈଶିଷ୍ଟ୍ୟ ଜେନା, ପୂର୍ବତନ ସମବାୟ ସଙ୍ଘ ସଭାପତି ସଂଗ୍ରାମ ସିଂଙ୍କ ସମେତ ସରପଞ୍ଚ ଏବଂ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ଶେରଗଡ:** ଶେରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଏବିଡ଼ିଓ ସୁଧାଂଶୁ ଶେଖର ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁମାରପାଣି ସରପଞ୍ଚ ଉଦୟ ନାଥ ପ୍ରଧାନ, ସାଂସଦ ପ୍ରତିନିଧି ମାଧବ ଗୌଡ ଅତିଥି ଭାବେ ଯୋଗ ଦେଇଥିଲେ। ଭିଡ଼ିଓ ସୋ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଉପସ୍ଥିତ ଜନସାଧାରଣ ଶୁଣିଥିଲେ। ବ୍ଲକର ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଜିପିଓ ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆସିକା:** ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ପରାମର୍ଶକ୍ରମେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପଡିଆରେ ଆସିକା ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଆସିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଦ୍ରୁତ ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ



ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରୁଥିବା କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି ଦିବସ ପାଳନର ଲକ୍ଷ୍ୟ, ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଦୀପ କୁମାର ବେହେରା, ଜିପିଡିଓ ରାଜଶ୍ରୀ ସାହୁ, ବାବୁରାମ ନାୟକ, ରମେଶ ପ୍ରଧାନ, ପ୍ରିୟମ୍ବଦା କହଁର, ଆକାଶିନୀ ନାୟକ, ଚିନ୍ମୟୀ କୁମାରୀ ରାଉତ, ସର୍ମିଷ୍ଠା ଦଳବେହେରା, ସୌଦାଗର ଦଳେଇ, ଦେବେନ୍ଦ୍ର କୁମାର ପାତ୍ର, ତାରିଣୀ ମହାରଣା, ପ୍ରଭାତୀ ପାତ୍ର, ସନ୍ତୋଷ କୁମାର ସାହୁ, ତାରିଣୀ ପ୍ରସାଦ ସାହୁ, ସନ୍ତୋଷ କୁମାର ସାହୁ, ପ୍ରିୟଦର୍ଶିନୀ ପଣ୍ଡା, ସୁକାନ୍ତ କୁମାର ନାୟକ, ଅନିତା ମହାରଣା, ସନ୍ତୋଷିନୀ ପ୍ରସାଦ, ପରମେଶ୍ୱର ମଲିକ, କୃଷ୍ଣଚନ୍ଦ୍ର ବେହେରା, ସୁନିଲ୍ କୁମାର ମିଶ୍ର, ଅଶୋକ କୁମାର ସେଠୀ, ଯଜ୍ଞସେନୀ ମଣ୍ଡଳଙ୍କ ସମେତ ଆସିକା ବ୍ଲକ କାର୍ଯ୍ୟାଳୟର ବହୁ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ବିଭିନ୍ନ ଗ୍ରାମାଞ୍ଚଳର ବହୁ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୧୯୯୩ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ଅର୍ଥାତ୍ ମାର୍ଚ୍ଚ ମାସ ୫ ତାରିଖରେ ଓଡିଶାରେ ପଞ୍ଚାୟତିରାଜ ଦିବସ ପାଳନ ହେଉଥିଲା । ତେବେ ରାଜ୍ୟରେ ନୂଆଁ ସରକାର ଆସିଲା ପରେ ମାର୍ଚ୍ଚ ମାସ ୫ ତାରିଖ ପରିବର୍ତ୍ତେ ଏପ୍ରିଲ ମାସ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

**ଫୁଲବାଣୀ:** ସ୍ଥାନୀୟ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନ, କନ୍ଧମାଳର ମିଳିତ ଆନୁକୂଲ୍ୟରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ – ୨୦୨୫ ପାଳିତ ହୋଇଯାଇଛି । କାଶ୍ମୀରର ପହଲଗ୍ରାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣହରାଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦଗତି ପାଇଁ ୨ ମିନିଟର ନୀରବ ପ୍ରାର୍ଥନା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ବ୍ଲକ ଅଧକ୍ଷା ଶ୍ରୀମତୀ ସସ୍ମିତା କହଁର,



ଜିଲ୍ଲା ପରିଷଦ ସଦସ୍ୟା ଚନ୍ଦ୍ରମା ମଲ୍ଲିକ, ଉପ ଜିଲ୍ଲାପାଳ ଭିକାରୀ ସାହୁ, ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଏ.ପି.ଡି- ତଥା - ଡି.ପି.ଓ ନରେନ୍ଦ୍ର ନାୟକ, ଫୁଲବାଣୀ ବ୍ଲକ ଉପାଧକ୍ଷ ଶ୍ରୀନିବାସ ମଲ୍ଲିକ, ଏ.ପି.ଡି ଫାଇନାନ୍ସ ବିଦୁର ବେହେରା ପ୍ରମୁଖ ଅତିଥିଭାବେଯୋଗେଦଇ ବିକାଶର ମୂଳ ହେଉଛି ଗ୍ରାମ । ଗ୍ରାମ ଯଦି ବିକାଶ ନ ହେବ ତେବେ ରାଜ୍ୟ ବା ଦେଶର ବିକାଶ ହୋଇପାରିବ ନାହିଁ ତେଣୁ ପଞ୍ଚାୟତିରାଜ ଦିବସରେ ଗ୍ରାମର ବିକାଶ ପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ । ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ରାଜସ୍ୱ ସଂଗ୍ରହ, ଭିତ୍ତିଭୂମିର ବିକାଶ ଏବଂ ସେବା ପ୍ରଦାନ ଭଳି କ୍ଷେତ୍ରରେ ପ୍ରଦର୍ଶନକୁ ଆଧାର କରି ଜିଲ୍ଲାର ୭ଟି ପଞ୍ଚାୟତକୁ ରାଜ୍ୟ ଅର୍ଥ ଆୟୋଗ ପ୍ରୋତ୍ସାହନ ଅନୁଦାନ ପ୍ରଦାନ କରାଯାଇଥିଲା ଏବଂ ହିତାଧିକାରୀମାନଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା । ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସରକାରୀ କର୍ମଚାରୀ, ପୌରପରିଷଦ, ଫୁଲବାଣୀର କର୍ମଚାରୀ, ଜନସାଧାରଣ ଉପସ୍ଥିତ ଥିଲେ ।

# ସମବାୟ ଚିନିଶିଳ୍ପ ଓ କୃଷିବିଭାଗ ପକ୍ଷରୁ ଆଖୁଚାଷ ତାଲିମ୍ ଶିବିର



**ଆସିକା,୨୪।୪/ଏନ୍ଏନ୍ଏସ୍:** ଆଖୁ ଉନ୍ନୟନ ପ୍ରଯୁକ୍ତି ମିଶନ୍ ୨୦୨୪-୨୫ ଯୋଜନାର ସଫଳ ରୂପାୟନ ପାଇଁ ଆସିକା ସମବାୟ ଚିନିଶିଳ୍ପ ଲିଃ ଓ ଜିଲ୍ଲା କୃଷି ବିଭାଗର ମିଳିତ ସହଯୋଗରେ ଆଖୁଚାଷୀମାନଙ୍କୁ ନେଇ ଆଖୁଚାଷର ପ୍ରସାର ଓ ପ୍ରଚାର ସଂକ୍ରାନ୍ତରେ ଏକ ତାଲିମ୍ ଶିବିର ବାବନପୁର ଗ୍ରାମ ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ତଥା ସମବାୟ ବିଭାଗର ଅଧିକାରୀ ଡ. ସୁଶାନ୍ତ କୁମାର ପଣ୍ଡା ଓ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ପ୍ରଚେଷ୍ଟାରେ ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଆଖୁଚାଷର ବହୁଳ ପ୍ରସାର ଓ ପ୍ରଚାର ଏବଂ ଆଖୁଚାଷୀମାନଙ୍କ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ କରିବା ପାଇଁ ପ୍ରୟାସ ଜାରି ରହିଛି। ତାଲିମ୍ ଶିବିରରେ ସମବାୟ ଚିନିଶିଳ୍ପର ଆଖୁପରିଚାଳକ ପ୍ରଶାନ୍ତ କୁମାର ପାଢୀ, ଆସିକା କୃଷିଜିଲ୍ଲା ଅଧିକାରୀ ଡ. ପ୍ରମୋଦ କୁମାର ମହାପାତ୍ର, ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ଆସିକା ବ୍ଲକ ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ପରିଷଦର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବରଡ, ସମବାୟ ଚିନିଶିଳ୍ପର ଆଖୁ ଉନ୍ନୟନ ପର୍ଯ୍ୟବେକ୍ଷକ ବାଇଧର ନାହାକ, ଆଖୁ ଉନ୍ନୟନ ସହାୟକ ଲଲାଟେନ୍ଦୁ ସ୍ୱାଇଁ, ସୁଶାନ୍ତ କୁମାର ଗୌଡ ଏବଂ ରାଜା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଆଖୁଚାଷ କରାଯାଇ କିପରି ଅଧିକ ଅମଳ ଓ ଶର୍କରାଯୁକ୍ତ ଆଖୁ ଉତ୍ପାଦନ ହୋଇପାରିବ ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଆଖୁଚାଷୀମାନଙ୍କ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ କରିବା ଓ ବିଭିନ୍ନ ଆଖୁଚାଷୀ କଲ୍ୟାଣକାରୀ ଯୋଜନା ଉପରେ ମଧ ଆଲୋକପାତ କରାଯାଇଥିଲା। ନୂତନ ବୈଜ୍ଞାନିକ ପ୍ରଣାଳୀ ଓ ଜ୍ଞାନକୌଶଳରେ ଆଖୁଚାଷ କରିବା, ମୂଳି ଆଖୁଚାଷ କରିବା, ଆଖୁ ବିହନ ଉତ୍ପାଦନ, ସରଳ ଆଖୁରୋପଣ ସମେତ ବିଭିନ୍ନ ବିଷୟ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା। ତାଲିମ୍ ଶିବିରରେ ଅଗ୍ରଣୀ ଆଖୁଚାଷୀ ପ୍ରଭାତ ପାଣିଗ୍ରାହୀ, ପିତାମ୍ବର ନାହାକ, ନିଳକଣ୍ଠ ନାହାକ, ପ୍ରଭାକର ସ୍ୱାଇଁ, ଲଡୁକିଶୋର ମହାଙ୍କୁଡ, ପଞ୍ଚୁ ମହାଙ୍କୁଡ, ପ୍ରଦୀପ କୁମାର ଭଞ୍ଜ, ରାମଚନ୍ଦ୍ର ରାଉତ, ରାଜୁ ଗୌଡ, ନିଲୁ ବିଶ୍ୱାଳ, ବାବୁଲା ଦାଶଙ୍କ ସମେତ ସମବାୟ ଚିନିଶିଳ୍ପର ୨ ନମ୍ବର ଜୋନ୍ ଅଧୀନସ୍ଥ କେନ୍ଦୁପଦର, ତରାସିଙ୍ଗି, ଖାରିଆ, ମଣ୍ଟାପଡା, ହରିଡାପଦର, ଜୟପୁର, ପଢାଳ, ବାବନପୁର, କୋଟିନଡା, କେ.ନୁଆଁପଲ୍ଲୀ ଗ୍ରାମର ବିଭିନ୍ନ ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଆଖୁଚାଷୀଙ୍କ ସମେତ ସମବାୟ ଚିନିଶିଳ୍ପ ଓ କୃଷି ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ଏଜେଓ ହାଇସ୍କୁଲ୍‌ରେ ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର




**ଫୁଲବାଣୀ,୨୪।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଏଜେଓ ହାଇସ୍କୁଲ ଠାରେ ଏକଦିବସୀୟ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୫୧ଟି ବିଦ୍ୟାଳୟର ୫୧ ଜଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଏକ ଜୀବନଶୈଳୀ ଏବଂ ଶିଶୁଙ୍କୁ ଏହା ଶିଖାଇବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର କହଁର ବିଦ୍ୟାଳୟରେ ସ୍ୱଚ୍ଛତା ସୁସ୍ଥ ଶିକ୍ଷା ପାଇଁ ଜରୁରୀ ବୋଲି କହିଥିଲେ। ଅମର ଜ୍ୟୋତି ଫାଉଣ୍ଡେସନ ଓ ରେକିଟ ଇଣ୍ଡିଆ ସହଯୋଗରେ ହାର୍ପିକ ସ୍କୁଲ ସାନିଟେସନ ପ୍ରୋଗ୍ରାମ ଅନ୍ତର୍ଗତ ପ୍ରଶିକ୍ଷଣକୁ ଜୋନାଲ କୋ-ଅର୍ଡିନେଟର ରୀନା ପ୍ରଧାନ ଓ ଜିଲ୍ଲା ପ୍ରୋଜେକ୍ଟ ସମନ୍ୱୟକାରୀ ଅର୍ଜୁନ କର୍ମୀ ପରିଚାଳନା କରିଥିଲେ। ସାନିଟେସନ, ସୁରକ୍ଷିତ ପାନୀୟ ଜଳ, ହାତଧୋଇବା ଓ ମାସିକ ସ୍ୱଚ୍ଛତା ବିଷୟରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ସମସ୍ତେ ସ୍ୱଚ୍ଛତା ଓ ସାନିଟେସନରେ ପରିବର୍ତ୍ତନକାରୀ ହେବା ପାଇଁ ଶପଥ ନେଇଥିଲେ।

# ଆର୍‌ଟିଇରେ ମାଗଣା ପଢ଼ିବେ ୮୯ ପିଲା

**ଆସିକା,୨୪।୪/ଏନ୍ଏନ୍ଏସ୍:** ଗତ ୨ ତାରିଖରୁ ଆରମ୍ଭ ହୋଇଯାଇଛି ୨୦୨୫-୨୬ ଶିକ୍ଷାବର୍ଷ । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଥିବା ୨୦ଟି ବେସରକାରୀ ସରକାରୀ ସ୍ୱୀକୃତିପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରୁ ୧୫ଟି ବେସରକାରୀ ଘରୋଇ ଶିକ୍ଷାନୁଷ୍ଠାନରେ ୮୯ ଜଣ ପିଲା ପ୍ରଥମ ଶ୍ରେଣୀର ନାମ ଲେଖାଇବା ସହ ପାଠ ପଢିବାର ସୁଯୋଗ ପାଇବେ ବୋଲି ଜଣାପଡିଛି । ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୨୫ ପ୍ରତିଶତ ମାଗଣା ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲରେ ନାମଲେଖା ପାଇଁ ଆବେଦନ କରିଥିଲେ । ବେସରକାରୀ ସ୍କୁଲରେ ନାମଲେଖା ପାଇଁ ଆର୍ଥିକ ଅନଗ୍ରସର ଶ୍ରେଣୀର ଅଭିଭାବକଙ୍କ ମଧ୍ୟରେ ବିଶେଷ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ବେସରକାରୀ ଘରୋଇ ଶିକ୍ଷାନୁଷ୍ଠାନ ଆରମ୍ଭ କରି ଶିକ୍ଷା ବିଭାଗ ପକ୍ଷରୁ ଏହି ୨୫ ପ୍ରତିଶତ ସିଟ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ ମାଗଣା ନାମଲେଖା ସଂକ୍ରାନ୍ତରେ ପ୍ରଚାର ପ୍ରସାର ସହ ବ୍ୟାପକ ସଚେତନତା କରାଯିବା ଫଳରେ ଚଳିତ ବର୍ଷ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ବହୁ ଅଭିଭାବକ ସେମାନଙ୍କ ସନ୍ତାନ ସନ୍ତତିଙ୍କ ନାମ ଲେଖାଇବା ପାଇଁ ଆବେଦନ କରିଥିଲେ । ଆସିକା ବ୍ଲକ ଓ ଏନ୍ଏସି ଅଞ୍ଚଳର ୨୦ଟି ବେସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରୁ ୧୫ଟି ଘରୋଇ ଶିକ୍ଷାନୁଷ୍ଠାନରେ ୮୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ପାଇଁ ଚୟନ ହୋଇଥିବା ଜଣାପଡିଛି । ବିଶେଷକରି ଆସିକା କାଳଷଣ୍ଢପୁର ନିକଟରେ ଥିବା ଆର୍ଯ୍ୟନ୍ ପବ୍ଲିକ ସ୍କୁଲରେ ନାମ ଲେଖାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ଅଭିଭାବକଙ୍କ ସର୍ବାଧିକ ପସନ୍ଦ ଥିବା ଲକ୍ଷ୍ୟ କରାଯାଇଛି । ଗରିବ ପିଲାଙ୍କୁ ନିଃଶୁଳ୍କ ଗୁଣାତ୍ମକ ଶିକ୍ଷାପ୍ରାପ୍ତି ପାଇଁ ସରକାର କାର୍ଯ୍ୟକାରୀ କରିଥିବା ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ସାଙ୍ଗକୁ ବ୍ୟାପକ ସଚେତନତା କରାଯାଇଥିବାରୁ ଅନେକ ଗରିବ ପିଲା ଘରୋଇ ସ୍କୁଲରେ ପାଠ ପଢିବାର ସୁଯୋଗ ପାଇବାରେ ସକ୍ଷମ ହୋଇପାରିଛନ୍ତି ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଇଛି ।


ନିତି ଭାରତୀ

ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି ।
- ରାମକୃଷ୍ଣ ପରମହଂସ

NITIDIN
ନିତିଦିନ
ଶୁକ୍ରବାର, ୨୫ ଏପ୍ରିଲ୍, ୨୦୨୫

# ନଦୀ ମହିମା

ବସୁଧା ବର୍ଣ୍ଣନାର କ୍ଷେତ୍ର । ବସୁଧା କନ୍ୟା ନଦୀ ବି ବର୍ଣ୍ଣମୟ ବର୍ଣ୍ଣନାର ଯୋଗ୍ୟ । ସେଇଥିପାଇଁ ନଦୀକୁ ବର୍ଣ୍ଣନା ବିଚିତ୍ରାରେ ସଜାଇ ପାଠକମାନଙ୍କ ହାତରେ ଶ୍ରଦ୍ଧା ସହକାରେ ଅର୍ପଣ କରିବା ଉଚିତ ମନେକରେ: ଯୁଗେ ଯୁଗେ ନଦୀର ଅବଦାନ ଆମ ଚେତନାକୁ ସଂପ୍ରସାରିତ କରି ଆସିଛି, ମାନବ କଳ୍ପନାକୁ ଉଦ୍ଦୀପ୍ତ ଏବଂ ଅନୁଭୂତିକୁ ଶାଣିତ କରିଛି, ସୁନ୍ଦର କରିଛି ମଣିଷକୁ ଏବଂ ପ୍ରକୃତିକୁ କରିଛି ବାଙ୍ମୟ । ନଦୀ ସାଗର ପରି ନାମଧେୟ ନହେଲେ ବି ଅବିସମ୍ବାଦିତ ଭାବରେ ଏକ ଜାତୀୟ ଚେତନା । ଚେତନା ହିଁ ସୃଜନଶୀଳତାର ପ୍ରାଣ ଓ ଆତ୍ମା । ପାଣି ଯେମିତି ଆସେ, ସେମିତି ଚାଲିଯାଏ । ମାଟି ପୁଣି ନୂତନ କରି ଜାଗି ଉଠେ । ନଦୀମାନେ ପାଣି ଆଉ ମାଟି । ତା'ର ସ୍ରୋତ ଅଟେ ଯେ ଶକ୍ତି; ତା' ସାଇତା ପଙ୍କ ପଟୁ ଗଢ଼ାହୁଏ ବିଲ ମାଟି, ଶସ୍ୟବତୀ,



ଅଜୟ କୁମାର ପାତ୍ର

ହୈମବତୀ । ନଦୀ ସ୍ରଷ୍ଟାଙ୍କ ସୃଷ୍ଟିର ପ୍ରଥମ ଅବଦାନ; ତା'ର ନାମ ଉଚ୍ଚାରଣ ମାତ୍ରେ ମଥା ଆପେ ଆପେ ଯାଏ ନଇଁ । ଆମ ପରିବେଶ ତା' ହାତଗଢ଼ା; ପୃଥିବୀଠୁ କଠିନ ତା' ତ୍ୟାଗର ସାଧନା । ନଦୀର ଉର୍ବରତା ପୋଛିଦିଏ ଚାଷୀଙ୍କର ବ୍ୟର୍ଥତାର କୋହ । ସଜାଇ ନିଜକୁ ରସମୟୀ ସୁବର୍ଣ୍ଣ ଖଡ଼ିକା; ଉଚ୍ଚାରଣ ମାତ୍ରେ କପାଳରେ ଖେଳିଯାଏ ଆନନ୍ଦର ରେଖା । କୋଟି କୋଟି ଜଳଜ ଉଦ୍ଭିଦ, ପ୍ରାଣୀ ଓ କୃଷକଙ୍କ ପାଇଁ ନଦୀ ଅଟେ ପ୍ରଶାନ୍ତ ନିଳୟ; ପ୍ରସାରିତ କରେ ସମସ୍ତଙ୍କୁ ତା'ର ନୀଳ ଆଲିଙ୍ଗନ । ବିଶିଷ୍ଟ ଲେଖକ ହାମ୍ବଲ୍ ସେଲ୍ଡଙ୍କ ମତରେ, 'ମୁଁ ଜୀବନରେ ଗୋଟିଏ ପୁସ୍ତକ ପଢ଼ିଛି, ତାହା ହେଉଛି, 'ନଦୀ' । ଏହି ପୁସ୍ତକର ପ୍ରତିଟି ପଙ୍କ୍ତି ଏତେ ଭଲ, ଏତେ ସୁନ୍ଦର ଯେ ମୋତେ ଅନ୍ୟ ପୁସ୍ତକ ପାଠ କରିବାର ଆବଶ୍ୟକତା ପଡ଼ି ନପାରେ ।'

ମୌସୁମୀ ଯେବେ ଛୁଇଁଦିଏ ତା' ଦେହରେ କାଉଁରୀ ଖଡ଼ିକା, ଅପ୍ରମତ୍ତା ହୁଏ ସେ ପ୍ରମତ୍ତା, ବର୍ଷା ଯାଜ୍ଞସେନୀ, ବନ୍ୟା ମୁକ୍ତ ବେଣୀ । ନଦୀ ଶିଖାଇଛି ସର୍ବେ 'ବାଣିଜ୍ୟେ ବସତେ ଲକ୍ଷ୍ମୀ' । ସ୍ରୋତ ଅଛି ବୋଲି ସ୍ରୋତସ୍ୱିନୀ ନଦୀ, ସ୍ରୋତ ତା'ର ଅହଂକାର, ଅଳଙ୍କାର ବି । ତା'ର ପ୍ରଶସ୍ତ ଉପକୂଳରେ ଥାଏ କ୍ଷେତ, ବିତ୍ତ ସମ୍ପଦର ସୁଖ । ନଦୀ ସୃଷ୍ଟିକରେ ଉପତ୍ୟକା ଭୂମିରୂପ ସମତଳ ରେଖା, ଉପତ୍ୟକା ଜନ୍ମ ଦିଏ ପ୍ଲାବନ ଭୂମିର ସତ୍ତା । ସବୁକିଛି ଯୋଡ଼ି ହୋଇଥାଏ ସମୟର ସାଥେ ଏକତା ବନ୍ଧନରେ । ସଭିଏଁ କରନ୍ତି ପ୍ରେମ ସଭିଙ୍କ ସହିତ । ନଦୀ ଦିଏ ସ୍ୱପ୍ନ, ନଦୀ ବି ହରଣ କରେ ସ୍ୱପ୍ନର ଯନ୍ତ୍ରଣା ଦେଖାଇ ବଞ୍ଚିବାର ରାହା । ନଦୀ ଦିଏ ସଂଯୋଜନ, ବିଯୋଜନ, ନଦୀ ହିଁ ଆଦିମ ପ୍ରୀତି, ଆଦି ଆକର୍ଷଣ, ରମ୍ୟଭୂମି ଇତିହାସ ଭୂଗୋଳର । "Our heart belongs to this river. The river is our brown God.' ନଦୀ ନୁହେଁ ସେ ତ ସ୍ମୃତି ଧନ୍ୟ ଇଚ୍ଛାମତୀ । ନଦୀ ଯେ ଅଭିନ୍ନ, ଧୋଇ ନିଏ ସଂସାରଯାକର ଦୁଃଖ, ସୁଖ ନୀଳ ସମୁଦ୍ରକୁ ଦ୍ରୌପଦୀର ମୁକ୍ତବେଣୀ ଲହରୀ ପରାଏ ।

ନଦୀଟି ସତରେ ନିଜ ଚେତନାରେ ନିଜେ ନିମଜ୍ଜିତ । ଶ୍ରଦ୍ଧାଞ୍ଜଳି ଦିଏ ନିଜେ ହିଁ ନିଜକୁ ସୃଷ୍ଟିକରି କେତେବେଳେ କାଚକେନ୍ଦୁ ପାଣି, ପୁଣି କେତେବେଳେ ଉର୍ବର ଗଳିଆ । ସବୁ ନଦୀ ଓହ୍ଲାଇ ଆସନ୍ତି କଳକଳ ନାଦରେ ପର୍ବତର ସାଗରକୁ ଶ୍ରଦ୍ଧାଞ୍ଜଳି ପରି । 'The good of the stream lies in its being realised. Let the sea catch her if not she catches the sea.' ନଦୀର ଠିକଣାରେ ନିଜର ଠିକଣା ଲେଖି ଥାଆନ୍ତି ଗ୍ରାମ ଓ ସହରବାସୀ । ବରଷ ବରଷ ଧରି ଉଜୁଡୁଛି ଉର୍ବରତା ଗ୍ରାମ୍ୟ କୃଷି ପାଇଁ । ନିଜ ପାଖେ ରଖେ ନାହିଁ କିଛି । 'ସର୍ବେ ଭବନ୍ତୁ ସୁଖୀନଃ ।' ହୃଦୟ ତା' ନିର୍ମଳ ବୋଲି ପୁଣ୍ୟର ଦରଜା ଖୋଲା । ନଦୀ ଜାଣେ- ସୁଖକୁ ବାଣ୍ଟିଲେ ହିଁ ବଢ଼େ ଧନ । ନଦୀ ପରି କିଏ ହେବ, କିଏ ମେଲି ଦେବ ବାହୁ ନିଃସ୍ୱାର୍ଥ ସେବାର ! ଶ୍ରମଜୀବୀ ବୋଲି ସେ ବିଶ୍ୱ ବିଦିତ । ସେ ଶୋଇଲେ ପୃଥିବୀ ଶୋଇବ । ରାତି ପରି ଶୁଏ ନାହିଁ ନଦୀ । ଗତିରେ ଥାଏ କି ବିରାମ ଅବା ରାତି ? ତା' ପଠାରେ କାଶତଣ୍ଡୀ ହସେ, ହସଇ ସାରା ଦୁନିଆ; ଖେଳନ୍ତି ସୀତାଚୋରୀ, ବାଗୁଡ଼ି, କବାଡ଼ି ବାଳକ ବାଳିକା । ସେ ଖାଲି ଆଡ଼ ଚାହାଣିରେ ଚାହିଁଦିଏ- କିଏ ହାରେ, କିଏ ଜିତେ; କିଏ ସେ ରାବଣ, କାହା ସୀତା ଚୋରି କରି ନିଏ, ସେ କିଛି ବୁଝେନା । ଖାଲି ଖେଳି ଖେଳି ଝାଳ ଜରଜର ହେଲେ ସେ ପଠାଏ ଦଲକାଏ ଶୀତଳ ପବନ । ତା' ପଠାର ବୃକ୍ଷ ଛାଇ ତଳେ ଗୋରୁପଲ ନିଅନ୍ତି ବିଶ୍ରାମ । ଥରେ ଜଣେ ବଙ୍ଗୀୟ କବି ତାଙ୍କ ପ୍ରିୟ ଛୋଟ ନଈଟିକୁ ନେଇ ଏତେ ତନ୍ମୟ ହେଲେ ଯେ 'ଆମାଦେର ଛୋଟ ନଦୀ ଚାଲେ ଆଙ୍କେ ବାଙ୍କେ/ ବୈଶାଖ ମାସେ ତା' ଆଠୁ ଜଳ ଥାକେ ।' ନଦୀ ସେ, ସମତଲୁ ସମତଳକୁ, ସମ୍ମୁଖରୁ ସମ୍ମୁଖକୁ ତା'ର ଭାଗ୍ୟ, କୂଳ ଦୁଇଟି ତା'ର ଭଗବାନ, ବାନ୍ଧି ରଖିଛି ତା'ର ସମସ୍ତ ଜୀବକୁ ଅସଜଡ଼ା ଦିନ-ରାତି ସମୟ ଛାତିରେ । ସେ ଥାଏ ସାଗର ପ୍ରେମରେ ବିଭୋର, ଅଥଳ ଜଳର ଡାକ ତା' କାନରେ । ସାଗରର ବିଶାଳତା ତା'ର କାମ୍ୟ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ମତରେ, 'ଶୁଣି କ୍ଷଣେ କ୍ଷଣେ ଘନେ ଘନେ ଅତଳ ଜଳେଇ ଆହ୍ୱାନ ମନ ରୟନା ରୟନା ଘରେ ଚଞ୍ଚଳ ପ୍ରାଣ ।'

ନଦୀ ଓ ମଣିଷର ସମ୍ପର୍କ ବେଶ୍ ପ୍ରାଚୀନ । ନଦୀ ଅଟେ ସଂହତି ଓ ସଂପ୍ରୀତିର ସୂତ୍ର- ସେ ହେଉ ଆକାଶୀ ଗଙ୍ଗା ଅଥବା ମାଟିର ରଙ୍ଗିଣୀ । ନଦୀ ଏକ ପରିଚିତ ସ୍ୱର; ଉଚ୍ଚାରଣ ମାତ୍ରେ ନିଜକୁ ନିରେଖି ନିଏ, ଆନନ୍ଦରେ ନିଜେ ହିଁ ନିଜକୁ କୁଣ୍ଢାଏ । ନଦୀ ହିଁ ଶାଶ୍ୱତ ସୁଖ । ନଦୀ ହିଁ ସମ୍ପଦ, ନଦୀ ହିଁ ବିପଦ । ରାତିଟା ଭିତରେ ହାତୀଟି ପରି ମାଡ଼ିଆସେ, ସମାନ ହୋଇଯାଏ ବିଲ-ବାଡ଼ି, ଡିହ-ଡିପ । ଆଖି ବୁଜିଦେଲେ ଥରେ ନଦୀ ହୁଏ ଆତ୍ମାର ନିକଟ । ମହମହ ବାସ୍ନାରେ ମହକେ ତା' ମତ୍ସ୍ୟଗନ୍ଧା ତଟ । ନଦୀ ଥିଲେ ସବୁ ଥାଏ । ଥାଏ ଚାନ୍ଦବୋଲା ଆକାଶ ମୁଠାଏ, ଦୀପାନ୍ୱିତ ପୃଥିବୀ ଚେନାଏ । ନଦୀଠୁ ସମ୍ପଦ ଆସେ ବିପଦ ବି । ସଦାବେଳେ ଗାଁ ଓ ସହର ପାଶେ ଘୂରି ବୁଲୁଥାଏ ଢଳ ଢଳ ବିନ୍ଦୁଏ ସମ୍ପର୍କ । ନଦୀଟି ସଂସାରୀ ହେବାକୁ ଯାଇ ଜନ୍ମ ଦିଏ ଉପତ୍ୟକା, ଉପତ୍ୟକା ଜନ୍ମ ଦିଏ ଗାଁ । ପ୍ରକୃତିର ଇଚ୍ଛାରେ ନଈ, ମଣିଷ ଇଚ୍ଛାରେ ଗାଁ ହୁଏ ସୃଷ୍ଟି । ପ୍ରତି ଟୋପା ପାଣି ତା'ର ସାଂସ୍କୃତିକ ଛାପ ଦେଇଥାଏ, ଖାଲି ନ କରି ପ୍ରତ୍ୟାଶା ସାଗରରେ ମିଶିବା ପୂର୍ବରୁ । ଝାଟିମାଟିର ଗାଁମାନ ନଦୀର ଗତିରେ ନିମଗ୍ନ, ପ୍ରୀତିରେ ପ୍ରସନ୍ନ । ତା' ପାଣିରେ ଥାଏ ସୁଖର ଶ୍ରୀ ବୃନ୍ଦାବନ । ନଦୀଠୁ ପାଉ ଶିକ୍ଷା: ହରେଇବା, ପାଇବା, ପାଇବା ହରେଇବା ଭିତରେ ପାଇବାର ବାଟ ଫିଟିଯାଏ ଆପଣାଛାଏଁ ।



ପ୍ରାଚୀନ ସଂସ୍କୃତିର ନଦୀ ତା' ଗଭୀରରୁ ଗଭୀରତାକୁ ଲମ୍ବିଛି ତା' ପ୍ରିୟ ଗାଁର କାହାଣୀ । ନଦୀ କେବଳ ନଦୀ ନୁହେଁ, ଏକ ଆଞ୍ଚଳିକ ମନ । ନଦୀ ବି ସମୟ ପରି ପୂର୍ଣ୍ଣଗର୍ଭା, ଅନ୍ତରଙ୍ଗ ସମୟ ସହିତ । ନଦୀମାନେ ଭସେଇଛନ୍ତି କେତେ ଇତିହାସ, ଭସେଇଛନ୍ତି ସେମାନଙ୍କ କୂଳର ମାଟି ଓ ମଟାଳ । ଭାଙ୍ଗିବା- ଗଢ଼ିବା, କାଟିବା- ଯୋଡ଼ିବା ମଧ୍ୟରେ ବାନ୍ଧିଥାଏ ସାତ ସାତ ଆକାଶ । ପୃଥିବୀ ତା' ପ୍ରେମରେ ତାରାଫୁଲ, ମେଘଫୁଲ । ନଦୀ ନଥିଲେ ଥାଆନ୍ତି କି ବଂଶୀ, ରାଧା ନା କଦମ୍ବ, ନା କାମକଳା ଚଉଷଠୀ !

ନଦୀ ଏକ ଶବ୍ଦମୟ ଶିଳ୍ପର ପ୍ରାଙ୍ଗଣ । ତୀରବାସୀ ଯାହା ଚାହାନ୍ତି, ପାଆନ୍ତି ତା'ଠାରୁ । ନଦୀ ଆମକୁ ଏତିକି ଶିଖାଇଛି: ଦୁଃଖକୁ ମନେ ପକାଇ ତା' ସହିତ ବେଶିକରି ନିବିଡ଼ ହେଲେ ଇଆଡ଼େ ସୁଖ ବିଦ୍ରୋହ କରିବ । ସୁଖ- ଦୁଃଖ ଗୋଟିଏ ଉତ୍ସ ଜାତ । ଦୁହେଁ ହାତ ଧରାଧରି ହୋଇ ଚାଲିଥାନ୍ତି । କେହି ସଦାବେଳେ ସୁଖରେ ନଥାନ୍ତି କି କେହି ସଦାବେଳେ ଦୁଃଖରେ ବି ନଥାନ୍ତି । ଶାସ୍ତ୍ରବାଣୀ: 'ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନିଚ ଦୁଃଖାନିଚ ।' ନଦୀ ହେଉଛି ମଣିଷ ପାଇଁ ବଞ୍ଚି ରହିବାର ସାହସ, ଜୀବନର ସୀବନୀ । ନଦୀ ବକ୍ଷରେ ଅଜସ୍ର ଜନ ଖୋଜି ପାଇଛନ୍ତି ଜୀବନ ନାଟକର ବହୁ ପ୍ରୟୋଜନୀୟ ସଂଳାପ । ନଦୀ ଏକ ଆଶ୍ଚର୍ଯ୍ୟ ନିର୍ମାଣ ବିଶ୍ୱ-ଖଣିକାରର । କବିଙ୍କ ଲେଖନୀରେ: 'ନଦୀ ଆମର- ଉବସ୍ୱପ୍ନର କ୍ଷବଭୟ, ଙ୍ଗରସ୍ୱ କ୍ଷବଭୟ, ମକ୍ସ୍ୱକ୍କ୍ତ କ୍ଷବଭୟ । ବହୁରୂପୀ ଅତୀତ ସେ, ଚିତ୍ରରୂପୀ ବର୍ତ୍ତମାନ । ଶ୍ରାବଣେ ଉଚ୍ଛୁଳା ଶ୍ରାବଣୀ, ବଇଶାଖେ ଆଣ୍ଠୁଏ ପାଣି । ନଦୀ ଆମ ପ୍ରବେଶ ଦ୍ୱାର, ଅପ୍ରବେଶ୍ୟ ଅନୁଦାର, ମମତାର ନଈ ।'

ସାଗର ହେଉଛି ନଦୀ ପାଇଁ ସବୁଠାରୁ ବଡ଼ ଉଦ୍ଦୀପକ । ସାଗରର ବତାସ ଦେହରେ ବାଜିଲେ ନଦୀ ବାଟ-ଅବାଟ ଭୁଲି ମାତାଲ ହୁଏ ସାଗର ଅଭିମୁଖେ । ନଦୀ ଯେଉଁଆଡ଼େ ଯାଏ, ରୂପର ଜୁଆର ତୋଳିଯାଏ । ବିସ୍ମୟାଭିଭୂତ କରେ ମଣିଷକୁ, ଜୀବ ଓ ଉଦ୍ଭିଦ, ସମସ୍ତଙ୍କୁ । ଏପରି ଅପରୂପ ସୌନ୍ଦର୍ଯ୍ୟର ଅଧିକାରୀ ବୋଲି ଅତୀତର ଗୀତିକାର ଅଗ୍ରଜ ସକଳେ ଏହି ଶକ୍ତିମନ୍ତ ଜଳରାଶିରେ ଦେବତ୍ୱ ଆରୋପ କରି ଆସିଛନ୍ତି । ନଦୀ ମଣିଷ ଜାତିର କୁରୁକ୍ଷେତ୍ର, ଧର୍ମକ୍ଷେତ୍ର । ଏପଟେ ବାନ୍ଧିଲେ ତାକୁ ସେପଟେ ତା' ବିଜୟ ନିଶ୍ଚିତ । ତା' ଗନ୍ତବ୍ୟ ଏକାଗ୍ରତା ମୁଦ୍ରାରେ ସ୍ଥିର । ନଦୀ ଦେଶ କାଳ ପାତ୍ର କିଛି ବିଚାର କରେନା । ଧରାପୃଷ୍ଠରେ ବାଟ କଢ଼େଇ ନେଇଯାଏ ବୋଲି ସେ ଘୂରି ଚାହିଁପାରେ ନାହିଁ । ତା'ର ଗତିଶୀଳ ଧାବମାନତା ସାଗରକୁ ସମୃଦ୍ଧ କରିବା ପାଇଁ । ଗୋଟିଏ ଗୋଟିଏ ନଦୀ ତିନି ଚାରିଟା ଦେଶ ଓ ମହାଦେଶ ମଧ୍ୟ ଦେଇ ପ୍ରବହମାନ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷେ ସଂହତି ଓ ସଂପ୍ରୀତିର ମନ୍ତ୍ର ଜପି ସେ କେବଳ ଚାଲିଥାଏ ଆଗକୁ- ଜନସେବାକୁ ମୁଖ୍ୟ ଆଧାର କରି । କବିଙ୍କ ଲେଖନୀରେ: 'ନଦୀ ହିଁ ଶାଶ୍ୱତ ସୁଖ/ ନଦୀ ହିଁ ଦେଶର ଆତ୍ମା/ ନଦୀ ଅଛି ବୋଲି ଏ ଦେଶରେ ଜନ୍ମନ୍ତି ମହାତ୍ମା ।' ■

ପ୍ରାକ୍ତନ ପ୍ରଫେସର ଓ ପରିବେଶ ବିଜ୍ଞାନୀ
ମୋ: ୯୪୩୮୬୨୧୩୯୧

# ପରମ୍ପରା ଓ ପୋଷଣର ମିଶ୍ରଣ: ଓଡ଼ିଆ ଖାଦ୍ୟ

ଖାଦ୍ୟ ଆମ ଶରୀରକୁ ଶକ୍ତି ଓ ପୋଷଣ ପ୍ରଦାନ କରେ, ଯାହାଦ୍ୱାରା ଆମେ ସୁସ୍ଥ ଏବଂ ସକ୍ରିୟ ରହୁ । ମାନବ ଜୀବନରେ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯିଏ ଯେଉଁଭଳି ଖାଦ୍ୟ ଗ୍ରହଣ କରେ, ତା'ର ବ୍ୟବହାର, ଭାବନା ତା' ଦ୍ୱାରା ପ୍ରଭାବିତ ହୁଏ ବୋଲି ଜ୍ଞାନୀମାନେ ମତ ଦେଇଛନ୍ତି । ସେଥିପାଇଁ ପାରମ୍ପରିକ ଖାଦ୍ୟ ମାନବ ଜୀବନକୁ ସୁସ୍ଥ କରିବା ସହ ଶୃଙ୍ଖଳିତ ମଧ୍ୟ କରିଥାଏ । ପାରମ୍ପରିକ ଖାଦ୍ୟ ସେହି ଅଞ୍ଚଳର ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ । ଏହା ଆମକୁ ଆମର ଐତିହ୍ୟ ଓ ସଂସ୍କୃତି ସହ ଯୋଡ଼ି ରଖେ । ଏହା ଯୋଗୁଁ ଆମେ ଆମର ମୂଳ ସହ ଯୋଡ଼ିହୋଇ ରହୁ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଏବଂ ଏକତାର ସୂତ୍ରରେ ବାନ୍ଧି ହେଉ ।

ପାରମ୍ପରିକ ଖାଦ୍ୟ ଉପରେ ଯଦି ଆଲୋଚନା ହେଉଛି, ତା'ର ଅର୍ଥ ବୁଝିବାକୁ ହେବ ଯେ ଆମର ବର୍ତ୍ତମାନ ଓ ଆଗାମୀ ପିଢ଼ି ପାରମ୍ପରିକ ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି । ସେଥିପାଇଁ ତ ଆଲୋଚନା ମାଧ୍ୟମରେ ତାକୁ ଜୀବିତ କରିବାର ପ୍ରୟାସ କରାଯାଇଛି । ଓଡ଼ିଶାର ସୁସ୍ୱାଦୁ, ସୁସ୍ଥ ପାରମ୍ପରିକ ଖାଦ୍ୟ ଅଭ୍ୟାସକୁ ଦୂରେଇ ଧୀରେ ଧୀରେ ସମସ୍ତେ ଅନ୍ୟ ରାଜ୍ୟ ତଥା ଦେଶର ଖାଦ୍ୟ ପ୍ରତି ଆକର୍ଷିତ ହେଲେଣି । ଏହା ଏକ ସତର୍କ ସୂଚନା ଯେ ଆମକୁ ଆଉ ଆମର ପାରମ୍ପରିକ ଖାଦ୍ୟ ଆକୃଷ୍ଟ କରୁନାହିଁ । ଆମେ ବିଦେଶୀ ଖାଦ୍ୟଗୁଡ଼ିକୁ ଆଗ୍ରହର ସହ ଖାଉଛୁ । ସେଥିପାଇଁ ନିକଟରେ ଓଡ଼ିଶା ସରକାର ଓଡ଼ିଆ ପକ୍ଷ ପାଳନ ମାଧ୍ୟମରେ ଏହାର ପ୍ରଚାର, ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି ପାଇଁ ଦିନଟିଏ ଧାର୍ଯ୍ୟ କରିଥିଲେ । ଯେଉଁ ମାତ୍ରାରେ ବିଦେଶୀ ଖାଦ୍ୟ ପ୍ରତି ଓଡ଼ିଶାବାସୀଙ୍କର ଚାହିଦା ବଢ଼ିବାରେ ଲାଗିଛି, ଯଦି ଏବେଠାରୁ ଆମେ ସଚେତନ ନ ହେବା, ଆମର ପାରମ୍ପରିକ ଖାଦ୍ୟଗୁଡ଼ିକୁ ସମସ୍ତେ ଭୁଲିଯିବେ ।

ଗୋଟିଏ ଉଦାହରଣ ମାଧ୍ୟମରେ କଥାଟି ସ୍ପଷ୍ଟ ହୋଇଯାଇପାରେ । ଆମମାନଙ୍କ ଘରେ ଏବେ ପିଲାମାନେ ( ଶିଶୁ, କିଶୋର, ଯୁବା) କ'ଣ ଖାଇବାକୁ ପସନ୍ଦ କରୁଛନ୍ତି, ତା' ଉପରେ ଟିକେ ନଜର ପକେଇବା । ସକାଳ ଜଳଖିଆରେ, ମଧ୍ୟାହ୍ନ ଭୋଜନରେ, ସନ୍ଧ୍ୟା ଏବଂ ରାତିର ଖାଇବାରେ, ଦିନଟାଯାକର ଖାଦ୍ୟ ତାଲିକା ଦେଖିଲେ ସେଥିରେ ରହିଛି ମ୍ୟାଗି, ପିଜା, ଚାଓମିନ୍, ରୋଲ, ଫ୍ରାଏଡ ରାଇସ, ମୋମୋ, ପାସ୍ତା, ବର୍ଗର, ଚିଲି ଚିକେନ, ଟୀକ୍କା, ସୁପ୍ ଆହୁରି କେତେ କଣ । କ'ଣ ଏସବୁ ଆମର ପାରମ୍ପରିକ ଖାଦ୍ୟ ? କୁଆଡ଼େ ଗଲା ଆମର ଚୁଡ଼ା କଦଳୀ, ଛେନା, ମୁଢ଼ି, ଏଣ୍ଡୁରୀ, ପଖାଳ, ଚକୁଳି, ଚିତଉ, ସନ୍ତୁଳା, ବେସର, ଘାଣ୍ଟି, ଡାଲମା ଆଦି ବ୍ୟଞ୍ଜନ ? ଏଗୁଡ଼ିକ ଆଜିକାଲି କେବଳ ପୂଜା, ପର୍ବପର୍ବାଣି, ଶ୍ରାଦ୍ଧ, ଉପବାସ ଦିନରେ କରାଯାଉଛି । ଦୁଃଖର କଥା ହେଲା, ସେଇ ଗୋଟିଏ ଗୋଟିଏ ଦିନ ବି ପିଲାଙ୍କୁ ଏସବୁ ଖାଇବା କଷ୍ଟକର ହେଉଛି । ଏଥିପାଇଁ କିଏ ଦାୟୀ ? ଦାୟୀ ହେଲା ପରିବେଶ, ପିଲାଙ୍କର ଖାଦ୍ୟ ରୁଚି ଏବଂ କେତେକାଂଶରେ ମାଆମାନଙ୍କର ଅଳସୁଆପଣ । ଶୀଘ୍ର ଏବଂ ବିନା ଝିଞ୍ଜଟରେ ପ୍ରସ୍ତୁତ ହୋଇ ପାରୁଥିବା ଖାଦ୍ୟ ତିଆରି କରି କିମ୍ବା ବାହାରୁ କିଣି ଆଣି ମାଆମାନେ ପିଲାଙ୍କୁ ଦେବାର ଅଭ୍ୟାସ କରି ସାରିଲେଣି । ପିଲାଏ ବି ବାହାରେ ସାଙ୍ଗସାଥୀଙ୍କ ସହ ମିଶି ସହଜରେ ମିଳି ଯାଉଥିବା ଖାଦ୍ୟ କିଣି ଖାଇବା ପାଇଁ ଇଚ୍ଛା କରୁଛନ୍ତି ।

ଓଡ଼ିଶାର ଗ୍ରାମ, ସହର ଏବଂ ଆଦିବାସୀ ଅଞ୍ଚଳଗୁଡ଼ିକର ପାରମ୍ପରିକ ଖାଦ୍ୟ ଯେ କେବଳ ସ୍ୱାଦିଷ୍ଟ ହୋଇଥାଏ, ତା' ନୁହେଁ, ଏହା ଶରୀର ପାଇଁ ମଧ୍ୟ ଉପକାରୀ । ଓଡ଼ିଆ ଖାଦ୍ୟପଦାର୍ଥଗୁଡ଼ିକରେ ସବୁ ପ୍ରକାରର ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ଥାଏ । ଏଥିରେ ବ୍ୟବହୃତ ଶସ୍ୟ, ପନିପରିବା, ତେଲ, ମସଲା, ଘିଅ, ଡାଲି- ପ୍ରତିଟି ଦ୍ରବ୍ୟରେ ଯେଉଁ ଜୀବସାରଗୁଡ଼ିକ ରହିଛି, ତାହା ଶରୀରର ପ୍ରତିରକ୍ଷା ଶକ୍ତି ବଢ଼ାଏ ଏବଂ ମସ୍ତିଷ୍କକୁ କାର୍ଯ୍ୟକ୍ଷମ କରେ । ଏଭଳି ଖାଦ୍ୟରେ କମ୍ କ୍ୟାଲୋରୀ ରହିଥାଏ, ଯାହା ଓଜନ ବୃଦ୍ଧିକୁ ନିୟନ୍ତ୍ରଣରେ ରଖେ । ଓଡ଼ିଆମାନଙ୍କର ପିଠା, ମିଠା, ଆମିଷ, ନିରାମିଷ ଏବଂ ସାତ୍ତ୍ୱିକ ଭୋଜନ ଖୁବ୍ କମ୍ ତେଲ, ମସଲାଯୁକ୍ତ ଏବଂ ଦୁଗ୍ଧଜାତ ଦ୍ରବ୍ୟରୁ ପ୍ରସ୍ତୁତ ହୋଇଥାଏ । ପଖାଳ, ପଣା, ଶାଗ, କାଞ୍ଜି, ମହୁର ଆଦି ବ୍ୟଞ୍ଜନରେ ପଡୁଥିବା ପନିପରିବା, ଶସ୍ୟ, ଫଳ ପ୍ରୋଟିନ, ଭିଟାମିନ ଏବଂ ଅନ୍ୟ ଖଣିଜରେ ଭରପୂର ଥାଏ ।

ଏବକାର ପିଢ଼ି ଯେଉଁସବୁ ଖାଦ୍ୟ ମୋହରେ ଅଛନ୍ତି, ତାହା କେବେ କେମିତି ଖାଇଲେ ଚଳିବ;ତାକୁ ପାଟି ସୁଆଦ ଖାଇବା ହିସାବରେ ନେଲେ କିଛି ଅସୁବିଧା ନାହିଁ, କିନ୍ତୁ ନିୟମିତ ଯଦି ଏହାକୁ ସେବନ କରାଯାଏ, ନାନାଦି ରୋଗରେ ଆକ୍ରାନ୍ତ ହେବା ହିଁ ସାର ହେଉଛି । ସାଧାରଣ ଅମ୍ଳ (ଏସିଡିଟି) ଭଳି ଛୋଟ ରୋଗରୁ



ଆରମ୍ଭ ହୋଇ ପଥୁରୀ, ହୃଦୟ ରୋଗ, ଯକୃତ୍, ବୃକ୍କଜନିତ ରୋଗ, କର୍କଟ ଏବଂ ଅନ୍ତ୍ର ଘା ଭଳି ବଡ଼ ରୋଗରେ ପରିଣତ ହେଉଛି । ପରିବର୍ତ୍ତିତ ଖାଦ୍ୟଶୈଳୀ ହିଁ ଏଭଳି ରୋଗର କାରଣ । ରାସାୟନିକ ଦ୍ରବ୍ୟ ପ୍ରୟୋଗ ହୋଇଥିବା ପ୍ୟାକେଟ ଖାଦ୍ୟ, କୀଟନାଶକ ପ୍ରୟୋଗ ହୋଇଥିବା ପନିପରିବା, ସାର ପ୍ରୟୋଗ କରାଯାଇଥିବା ଶସ୍ୟ ସହ ଚାଇନିଜ୍, ଇଟାଲିଆନ୍ ଖାଇବା, ଯେଉଁଥିରେ ମୁଖ୍ୟ ଉପାଦାନ ମଇଦା, ଚାଇନା ଲୁଣ, ଅରିଗେନୋ, ବିଭିନ୍ନ ପ୍ରକାରର ସସ୍ ହୋଇଥାଏ । ୟା ସହ ଆହୁରି ଯୋଡ଼ି ହେଉଛି ଆଜିକାଲି ମିଳୁଥିବା ନକଲି ବା ପ୍ଲାଷ୍ଟିକ୍ ଚାଉଳ, ପତ୍ରକୋବି, ରସୁଣ, ପନିର ଆହୁରି କେତେ କଣ ।

ଶେଷରେ ଏତିକି କୁହାଯାଇପାରେ ଯେ ପାରମ୍ପରିକ ଖାଦ୍ୟଗୁଡ଼ିକୁ କେବେ କେମିତି ସାମୟିକ ଭାବରେ ଖାଇବାରେ ବ୍ୟବହାର ନ କରି ନିତି ଖାଇବା ଥାଳିରେ ରଖିବା ଉଚିତ । ଦୈନିକ ଖାଇବା ଭିତରେ ଆମ ଓଡ଼ିଆ ପାରମ୍ପରିକ ବ୍ୟଞ୍ଜନରୁ ଗୋଟିଏ କିମ୍ବା ଦୁଇଟି ନିଶ୍ଚୟ ରହିବା ଉଚିତ । ଘରେ ପ୍ରସ୍ତୁତ ହେଲେ ପିଲାମାନେ ଖାଇବାକୁ ନିଶ୍ଚୟ ଇଚ୍ଛା କରିବେ, ନହେଲେ ଧୀରେ ଧୀରେ ଅଭ୍ୟାସ କରିବେ । ଯଦି ସମ୍ଭବ, ପିଲାମାନେ ଖାଇବା ବେଳେ କ'ଣ ସବୁ ଖାଉଛନ୍ତି, ସେ ବିଷୟରେ ମଧ୍ୟ ସେମାନଙ୍କର ଧାରଣା ରହିବା ଦରକାର । ଖାଦ୍ୟରେ ଥିବା ଉପାଦାନଗୁଡ଼ିକ ବିଷୟରେ ଜଣାଇ ଶରୀର ଉପରେ ଏହାର ପ୍ରଭାବ କ'ଣ ରହିଛି ଜାଣିଲେ ପିଲାମାନେ ନିଶ୍ଚୟ କ୍ରମେ ଏହାର ଉପକାରିତା ଉପଲବ୍ଧି କରିବେ । କାରଣ, ପାରମ୍ପରିକ ଖାଦ୍ୟ ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ଭିତରେ ଅନ୍ତର୍ଭୁକ୍ତ । ଏହାକୁ ମନ୍ଦିର ପ୍ରସାଦ କିମ୍ବା କୌଣସି ବିଶେଷ ଦିବସରେ ସୀମିତ ନ ରଖି ଅଧିକରୁ ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ହେବ । ଏହି ପ୍ରୟାସକୁ ସଫଳ କରି ପାରିବେ କେବଳ ଗୃହିଣୀମାନେ । ଘରେ ରୋଷେଇ କରି ପିଲାଙ୍କୁ ଏଭଳି ଖାଦ୍ୟ ପ୍ରତି ରୁଚିଶୀଳ କରିବା ବର୍ତ୍ତମାନ ପାଇଁ ଏକ ସଂଘର୍ଷ ହୋଇପାରେ, ମାତ୍ର ଏଥିରେ ସଫଳ ହେଲେ ନିଜ ପିଲାଙ୍କ ସୁସ୍ଥ ଭବିଷ୍ୟତର ପରିକଳ୍ପନା କରିହେବ ବୋଲି ଆଶା କରାଯାଇପାରେ । ■

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

# ଭାନ୍ସ, ଭାରତ ଓ ଭାଗିଦାରୀ

ଦୀର୍ଘ ବାର ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଆମେରିକୀୟ ଉପରାଷ୍ଟ୍ରପତି ଭାରତ ଗସ୍ତରେ ଆସିଥିଲେ- ୨୦୧୩ରେ ଜୋଶେଫ୍ ବାଇଡେନ୍‌ଙ୍କ ଗସ୍ତ ପରେ । କିନ୍ତୁ ତାଙ୍କ ଆଗମନ ଉପରେ ଯେତିକି ଗୁରୁତ୍ୱ ରହିବା କଥା, ତା'ର ସମସ୍ତ ଭାଗ ନେଇଗଲା ପହଲଗାମ୍‌ରେ ଆତଙ୍କବାଦୀମାନେ ଘଟାଇ ଥିବା ପାଶବିକ ନରସଂହାର । ଅବଶ୍ୟ ଶ୍ରୀଯୁକ୍ତ ଭାନ୍ସଙ୍କ ଗସ୍ତ 'ଅଧିକ ପରିମାଣରେ ଏକ ବ୍ୟକ୍ତିଗତ ବା ଘରୋଇ ବ୍ୟାପାର', କାରଣ ସେ ନିଜର ଭାରତୀୟ ବଂଶୋଦ୍ଭବ ପତ୍ନୀ ଉଷା ଚିଲୁକୁରୀ ଭାନ୍ସ ଏବଂ ତାଙ୍କର ତିନି ସନ୍ତାନଙ୍କ ସହିତ ଦିଲ୍ଲୀ, ଜୟପୁର, ଆଗ୍ରା ଇତ୍ୟାଦି ବୁଲିବାକୁ ଆସିଥିବା ସମସ୍ତେ ଜାଣନ୍ତି । ତଥାପି ତାଙ୍କର ଏହି ଗସ୍ତ କାଳରେ ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା କେତେକ ନିଷ୍ପତ୍ତି ଉପରେ ତ୍ୱରିତ ସମୀକ୍ଷା ହୋଇଛି, ଯେଉଁଗୁଡ଼ିକ ଗତ ଫେବ୍ରୁଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ କାଳରେ ନିଆ ଯାଇଥିଲା, ଯଦିଓ ସୋମବାର ଦିନ ଶ୍ରୀଯୁକ୍ତ ଭାନ୍ସ ଏବଂ ଶ୍ରୀଯୁକ୍ତ ମୋଦୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ସେମିତି କିଛି ଉଲ୍ଲେଖନୀୟ ଫଳାଫଳ ବାହାରି ନଥିଲା କେବଳ ଏତିକି ଘୋଷଣା କରାଯିବା ବ୍ୟତୀତ ଯେ ୱାଶିଂଟନ୍‌ଠାରେ ଦ୍ୱିପାକ୍ଷିକ ବ୍ୟବସାୟିକ ରାଜିନାମା (ବିଟିଏ)ର ସର୍ତ୍ତାବଳୀଗୁଡ଼ିକ ସ୍ଥିର ହୋଇ ସାରିଛି । ଏହା ବାଦ୍ ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ୱାଡ୍ ସମ୍ମିଳନୀ ପାଇଁ ଭାରତ ଗସ୍ତରେ ଆସିବା କଥା ଓ ଭାରତ-ପ୍ରଶାନ୍ତ ମହାସାଗର କୌଶଳ ଉପରେ ଆଲୋଚନା କରିବାକୁ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଆଲୋଚନା ସୁଯୋଗ ପ୍ରଦାନ କରିଥିଲା । ଏହା ପରେ ମଙ୍ଗଳବାର ଦିନ ଜୟପୁରଠାରେ ଶ୍ରୀଯୁକ୍ତ ଭାନ୍ସ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ ବାଣିଜ୍ୟିକ ସମତା ପାଇଁ କ୍ଷେତ୍ର ପ୍ରସ୍ତୁତି ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଆମେରିକାର ଏମିତି ଏକ ବ୍ୟବସାୟିକ ଭାଗିଦାର ବା ଅଂଶୀଦାର ଚାହୁଁଛି, ଯିଏକି ମୂଲ୍ୟ କମ୍ ରଖିବା ପାଇଁ ଶ୍ରମିକମାନଙ୍କ ମଜୁରିକୁ ଦମନ କରୁ ନଥିବ । ସେ ଆହୁରି ମଧ୍ୟ କହିଥଲେ ଯେ ଏକ ଆଦର୍ଶ ବ୍ୟବସାୟିକ ଅଂଶୀଦାର ବିଭିନ୍ନ ସାମଗ୍ରୀର ଉତ୍ପାଦନ କରୁଥିବ ଏବଂ କେବଳ ଅନ୍ୟ ଦେଶମାନଙ୍କ ସାମଗ୍ରୀଗୁଡ଼ିକର ପରିବହନକାରୀ ମାଧ୍ୟମ ହୋଇ ନଥିବ । ତେବେ ଏଭଳି ମନ୍ତବ୍ୟ ପ୍ରଦାନ କରିବା ବେଳେ ସେ କେଉଁ ଦେଶ କଥା ମନରେ ରଖି ଏପରି କହିଥିଲେ, ସେ ସମ୍ପର୍କରେ ଯଦିଓ ଶ୍ରୀଯୁକ୍ତ ଭାନ୍ସ ଖୋଲାଖୋଲି ବ୍ୟକ୍ତ କରି ନଥିଲେ, ତେବେ ତାଙ୍କୁ ଆତିଥେୟତା ପ୍ରଦାନ କରିଥିବା ଦେଶ ଭାରତ ଏଭଳି ଅଂଶୀଦାର ହେବା ପାଇଁ ଯେ ଯୋଗ୍ୟ, ତାହା କହିବାର ଆବଶ୍ୟକତା ନାହିଁ ।

୨୦୨୫ରେ ଅର୍ଥନୀତିକ ସର୍ବେକ୍ଷଣରେ ଉଲ୍ଲେଖ କରାଯାଇଥିବା ମୁତାବକ, ଭାରତରେ କର୍ପୋରେଟ୍ ଲାଭଗୁଡ଼ିକ ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ଶ୍ରମିକମାନଙ୍କ ମଜୁରି କ୍ଷେତ୍ରରେ ଦେଖା ଦେଇଛି ସ୍ଥାଣୁତା । ଏକଥା ମଧ୍ୟ ଏକ ଅତି ଗୋପନୀୟ କଥା ଯେ ଭାରତ ରୁଷିଆର ଶସ୍ତା ତୈଳକୁ ବିଶୋଧନ କରି ତା' ପରେ ତାକୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ବିକ୍ରି କରି ଲାଭ ଅର୍ଜନ କରୁଥିବା ବେଳେ ୟୁକ୍ରେନ୍ ସହିତ ଯୁଦ୍ଧ ଆରମ୍ଭ କରିବା ପରେ ଏହି ଦେଶକୁ ଅନୁଦାନ ବନ୍ଦ କରିଥିବା ରାଷ୍ଟ୍ରମାନଙ୍କରେ ମଧ୍ୟ ଅଶୋଧିତ ତୈଳ ପହଞ୍ଚାଇ ସେ ବାଟରେ ଲାଭ ଅର୍ଜନ କରୁଛି । ତାଙ୍କ ଦେଶ ବାଣିଜ୍ୟିକ କାରବାର କରିବାକୁ ଆଗ୍ରହ ପ୍ରକାଶ କରିବା ଅବସରରେ ବାସ୍ତବରେ ଯଦି ଏଇଆକୁ ଲକ୍ଷ୍ୟ କରି ଶ୍ରୀଯୁକ୍ତ ଭାନ୍ସ ତାଙ୍କ ପ୍ରଶାସନର ପ୍ରାଥମିକତା ସନ୍ଦର୍ଭରେ ଉପରୋକ୍ତ କଥା କହିଥାନ୍ତି, ତା'ହେଲେ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ ଆଗକୁ ଯେଉଁ କାରବାର ହେବାର କଥା ଉଠୁଛି, ତାହା ଏକ ତୀଖ ଗଡ଼ାଣିର ସମ୍ମୁଖୀନ ହେବ । ତେବେ ବିବ୍ରତ କରିବା ଭଳି ହେଲେ ସୁଦ୍ଧା ଏହି ବାକ୍‌ପଟୁତାରେ ଆଶାବାଦର ଏକ ଝଲକ ରହିଛି । କାରଣ, ଶ୍ରୀଯୁକ୍ତ ଭାନ୍ସ ଇତ୍ୟବସରେ ପ୍ରକାଶ କରି ସାରିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟିକ କାରବାରର ସର୍ତ୍ତାବଳୀଗୁଡ଼ିକର ନିର୍ଣ୍ଣୟ ହୋଇ ସାରିଛି । ପରନ୍ତୁ, ଏହା ସତ୍ତ୍ୱେ ଦୁଇ ଦେଶଙ୍କ ଭିତରେ ଚୁକ୍ତି ହେବାର କୌଣସି ଲକ୍ଷଣ ପ୍ରକାଶ ପାଇନାହିଁ । ସୋମବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ଚଳିତ ବର୍ଷ ଶେଷ ସୁଦ୍ଧା ବ୍ୟବସାୟିକ କାରବାର ସମ୍ପର୍କିତ ଏକ ଚୁକ୍ତିନାମା ପ୍ରସ୍ତୁତ ହୋଇପାରେ । ସେ ଯାହାହେଉ, ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ଉଚ୍ଚ ଦରର ତାରିଫ୍‌ରେ ଯେଉଁ ୯୦ ଦିନିଆ ଛାଡ଼ ଦେଇଛନ୍ତି, ତାହା ଜୁଲାଇ ମାସରେ ଶେଷ ହେବାକୁ ଯାଉଛି । ତା' ପରେ କ'ଣ ହେବ, ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ନାହିଁ । ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଆମେରିକା ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକ ଉପରେ ଯେତିକି ତାରିଫ୍ ଲାଗୁ କରିଥାଏ, ଭାରତ ତା'ଠାରୁ ଢେର୍ ଅଧିକ ଲାଗୁ କରିଥାଏ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ । ଏହା ସତ୍ତ୍ୱେ ଆମେରିକା ସହିତ ଏକ ସମ୍ଭାବ୍ୟ ବ୍ୟବସାୟିକ କାରବାର ବିରୁଦ୍ଧରେ ସମଗ୍ର ଭାରତରେ ସୋମବାର ଦିନ ହୋଇଥିବା କୃଷକମାନଙ୍କ ପ୍ରତିବାଦ ଦର୍ଶାଇ ଥାଏ ଯେ ବିଶେଷକରି ଭାରତର କୃଷିକ୍ଷେତ୍ର ଆଶଙ୍କା କରୁଛି କି ଘରୋଇ ବଜାରରେ ଧନୀ ଅର୍ଥନୀତିମାନଙ୍କ ସାମଗ୍ରୀଗୁଡ଼ିକ ସହିତ ଏହାକୁ ପ୍ରତିଯୋଗିତା କରିବାକୁ ପଡ଼ିବ ।

ଏଭଳି ଆଶଙ୍କା ପ୍ରକାଶ ପାଇବା ଏକ ସ୍ୱାଭାବିକ କଥା: ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ କୃଷିଜାତ ସାମଗ୍ରୀ ଉତ୍ପାଦନ ଔଦ୍ୟୋଗିକ ହୋଇଥିବା ବେଳେ ଭାରତର ଗ୍ରାମାଞ୍ଚଳରେ ଉତ୍ପାଦନ ଛୋଟ ଛୋଟ ଜମି ଧାରକମାନଙ୍କ ମଧ୍ୟରେ ବିଭାଜିତ ଏବଂ ଚାଷୀମାନେ ସେମାନଙ୍କର ପାଶ୍ଚାତ୍ୟ ପ୍ରତିପକ୍ଷମାନଙ୍କ ସହିତ ତାଳ ଦେବା ଭଳି ଢଙ୍ଗରେ ସେମାନଙ୍କ ଉତ୍ପାଦଗୁଡ଼ିକୁ ସମାନ ପରିମାଣରେ ତଥା ପ୍ୟାକିଂ କରିବାରେ ସମକକ୍ଷ ହେବା ଭଳି ସମ୍ବଳର ଅଧିକାରୀ ନୁହନ୍ତି । ଭାରତର ଅଧା ଜନସଂଖ୍ୟା ଏବେ ସୁଦ୍ଧା ସେମାନଙ୍କ ଜୀବିକାର୍ଜନ ପାଇଁ କୃଷି ଉପରେ ନିର୍ଭର କରନ୍ତି । ଶ୍ରୀଯୁକ୍ତ ମୋଦୀଙ୍କ ସରକାର ଭାରତର ସ୍ୱାର୍ଥଗୁଡ଼ିକର ସୁରକ୍ଷା କରିବା ସହିତ ଦେଶକୁ ଅଧିକ ପରିମାଣର ଆମେରିକୀୟ ତାରିଫ୍ କବଳରୁ ଦୂରେଇ ରଖିବା ଉଚିତ । ଆମେରିକା ଏହାର ବ୍ୟବସାୟିକ ଅଂଶୀଦାର ନିକଟରେ କ'ଣ ସବୁ ଦେଖିବାକୁ ଚାହେଁ, ଶ୍ରୀଯୁକ୍ତ ଭାନ୍ସ ତାହା ଉଲ୍ଲେଖ କରି ସାରିଛନ୍ତି । ଏବେ ଶ୍ରୀଯୁକ୍ତ ମୋଦୀଙ୍କ ପାଳି ଆମେରିକାକୁ ଜଣାଇ ଦେବାର ଯେ ଏକ ମିତ୍ର ରାଷ୍ଟ୍ର ଭାବରେ ଭାରତ କ'ଣ ଚାହେଁ: ସମ୍ମାନ ଓ ବୁଝାମଣା । ■

# କାଲିକି କହିବି, ଆଉ ଥରେ କୁହ

ସ୍ୱାମୀ, ସ୍ତ୍ରୀ, ପିଲା ଏକାଠି ରହିଲେ ପରିବାର ହୁଏନା କିମ୍ବା ବାପା, ମାଆ, ଶାଶୂ, ଶ୍ୱଶୁର ଗୋଟିଏ ଜାଗାରେ ରହିଲେ ପରିବାର ହୁଏନା । ପରିବାର ଏକ ସୁସ୍ଥ ମାନସିକତା ଓ ବୁଝାମଣାର କଥା । ଯେମିତି ଫୁଲ ଭିତରେ ସୂତା ଲୁଚିକରି ଥାଏ, ସେମିତି ପରିବାରରେ ଭିତରେ ଶାନ୍ତି ଲୁଚିକରି ଥାଏ । ପରିବାରରେ ଶାନ୍ତି ରହିବା ପାଇଁ ଯେଉଁ ସଫଳ ସୂତ୍ରଟି ଅଛି, ତାକୁ ନେଇଆଣି ଥୋଇ ପାରିଲେ ହେଲା । ଖାଇବା, ପିନ୍ଧିବା ଅଭାବରେ କୋଉ ପରିବାରରେ କଳି ଝଗଡ଼ା ଲାଗେନା ! କଳି ଝଗଡ଼ା ଲାଗେ ପରସ୍ପର ବୁଝାମଣା ଅଭାବରୁ । ଆମେ ସବୁବେଳେ ଏତେ ବ୍ୟସ୍ତ ଓ ବିବ୍ରତ ଯେ ଟିକିଏ କିଛି ଘଟିଗଲେ ତତ୍‌କ୍ଷଣାତ୍ ପ୍ରତିକ୍ରିୟାଶୀଳ ହୋଇଉଠୁ । ପ୍ରତିଶୋଧ ପରାୟଣ ହେଉ । ଫଳରେ ଖାଲି ପରିବାର ନୁହେଁ, ସାହି ପଡ଼ିଶାରେ ବି ଅଶାନ୍ତି ସୃଷ୍ଟିକରୁ । ଏ ନେଇ ଉଦାହରଣଟିଏ ।

ସନ୍ଥଙ୍କ ପାଖରେ ପହଞ୍ଚିଲେ ଦମ୍ପତି । ପରସ୍ପର ଭିତରେ ମନୋମାଳିନ୍ୟ ଦେଖା ଦେଉଥିଲା । ପତ୍ନୀ ଯାହା କୁହନ୍ତି, ପତିଙ୍କୁ ସୁହାଏନା । ପତି ଯାହା କୁହନ୍ତି, ପତ୍ନୀଙ୍କୁ ବି ଭଲ ଲାଗେନା । ଜଣେ ଗୋଟିଏ କଥା କହିଲେ, ଅନ୍ୟ ଜଣେ ଆଉ ଗୋଟିଏ କଥା କୁହନ୍ତି । ଏମିତିକି ପରିବାରରେ ସ୍ୱାମୀ ରାଗରେ ଗୋଟିଏ ଜିନିଷ ଭାଙ୍ଗିଲେ, ସ୍ତ୍ରୀ ଆଉ ଗୋଟିଏ ଜିନିଷ ଭାଙ୍ଗନ୍ତି । ସାମାନ୍ୟ କଥାରେ ପରିବାରରେ ଝଡ଼ ସୃଷ୍ଟି ହୁଏ । ଅଯଥାରେ ସାଇତା ଥିବା ଜିନିଷ ଭାଙ୍ଗିରୁଜି ଯାଏ । ସନ୍ଥ ପତିଙ୍କୁ ଗୋଟିଏ ମନ୍ତ୍ର ଦେଲେ । କହିଲେ- 'ଏ ମନ୍ତ୍ରଟି ତୁମେ ମନେ ରଖିବ । ଆଉ କାମରେ ବି ଲଗେଇବ ।' ପତ୍ନୀଙ୍କୁ ବି

ପଦ୍ମାରବିନ୍ଦ

ଗୋଟିଏ ମନ୍ତ୍ର ଦେଇ କହିଲେ-'ୟାକୁ ମୁଖସ୍ଥ କରି କାମରେ ଲଗେଇବ ।' ଫେରି ଆସିଲା ପରେ ପତି ପଚାରିଲେ- 'ସନ୍ଥ ତୁମକୁ କି ମନ୍ତ୍ର ଦେଇଛନ୍ତି ?' ପତ୍ନୀ କହିଲେ- 'ମୋ ମନ୍ତ୍ର ମୋର । ତୁମ ମନ୍ତ୍ର ତୁମର । ମୁଁ କହିବିନି ।' ପତ୍ନୀ ମଧ୍ୟ ପତିଙ୍କ ମନ୍ତ୍ର ବିଷୟରେ ଜାଣିବାକୁ ଇଚ୍ଛା କଲେନି । ପତ୍ନୀଙ୍କ କଥାରେ ପତି ରାଗିଗଲେ ଆଉ କହିଲେ- 'ତୁମର ଉତ୍ତର ମୁଁ କାଲିକି ଦେବି ।' ତା'ପରେ ନିରବ ରହିଲେ । ପର ଦିନ ପତ୍ନୀ କହିଲେ- 'କାଲି ପରା କ'ଣ କହିବ ବୋଲି କହୁଥିଲ ! କହୁନା ।' ପତି ଶାନ୍ତ ସ୍ୱରରେ କହିଲେ- 'କାଲି ଯାହା କହିବାକୁ ଭାବିଥିଲି, ଆଉ ଏବେ କହିବିନି ।' ଆଉ ଗୋଟିଏ ଦିନ ପତି ପତ୍ନୀଙ୍କୁ ଗାଳି ଦେଲେ । ପତ୍ନୀ କହିଲେ- 'ଆଉ ଟିକେ ଗାଳି ଦିଅ ।' ପତି କହିଲେ- 'କାଲିକୁ କହିବି ।'

ବାସ୍ତବରେ ମନ୍ତ୍ର ଦୁଇଟା ବଡ଼ ଅଦ୍ଭୁତ ଥିଲା । କିଛିଦିନ ପରେ ପରିବାରରେ କଳି ଝଗଡ଼ା ନଥିଲା । ଦିନେ ପତ୍ନୀ ପଚାରିଲେ- 'ତୁମର ମନ୍ତ୍ର କ'ଣ ଥିଲା ?' ପତି କହିଲେ- 'କାଲିକୁ କହିବି ।' ପତି ପତ୍ନୀଙ୍କୁ ପଚାରିଲେ- 'ତୁମର ମନ୍ତ୍ର କ'ଣ ଥିଲା ?' ପତ୍ନୀ କହିଲେ- 'ଆଉଥରେ କୁହ ।' ଏଇ ଦୁଇଟି ବାକ୍ୟ ହିଁ ମନ୍ତ୍ର । ପତିର ମନ୍ତ୍ର ଥିଲା- 'କାଲିକି କହିବି' ଓ ପତ୍ନୀର ମନ୍ତ୍ର ଥିଲା 'ଆଉଥରେ କୁହ ।' ଏ ମନ୍ତ୍ର ପଛର ରହସ୍ୟ ବଡ଼ ଅଦ୍ଭୁତ ଥିଲା । କେହି କିଛି କହିଲେ, ଆମେ ତତ୍‌କ୍ଷଣାତ୍ ପ୍ରତିକ୍ରିୟାଶୀଳ ହୋଇଉଠୁ । ମୁହଁରେ ଜବାବ୍ ଦେଉ । କଳି ବଢ଼େ । କଳି କରିବାକୁ ଅଛି ତ ଗାଳି ଆଜି ଶୁଣ । କାଲିକୁ ତା' କଡ଼ା କଥାର ଜବାବ ଦେବ । ମଣିଷ ଚବିଶ ଘଣ୍ଟା ରହିଲା ପରେ ତା' ରାଗ କମି ଯାଇଥିବ । ରାଗରେ ଯେଉଁ ଉତ୍ତର ଦେବା କଥା, ସେ କାଲିକୁ ସେମିତି ଉତ୍ତର ଦେଇ ପାରିବନି । ପୁଣି ଯଦି ରାଗରେ କେହି ଗାଳି ଦେଉଛି, ତାକୁ କୁହ- 'ସେଇ କଥାକୁ ଆଉଥରେ କୁହ ।' ବାରମ୍ବାର ଗୋଟିଏ କଥା କହିବାକୁ କାହାକୁ ଭଲ ଲାଗେନା । ସେ କହିବା ବନ୍ଦ କରିଦେବ । ପରିବାରରେ ଏଇ ଦୁଇଟି କଥାକୁ କ୍ରିୟାଶୀଳ କରାଇଲେ ପରିବାର ହସି ଉଠିବ ।■

ନିତିଦିନ NITIDIN



# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



**ଯାଜପୁର,୨୪।୪/ଏନ୍‌ଏନ୍‌ଏସ୍:** ଆଜି ପୂର୍ବାହ୍ନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ଯାଜପୁର ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଇଯାଇଛି। ଉକ୍ତ ଦିବସରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ କହିଲେ ଏପ୍ରିଲ ୨୪,୧୯୯୩ ମସିହାରେ ୭୩ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମର କାର୍ଯ୍ୟକାରିତାକୁ ଚିହ୍ନିତ କରେ। ଯାହା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିଥିଲା । ଭାରତର ଗଣତାନ୍ତ୍ରିକ ଢାଞ୍ଚାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱକୁ ସ୍ୱୀକାର କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଏ। ଏହି ଐତିହାସିକ ସଂଶୋଧନ ଫଳରେ ସାରା ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ଯାହା ସ୍ଥାନୀୟ ସ୍ୱାୟତ୍ତ ଶାସନକୁ ସଶକ୍ତ କରିଥିଲା ଏବଂ ତୃଣମୂଳ ଗଣତନ୍ତ୍ରକୁ ସୁଦୃଢ଼ କରିଥିଲା। ଶାସନକୁ ତୃଣମୂଳ ସ୍ତରକୁ ଆଣିବା, ଗ୍ରାମ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାରେ ଏହି ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏକ ଦେଶର ବିକାଶ ତଥା ରାଜ୍ୟର ବିକାଶ ଏହାର ପଞ୍ଚାୟତର ବିକାଶ ଉପରେ ନିର୍ଭର କରିଥାଏ । ସ୍ଥାନୀୟ ପିଆର୍‌ଆଇ ସଦସ୍ୟମାନେ ତୃଣମୂଳସ୍ତରରୁ ପଞ୍ଚାୟତର ବିକାଶ ନିମନ୍ତେ କାମ କରିପାରିବେ ଯାହା କି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ। ଏହା ହିଁ ହେଉଛି ପଞ୍ଚାୟତିରାଜ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।ସ୍ଥାନୀୟ ସ୍ୱାୟତ୍ତ ଶାସନକୁ ସଶକ୍ତ କରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସମ୍ପ୍ରଦାୟଗୁଡ଼ିକୁ ସେମାନଙ୍କ ନିଜସ୍ୱ ବିକାଶର ଦାୟିତ୍ୱ ନେବାକୁ ଏବଂ ସେମାନଙ୍କ ଜୀବନକୁ ପ୍ରଭାବିତ କରୁଥିବା ସୂଚିତ ନିଷ୍ପତ୍ତି ନେବାକୁ ସକ୍ଷମ କରିଥାଏ। ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ଅନେକ ଗୁଡ଼ିଏ ବ୍ୟବସ୍ଥା କରାଯାଇଛି। ଯେପରି କେନ୍ଦ୍ରସ୍ତରୀୟ ପାଣ୍ଠି ତଥା ରାଜ୍ୟସ୍ତରୀୟ ପାଣ୍ଠି ଆଦିର ବ୍ୟବସ୍ଥା କରାଯାଇଛି। ଗୋଟିଏ ଦେଶର ମେରୁଦଣ୍ଡ ହେଉଛି ଗାଁ। ଗାଁ ର ବିକାଶ ହେଲେ ଦେଶର ବିକାଶ ହେବ । ସେଥିପାଇଁ ଜାତୀୟ ପଞ୍ଚାୟତିରାଜ ଦିବସରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ପ୍ରଣୟନ କରାଯାଇଛି। ଯାହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଉକ୍ତ ଦିବସରେ ନୂତନ ହିତାଧିକାରୀଙ୍କୁ ରାସନ୍‌କାର୍ଡ ମଧ୍ୟ ବଣ୍ଟନ କରାଯାଇଥିଲା । ଯାଜପୁର ଜିଲ୍ଲାରେ ୪୨୩୮୧ ଜଣ ହିତାଧିକାରୀ ନୂତନ ରାସନ କାର୍ଡ ପାଇବେ। ଜିଲ୍ଲାସ୍ତରୀୟ ଉତ୍ସବରେ ୫୫ ଜଣ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ କରାଯାଇଛି। ଜାତୀୟ ପଞ୍ଚାୟତିରାଜ ଦିବସରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ଯାଜପୁର ଜିଲ୍ଲାର ଦାନଗଦି ବ୍ଲକର ତ୍ରିଜଙ୍ଗା ପଞ୍ଚାୟତ, କୋରେଇ ବ୍ଲକର ପଛିକୋଟ ପଞ୍ଚାୟତ, ଧର୍ମଶାଳା ବ୍ଲକର ରାଇଛନ୍ଦା ପଞ୍ଚାୟତ, ରସୁଲପୁର ବ୍ଲକର ସମନ୍ତରାପୁର ପଞ୍ଚାୟତ, ପହଙ୍ଗା ପଞ୍ଚାୟତ ଓ ମୁଗୁପାଳ ପଞ୍ଚାୟତକୁ ୭ ଲକ୍ଷ ୭୨ ହଜାର ୯୪୬ ଟଙ୍କା ଅର୍ଥ ରାଶି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତକୁ ୫ ଲକ୍ଷ ୭୯ ହଜାର ୭୧୦ ଟଙ୍କା ଅର୍ଥରାଶି, ତୃତୀୟ ସ୍ଥାନ ଅଧିକାର କରିଥିବା ରସୁଲପୁର ବ୍ଲକର ବଡକଇଞ୍ଚି ପଞ୍ଚାୟତ, ବନ୍ଧଡ଼ିହ ପଞ୍ଚାୟତ, ଟିକରପଡ଼ା ପଞ୍ଚାୟତ, ବଡ଼ଚଣା ବ୍ଲକ ର ବାରିପଦା ପଞ୍ଚାୟତ, ସୁକିନ୍ଦା ବ୍ଲକର ର ପିମ୍ପୁଡ଼ିଆ ପଞ୍ଚାୟତ ଓ ରାନସ୍ଥଳ ପଞ୍ଚାୟତ କୁ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କା ଅର୍ଥରାଶି ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଦିବସରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଯାଜପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସ୍ୱର୍ଣ୍ଣଲତା ପରିଡା, ଏପିଡ଼ି, ଲମ୍ବୋଦର ଖୁଣ୍ଟିଆ, ବିଡିଓ ହେମନ୍ତ କୁମାର ମହନ୍ତ, ବିଭାଗୀୟ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସହରର ବୁଦ୍ଧିଜୀବୀ, ପିଆର୍‌ଆଇ ମେମ୍ବର, ମିଶନ ଶକ୍ତି ମହିଳା, ଯୋଜନାର ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ନାଉଗାଁ,୨୪।୪/ଏନ୍‌ଏନ୍‌ଏସ୍:** ନାଉଗାଁ ବ୍ଲକ୍ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେବ୍ଲକ୍ ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ। ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟରାଜ ଦିବସ ପୁରୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତରେ ପାଳିତ ହୋଇ ବିଭିନ୍ନ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ବେଳେ ଏହି ପରି ପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅନୁଷ୍ଠିତ ହୋଇଯାଇଛି। ତେବେ ସେହିପରି ନାଉଗାଁ ବ୍ଲକ୍‌ର ଅଲଣାହାଟ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହି ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକ୍ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିପିଡିଓ ଦିନେଶ କୁମାର ରାୟ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ବିଭିନ୍ନ ପଞ୍ଚାୟତର ସଭ୍ୟ ସରପଞ୍ଚ,ଏମ୍ବିକେ, ସିଆରପି ଓ ମିଶନ ଶକ୍ତିର ମହିଳାମାନେ ସାମିଲ ହୋଇ ଏହି ପଞ୍ଚାୟତରାଜ ଦିବସ ପାଳନ କରିଥିଲେ। ଅନ୍ୟପଟେ ଉପସ୍ଥିତ ଅତିଥିମାନେ ଏହି ପଞ୍ଚାୟତରାଜ ଦିବସ ହେଉଛି ଗ୍ରାମାଞ୍ଚଳ ଲୋକଙ୍କ ଶାସନ, ଏହି ବ୍ୟବସ୍ଥା ମାଧମରେ ଗ୍ରାମର ଲୋକମାନେ ନିଜ ଗ୍ରାମର ଉନ୍ନତି ପାଇଁ ନିଜେ ନିଷ୍ପତି ନେବା ଏବଂ ଏହି ବ୍ୟବସ୍ଥା ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଏହି ତିନି ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଆଲୋକ ଓ ଅନେକ ସେବା ଉପରେ ଏହି ବ୍ୟବସ୍ଥା କାର୍ଯ୍ୟ କରିଥାଏ ବୋଲି ଅତିଥି ମତବ୍ୟକ୍ତ କରିଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ



**ମାର୍ଶାଘାଇ,୨୪।୪/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ ପରିସରରେ ଆଜି ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡିଓ ପଞ୍ଚାନନ ମଲ୍ଲିକ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ତଥା ମାର୍ଶାଘାଇ ପୂର୍ବତନ ସମିତିସଭ୍ୟ ନିଗମ ପ୍ରସାଦ ରଥ, ଅନ୍ୟତମ ପ୍ରତିନିଧି ରଶ୍ମି ରଞ୍ଜନ ରାଉତରାୟ, ସାଂସଦଙ୍କ ପ୍ରତିନିଧି ପ୍ରଜେଶ ନାୟକ, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରାୟ , ସିଡିପିଓ ଶୈଳବାଳା ଚାଷୀ ପ୍ରମୁଖ ଯୋଗଦେଇ ପଞ୍ଚାୟତରାଜ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୯ ଜଣ ହିତାଧିକାରୀଙ୍କୁ ରାସନ ବଣ୍ଟନ କରାଯାଇଥିଲା। ବ୍ଲକ୍ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୋନାଲୀ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରିଣୀ ଅଳକାରାଣୀ ମଲିକ, ସମିତିସଭ୍ୟା ସୁନତୀ ସାହୁ, ସମିତିସଭ୍ୟ ପ୍ରସନ୍ନ କୁମାର ସାହୁ, ଶରତ ଚନ୍ଦ୍ର ପ୍ରଧାନଙ୍କ ସମେତ ଡିଇଓ ଅମରେନ୍ଦ୍ର ଦାସ, ସୌଭାଗ୍ୟ ଦାସ, ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡ଼ିକର୍ମୀ ଉପସ୍ଥିତ ଥିଲେ।

## ସ୍କାଉଟ୍ସ ଓ ଗାଇଡ୍ସଙ୍କ ଜଳଦାନ ସେବା

**ଯାଜପୁର,୨୪।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଭାରତ ସ୍କାଉଟଗାଇଡ ସଂଗଠନ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଳବଣ୍ଟନ କାର୍ଯ୍ୟକ୍ରମ କରାଯାଉଅଛି। ଜିଲ୍ଲା ସ୍କାଉଟ ଭବନ ସମ୍ମୁଖରେ ଜଳଦାନ କେନ୍ଦ୍ରକୁ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିସନର ନିତ୍ୟାନନ୍ଦ ବାରିକ ଉଦ୍‌ଘାଟନ କରିଥିଲେ। ପାହାଲଗ୍ରାମରେ ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ୟକ୍ତିଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ହେଡ୍‌କ୍ୱାଟର୍ସ କମିସନର ବିଶ୍ୱମ୍ଭର ମିଶ୍ର, ଜିଲ୍ଲା କମିସନର ରବି ପ୍ରସାଦ ସାମଲ, ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ମିହିର କୁମାର ରାଉତ, ହରି ସାମନ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୀତାରାଣୀ ସାମଲ, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଥିଲେ। ଉପେନ୍ଦ୍ର କୁମାର, ହରି ସାମନ୍ତ ଓ ବିରଜା ଓପନ ଗ୍ରୁପର ସ୍କାଉଟଗାଇଡ୍ ଜଳବଣ୍ଟନ କରିଥିଲେ। ରୁଦ୍ରତାପ ଥିବା ପର୍ଯ୍ୟନ୍ତ ସ୍କାଉଟଗାଇଡ୍ ଓ ରୋଭର ରେଞ୍ଜର ଜଳଦାନସେବା ଜାରି ରଖିବାକୁ ଜିଲ୍ଲା ସଂପାଦକ ଶମ୍ଭୁନାଥ ଦାଶ ସୂଚନା ଦେଇଛନ୍ତି।



## ପହଲଗାମ୍ ମୃତକଙ୍କ ସ୍ମୃତିରେ କ୍ୟାଣ୍ଡଲ ଶୋଭାଯାତ୍ରା

**କଙ୍କଡ଼ାହାଡ,୨୪।୪/ଏନ୍‌ଏନ୍‌ଏସ୍:** ଜାମ୍ମୁକାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିବର୍ଷଣରେ ପର୍ଯ୍ୟଟକ ଓ ଯବାନ ଟଳି ପଡ଼ିଥିଲେ। ଏହି ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମୃତିରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବୁଧବାର ସନ୍ଧ୍ୟାରେ ଶ୍ରୀ ଗଣେଶ ୟୁଥ୍ କ୍ଲବ୍ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୟୁଥ୍ କ୍ଲବର ସଭାପତି ବ୍ରଜ ରଞ୍ଜନ ବାରିକଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟକ ଯୁବକ ହାତରେ ବ୍ୟାନର ଓ କ୍ୟାଣ୍ଡଲ ଧରି ଆତଙ୍କବାଦୀ ବିରୁଦ୍ଧରେ ନାରାବାଜି କରି କଙ୍କଡ଼ାହାଡ଼ ମା ' ଖଣ୍ଡୁରୀ ପୀଠ ମନ୍ଦିର ନିକଟରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦଗତି କାମନା ଜଣାଇଥିଲେ। କ୍ଲବ୍‌ର କୋଷାଧକ୍ଷ ସତ୍ୟ ନାରାୟଣ ପରିଡ଼ା ଓ ସମସ୍ତ ସଦସ୍ୟ, ଅଞ୍ଚଳବାସୀ ଏହି କ୍ୟାଣ୍ଡଲ ଶୋଭାଯାତ୍ରାରେ ସାମିଲ ହୋଇ ସହଯୋଗ କରିଥିଲେ।

## ପଞ୍ଚାୟତିରାଜ ଦିବସରେ ଜନସାଧାରଣଙ୍କୁ ଉତ୍ସାହିତ କଲେ ବିଧାୟକ



**ଟିଟିଲାଗଡ଼,୨୪।୪/ଏନ୍‌ଏନ୍‌ଏସ୍:** ଜାତୀୟ ସ୍ତରରେ ଆଜି ପଞ୍ଚାୟତ ଦିବସ ଟିଟିଲାଗଡ଼ ବ୍ଲକରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ ବିଧାୟକ ନବିନ ଜୈନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମନରେଗାରେ ସର୍ବାଧିକ ଶ୍ରମ ଦିବସ, ସର୍ବାଧିକ ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇବାରେ ପ୍ରଥମ ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରମିକଙ୍କୁ ୨୦୦ ଏବଂ ୩୦୦ ଦିନର କାର୍ଯ୍ୟ ଯୋଗାଇଦେବାରେ ପ୍ରଥମ ମହୁଲପଡା ପଞ୍ଚାୟତ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୫ ଦିନର କାମ ପାଇଁ ବିଜେପୁର ପଞ୍ଚାୟତ, ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ସୁରଡ଼ା ପଞ୍ଚାୟତ, ଶ୍ରମ ଦିବସ ସୃଷ୍ଟିରେ ଦ୍ୱିତୀୟ ଶଗଡ଼ଘାଟ ଏବଂ ତୃତୀୟ ଦିଗଶିରା ପଞ୍ଚାୟତକୁ ମୁଖ୍ୟଅତିଥି ଶ୍ରୀ ଜୈନ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନେକ ନୁଆଁ ହିତାଧିକାରୀଙ୍କୁ ବିଧାୟକ ରାସନକାର୍ଡ ବଣ୍ଟନ କରିଥିଲେ। ବିଡ଼ିଓ ଚନ୍ଦ୍ରମଣି ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ, ବ୍ଲକ୍ ଅଧ୍ୟକ୍ଷା ସଂଯୁକ୍ତା ନାଏକ ମଞ୍ଚାସିନ ଥିଲେ। ଏଓ ରାଜକିଶୋର ସେଠ, ଏସଓ ବିଭୁତି ସେଠ, ଏମ୍‌ଆଇ ଚନ୍ଦ୍ରଶେଖର ନାୟକ, ଡବ୍ଲୁଇଓ ଦେବାଶିଷ ମିଶ୍ର, ଓଏଲ୍‌ଏମ୍ ବିକାଶ ସାହୁ, କୈଳାଶ ସାହୁ, ଶେଖ କମର ଅଞ୍ଜୁମ, ଜେଏ ସୁମନ କଲ୍ୟାଣ ରଣା, ଡିଇଓ ହରେକୃଷ୍ଣ ସ୍ୱାଇଁ, ଏପିଓ ଶୁଭ୍ରାଂଶୁ ଶେଖର ମାହାରଣା, ବିପିସି ଆଲୋକ ରଞ୍ଜନ ପ୍ରଧାନ, ଏସିପି ସରୋଜ ରଞ୍ଜନ କୁମ୍ଭାର, ପିଇଓ ସୁଶିଲ ମିଶ୍ର, ଲୋକନାଥ ରଣା ପ୍ରମୁଖ ସହାୟତା କରିଥିଲେ।

## କମ୍ପାନୀରେ ଠିକା ନିଯୁକ୍ତିକୁ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ

**ତାଳଚେର,୨୪।୪/ଏନ୍‌ଏନ୍‌ଏସ୍:** ତାଳଚେର ଅନନ୍ତ ଓ ଭୁବନେଶ୍ୱର କୋଇଲା ଖଣିରେ କାର୍ଯ୍ୟରତ ଠିକା ସଂସ୍ଥାମାନଙ୍କରେ ବିସ୍ଥାପିତ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ଦେବାକୁ ବହୁବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଥିରେ କମ୍ପାନୀ ଓ କିଛି ରାଜନେତାଙ୍କ ଭିତିରି ବୁଝାମଣା ଯୋଗୁଁ ବାହାର ଲୋକ ନିଯୁକ୍ତି ପାଉଥିବା ବେଳେ ସ୍ଥାନୀୟ କ୍ଷତିଗ୍ରସ୍ତଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହେଉଛି। ଏଠାରେ କୋଇଲା ଖଣି ସମେତ ବିଭିନ୍ନ ଶିଳ୍ପ ଓ କଳକାରଖାନା ରହିଥିଲେ ହେଁ ଏଥିପାଇଁ ବିନା ସ୍ୱାର୍ଥରେ ଲୋକମାନେ ସେମାନଙ୍କର ଭିଟାମାଟି ଛାଡ଼ି ଦେଶର ବିକାଶ ପାଇଁ ଜଳାଞ୍ଜଳୀ ଦେଉଥିବା ବେଳେ ସାମାନ୍ୟ ଠିକା କାର୍ଯ୍ୟରେ ନିଯୁକ୍ତି କରିବାକୁ ନେଇ ଟାଳଟୁଳି ନୀତି ଅବଲମ୍ବନ କରୁଥିବା ଯୋଗୁଁ ବିଭିନ୍ନ ସମୟରେ ଆନ୍ଦୋଳନର ମୁଣ୍ଡ ଟେକିଥାଏ। ଏହି ପରିପ୍ରେକ୍ଷୀରେ ଆଜି ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନ ଅଧ୍ୟକ୍ଷତାରେ ଏମସିଏଲ କର୍ତ୍ତୃପକ୍ଷ ଠିକାକମ୍ପାନୀ ବିଧାୟକ, ଓ ସାଂସଦଙ୍କ ପ୍ରତିନିଧି ସହ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବିଗତ ଦିନରେ ଅନନ୍ତ ଓ ଭୁବନେଶ୍ୱରୀ ଖଣି କାର୍ଯ୍ୟ କରୁଥିବା ଠିକା କମ୍ପାନୀକାର୍ଯ୍ୟ ଶେଷ କରିବାପରେ ନୂତନ କମ୍ପାନୀ ଏହି କାର୍ଯ୍ୟକୁ ହାତେଇଥିବା ବେଳେ ପୁରୁଣା ଶ୍ରମିକଙ୍କୁ ନୂଆଁ କମ୍ପାନୀରେ ନିଯୁକ୍ତି ଦେବାପରେ ଖାଲି ରହିଥିବା ସ୍ଥାନ ଗୁଡ଼ିକରେ ସ୍ଥାନୀୟ ବାସୀନ୍ଦାଙ୍କୁ ନିଯୁକ୍ତି ଦେବାକୁ କୁହାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ସ୍ଥାନୀୟ ୯୦ଭାଗ ବେକାର ଯୁବତୀ, ଯୁବକଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା କଥା କିନ୍ତୁ ଏହି ନିୟମକୁ ଖୋଲମଖୋଲା ବେଖାତିର କରାଯାଉଥିବା ଅଭିଯୋଗ ହେଉଛି। ତେବେ ଏହି ସବୁ ସମସ୍ୟାକୁ ତ୍ୱରାନ୍ୱିତ କରିବା ନେଇ ପ୍ରଶାସନର ଗୁରୁଦାୟୀତ୍ୱ ରହିଥିବା ବେଳେ କାହିଁକି ଯେ, ଦୃଷ୍ଟି ଦେଉନାହିଁ ତାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଇଛି।



## ୟୁପିଏସ୍‌ସିରେ ଗୋପିନାଥଙ୍କ ସଫଳତା

**ତାଳଚେର,୨୪।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ଲୋକସଭା ଆୟୋଗ (ୟୁପିଏସ୍‌ସି) ପରିଚାଳିତ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ଗୋପିନାଥ ସାହୁ। ଏହି ସଫଳତା ପରେ ତାଙ୍କୁ ପ୍ରତ୍ୟେକ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ୨୬ବର୍ଷୀୟ ଗୋପିନାଥ ତାଳଚେର ଥର୍ମାଲ ଡିଏଭିରେ ଦଶମ ଓ ଏନ୍‌ଟିପିସି ଡିଏଭିରୁ +୨ ପାସ୍ କରିଥିଲେ। ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ହେଁ ସେ ଏନ୍‌ଆଇଟି ମେଡିକାଲ ରାଉରକେଲା ମେକାନିକାଲ ଇଞ୍ଜିନିଅରିଂରେ ନାମ ଲେଖାଇଥିଲେ। ୨୦୨୧ ମସିହାରେ ମେକାନିକାଲ ଇଞ୍ଜିନିଅରିଂ ପାସ୍ ପରେ ସେ ସିଭିଲ ସର୍ଭିସ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୪ର୍ଥ ପ୍ରୟାସରେ ସେ ଏହି ସଫଳତାର ସ୍ୱାଦ ପାଇ ପାରିଛନ୍ତି। ସଫଳତାର ଶ୍ରେୟ ସେ ଭଗବାନଙ୍କୁ ଓ ତାଙ୍କ ପରିବାର ପିତା, ମାତାଙ୍କୁ ଦେଇଛନ୍ତି। ତାଙ୍କ ବାପା ଦୀପକ ସାହୁ ଏନ୍‌ଟିପିସିର ଅବସରପ୍ରାପ୍ତ ଯନ୍ତ୍ରୀ ଓ ମାଆ ବୈଜୟନ୍ତୀ ପ୍ରଧାନ ଏନ୍‌ଟିପିସିରେ ଡାକ୍ତରଭାବେ କାର୍ଯ୍ୟରତ ଅଛନ୍ତି। ସବୁଠାରୁ ବଡ଼କଥା ହେଲା ତାଙ୍କର ଡ଼ାହାଣହାତ ଅକମର୍ଣ୍ଣ୍ୟ ବାମହାତରେ ଲେଖାପଢ଼ା କରି ଏହି ସଫଳତାର ଅଧିକାରୀ ହୋଇପାରିଛନ୍ତି।



## କଂଗ୍ରେସ କର୍ମୀ ମହେଶ୍ୱର ରାଉତଙ୍କ ଦେହାନ୍ତ



**ଧର୍ମଶାଳା,୨୪।୪/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ ଅଧିନସ୍ଥ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମର ବର୍ଷୀୟାନ କଂଗ୍ରେସ କର୍ମୀ ମହେଶ୍ୱର ରାଉତ(୮୯)ଙ୍କ ପରଲୋକ ଘଟିଛି । ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିବା ବେଳେ ଆଜି ସକାଳେ ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ପଞ୍ଚାୟତ ରାଜ ବ୍ୟବସ୍ଥାରେ ନାଏବ ସରପଞ୍ଚ ଓ ୱାର୍ଡସଭ୍ୟ ରହି ଅନେକ ଜନହିତକାରୀ କାର୍ଯ୍ୟ କରିଥିଲେ। ସେ ପତିତପାବନ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ଇମାମନଗାର ଗାଁ ସ୍କୁଲ ପ୍ରତିଷ୍ଠାତା, ଗାଁ ରେ ମହାତ୍ମା ଗାନ୍ଧୀ ପ୍ରତିମର୍ତ୍ତୀ ନିର୍ମାଣ, ପାଇକ ଆଖଡା ପୁନରଉଦ୍ଧାର, ଗ୍ରାମ୍ୟ କୋଠାଘର, ଗାଁ ରେ ବିଦ୍ୟୁତ କରଣ ଓ ବ୍ରାହ୍ମଣୀ ଶଯ୍ୟାରେ ପଥର ବନ୍ଧ ନିର୍ମାଣ, ଚାଷୀଙ୍କ ପାଇଁ ଆଡି ବନ୍ଧ ନିର୍ମାଣ ଆଦି ଅନେକ କାର୍ଯ୍ୟ କରି ଯାଇଛନ୍ତି। ସ୍ୱର୍ଗତ ମହେଶ୍ୱର ରାଉତ ଭାରତୀୟ ଜାତୀୟ କଂଗ୍ରେସର ଜଣେ ଦୃଢ଼ ସମର୍ଥକ ଥିବା ସହିତ ଗାନ୍ଧୀଜୀଙ୍କ ନୀତି ଆଦର୍ଶରେ ନିଜର ଜୀବନ ଅତି ବାହିତ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସ ନେତା କିଶାନ ପଣ୍ଡା, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ଯୁବ ସଂଗଠକ ଦେବବ୍ରତ ରାଉତ, ବରିଷ୍ଠ ନାଗରିକ ନକୁଳ ଚନ୍ଦ୍ର ନାୟକ, କୃଷକ ନେତା ବସନ୍ତ ପରିଡା, ସମାଜସେବୀ ଗୋଲକ ପଲେଇ, ଦୁର୍ଗା ପ୍ରସନ ଦାସ, ପ୍ରଫୁଲ୍ଲ ରାୟ, ଅଶୋକ ଜେନା, ବିଜେପି ନେତା ନୃସିଂହ ମିଶ୍ର, ଦିଲ୍ଲୀପ ଜେନା, ରବୀନ୍ଦ୍ର ବରାଳ, ସୁଇନ ବରାଳ, ସମାଜସେବୀ ଦେବ ପ୍ରସାଦ ରାୟ, ନିରଞ୍ଜନ ମିଶ୍ର ଓ ଶରତ ସ୍ୱାଇଁ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହେଶ୍ୱର ରାଉତଙ୍କ ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗ୍ରାମ ସ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ଏକମାତ୍ର ପୁତ୍ର ପ୍ରମୋଦ କୁମାର ରାଉତ ମୁଖାଗ୍ନି ଦେଇଥିଲେ।

## ସଂଘର୍ଷ ସମିତି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ତାଳଚେର,୨୪।୪/ଏନ୍‌ଏନ୍‌ଏସ୍:** ପବିତ୍ର ମୋହନ ମେଡିକାଲ୍ କଲେଜ୍ ତାଳଚେରରେ ଡାକ୍ତର ଏବଂ ଟିଚିଂ ଷ୍ଟାଫ୍‌ଙ୍କୁ ନିଯୁକ୍ତି କରାଇ କଲେଜ୍‌ର ଆନୁସଙ୍ଗିକ ବ୍ୟବସ୍ଥାକୁ ତୁରନ୍ତ ଆରମ୍ଭ କରାଯିବା ପାଇଁ ତାଳଚେର ମେଡିକାଲ୍ କଲେଜ୍ ସଂଘର୍ଷ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ୫୦୦ କୋଟି ଟଙ୍କା ଖର୍ଚ୍ଚରେ ମହାନଦୀ କୋଇଲା ନିଗମ ପବିତ୍ର ମୋହନ ମେଡିକାଲ୍ କଲେଜ୍ ଏବଂ ଆନୁସଙ୍ଗିକ ବ୍ୟବସ୍ଥା ତିଆରି କରିସାରିଛି । ଏମ୍‌ବିବିଏସ୍ ପାଠ୍ୟକ୍ରମ ୨୦୨୧ ରୁ ଆରମ୍ଭ କରାଯିବାର ଯୋଜନା ଥିଲା। କିନ୍ତୁ ପୂର୍ବ ବିଜେଡି ସରକାର ଅନେକ ଥର ପ୍ରତିଶ୍ରୁତି ଦେବାପରେ ମଧ୍ୟ ଏହି ମେଡିକାଲ୍ କଲେଜ୍ ଆରମ୍ଭ କରିବାର ସମୟସୀମା ଏ ପର୍ଯ୍ୟନ୍ତ ଜଣାନାହିଁ। ବର୍ତ୍ତମାନ ବିଜେପି ସରକାରକୁ ଆସିବାର ଗୋଟିଏ ବର୍ଷ ପୂରଣ ହେବାକୁ ଯାଉଛି । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତି ନେଉ ନାହାନ୍ତି । ଦୁର୍ଭାଗ୍ୟର କଥା ଯେଉଁ ଡାକ୍ତର ଏବଂ ଟିଚିଂ ଷ୍ଟାଫ୍‌କୁ ଏହି କଲେଜ୍ ନିଯୁକ୍ତି ମିଳିଥାନ୍ତା ସେମାନେ ଅନୁଗୋଳ ଜିଲ୍ଲା ହସ୍ପିଟାଲ୍‌ରେ କାମ କରିବା ପାଇଁ ବ୍ୟବସ୍ଥା କରାହୋଇଛି। ଏପରି ଅବ୍ୟବସ୍ଥା କାହିଁକି ? ଯେଉଁ କଲେଜ୍ ପ୍ରାଙ୍ଗଣରେ ୫୦୦ ବେଡ୍‌ର ବ୍ୟବସ୍ଥା ଥିବାସତ୍ତ୍ୱେ ସରକାର ସେମାନଙ୍କୁ କାହିଁକି ଅନୁଗୋଳରେ କାର୍ଯ୍ୟ କରିବା ପାଇଁ ଅବସ୍ଥାପିତ କଲେ ବୋଲି ତାଳଚେର ମେଡିକାଲ୍ କଲେଜ୍ ସଂଘର୍ଷ ସମିତିର ଆବାହକ ଶରତ ଚନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ଏଥିରେ ସରକାରଙ୍କର କଣ ନିହିତ ଉଦ୍ଦେଶ୍ୟ ଅଛି ବୋଲି ଶ୍ରୀ ପ୍ରଧାନ ଅକ୍ଷେପ କରିଛନ୍ତି। ତାଳଚେର ମେଡିକାଲ୍ କଲେଜ୍ ସଂଘର୍ଷ ସମିତି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତାଳଚେର ଗସ୍ତ ବେଳେ ଏକ ଦାବି ପତ୍ରରେ ଏହି କଥା ଉଲ୍ଲେଖ କରି ୨୦୨୫-୨୬ ବର୍ଷରୁ ଏମ୍‌ବିବିଏସ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁରୋଧ କରିଛନ୍ତି । ଏହା ପୂର୍ବରୁ ଏହି ଅନୁଷ୍ଠାନ, ଘଣ୍ଟପଡା ଗ୍ରାମ କମିଟି, ଘଣ୍ଟପଡା ପଞ୍ଚାୟତ ସମିତି ତରଫରୁ ଅନୁଗୋଳ ଜିଲ୍ଲାପାଳ ଏବଂ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ ଲିଖିତ ପତ୍ରରେ ଏହାର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।ଏହି ଦାବିପତ୍ର ପ୍ରଦାନ ବେଳେ ଶରତ ଚନ୍ଦ୍ର ପ୍ରଧାନଙ୍କ ସହ ତାଳଚରରେ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ପଦ୍ମ ଚରଣ ସାମଲ, ଘଣ୍ଟପଡା ଗ୍ରମା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନିଲ୍ ବିଶ୍ୱାଳ, ବିପିନ ସାହୁ, ଆଇନଜୀବୀ ନଖିଆ ସାହୁ, ସନ୍ତୋଷ ଦାସ, ଗୋକୁଳ ସାହୁ, ଜିତୁ ଦାସ, ବିଜୟ ପ୍ରଧାନ, ବସନ୍ତ ସାହୁ, କାର୍ତିକ ସାହୁ, ଦୁର୍ଗା ଚରଣ ସାହୁ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ।

## ଗହୀରମଥାରୁ ସମୁଦ୍ରମୁହାଁ କଇଁଛ ଛୁଆ

# ୮୨ଲକ୍ଷରୁ ଊର୍ଦ୍ଧ୍ୱ ସମୁଦ୍ରକୁ ଗଲେ

**ରାଜନଗର,୨୪।୪/ଏନ୍‌ଏନ୍‌ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ନୂଆ ଅତିଥିଙ୍କୁ ଦେଖିବାକୁ ମିଳିଛି। ଦେଢ଼ମାସର ବ୍ୟବଧାନ ପରେ ଅଲିଭରିଡଲେ କଇଁଛ ଛୁଆ ବସାରୁ ବାହାରି ସମୁଦ୍ର ମୁହାଁ ହେବାରେ ଲାଗିଛନ୍ତି। ଗୁରୁବାର ସକାଳ ସୁଦ୍ଧା ୮୨ଲକ୍ଷରୁ ଉର୍ଦ୍ଧ୍ୱ କଇଁଛ ଛୁଆ ବାହାରି ସମୁଦ୍ରର ନିଳ ଜଳରାଶିକୁ ଚାଲିଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ମା କଇଁଛ ଉପରକୁ ଆସି ବାଲି ପଠାରେ ଦେଢ଼ ଫୁଟର ଗାତ ଖୋଳି ୬୦ରୁ ୧୦୦ ପର୍ଯ୍ୟନ୍ତ ଅଣ୍ଡାଦେଇ ବାଲି ଘୋଡ଼ାଇ ଦେଇ ସମୁଦ୍ର ମଧ୍ୟକୁ ଚାଲିଯାଇ ଥାଏ । ପ୍ରକୃତିର ନିୟମମାନି ଏହି ଅଲିଭରିଡଲେ ଶାବକମାନେ ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ମଧ୍ୟରେ ସମୁଦ୍ର ଗର୍ଭକୁ ଚାଲି ଯାଇଥାନ୍ତି। ଏପ୍ରିଲ ମାସର ଶେଷ ସପ୍ତାହରୁ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ କରିଛନ୍ତି । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନାଶୀ-୨ ଓ ଏକକୁଳା ନାଶୀରେ ମୁଖ୍ୟତଃ ଗଣ ଅଣ୍ଡାଦାନ କରିଥାନ୍ତି । ଚଳିତ ବର୍ଷ ୬ଲକ୍ଷ ୪ହଜାର ୯୩୩ ମା କଇଁଛ ଗଣଅଣ୍ଡାଦାନରେ ସାମିଲ ହୋଇଥିବା ନେଇ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଥିଲା । ସେମାନଙ୍କ ସୁରକ୍ଷା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ୧୬ଟି ଦଳ ଗଠନ କରାଯାଇ ୨୪ଘଣ୍ଟା ପ୍ରହରା ଦେଉଛନ୍ତି । ନଭେମ୍ବର ପ୍ରଥମ ସପ୍ତାହରୁ ସୁଦୂର ଶ୍ରୀଲଙ୍କା ଓ ଜାପନା ଉପକୂଳରୁ ହଜାର ହଜାର ନଟିକାଲ ମାଇଲ ସାମୁଦ୍ରିକ ପଥ ଅତିକ୍ରମ କରି ଗହୀରମଥାକୁ ଅଲିଭରିଡଲେ କଇଁଛ ବଂଶବିସ୍ତାର ପାଇଁ ଆସିଥାଏ। ସେମାନଙ୍କ ମିଳନ ପର୍ବ ପରେ ଜାନୁଆରୀ ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ଧିରେ ଧିରେ ଅଣ୍ଡାଦାନ କରିବା ଆରମ୍ଭ କରିଥାନ୍ତି । ଫେବୃଆରୀ ମାସର ଦ୍ୱିତୀୟ ସପ୍ତାହରୁ ମାର୍ଚ୍ଚ ଶେଷ ସପ୍ତାହ ଏପରିକି ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଗଣ ଅଣ୍ଡାଦାନ କରିଥାନ୍ତି । ମୁଖ୍ୟତଃ ସମୁଦ୍ର ଜଳର ଉତାପ ଓ ସମୁଦ୍ରକୂଳ ବାଲିର ଉତାପ ଓ ବିଶେଷ କରି ପାଣିପାଗ ଉପରେ ସେମାନଙ୍କ ଅଣ୍ଡାଦାନ ନିର୍ଭର କରିଥାଏ ।



## ଅକ୍ଷୟ ତୃତୀୟା ଆଉ ମାତ୍ର ପାଞ୍ଚଦିନ

# ଅଚିନ୍ତାରେ କଣ୍ଟିଲୋ ଦେବୋତ୍ତର ବିଭାଗ



**କଣ୍ଟିଲୋ,୨୪।୪/ଏନ୍ଏନ୍ଏସ୍:** ଚଳିତବର୍ଷ ଅକ୍ଷୟ ତୃତୀୟ ପର୍ବ ପାଳନ ପାଇଁ ଆଉ ମଝିରେ ରହିଲା ମାତ୍ର ପାଞ୍ଚଦିନ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତ୍ୟେକ ନୀତିକାନ୍ତି ଭଳି ମହାପ୍ରଭୁଙ୍କ ଆଦି ପୀଠ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋରେ ଠିକ୍ ସମ୍ମାନ ଢଙ୍ଗରେ ପାଳନ ହେଉଥିବା ବହୁ ନଜିର ଅଛି। ତେଣୁ ଅକ୍ଷୟ ତୃତୀୟ ଠାରୁ ଶ୍ରୀ ଜିଉ ଙ୍କ ଚନ୍ଦନ ଚାପ ଆରମ୍ଭ ହୋଇ ଥାଏ। କିନ୍ତୁ ଦୁଃଖ ଓ ଦୁର୍ଭାଗ୍ୟ ଯେ, ଏ ଅଞ୍ଚଳର ହେଉ କିମ୍ବା ସର୍ବସାଧାରଣ ଜନତାଙ୍କ ହେଉ କିମ୍ବା ଶ୍ରୀଜିଉଙ୍କର ହେଉ, ଆଜି ସୁଦ୍ଧା ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ପ୍ରସ୍ତୁତି ବୈଠକ ହେଲା ନାହିଁ। ଯାହାଙ୍କ ନିର୍ଦ୍ଦେଶ କିମ୍ବା ବିନା ଇଚ୍ଛାରେ କୌଣସି ଗଛପତ୍ର ହଲେ ନାହିଁ କିମ୍ବା ପ୍ରାଣୀଜଗତ ଚଳପ୍ରଚଳ କରିପାରେ ନାହିଁ, ତାଙ୍କ ଚନ୍ଦନ ଚାପ ପର୍ବ ପାଳନ ପାଇଁ ଦେବୋତ୍ତର ବିଭାଗ ଆଜି ପର୍ଯ୍ୟନ୍ତ କାହିଁକି ନିରବ ରହିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କେ ଦୀର୍ଘ ୨୦ଦିନ ପୂର୍ବରୁ ଦୈନିକ 'ନିତିଦିନ'ରେ ଖବର ପ୍ରଚାରିତ ହୋଇଥିଲେ ମଧ୍ୟ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଏହାକୁ ଗୁରୁତ୍ୱ ନଦେଇ ଅଚିନ୍ତା ନିଦରେ ଶୋଇ ଯାଇଥିବା ଅଭିଯୋଗ ହେଉଛି।

# ଓକିଲ ସଂଘ ପକ୍ଷରୁ ପହଲ୍‌ଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ବାଣପୁର,୨୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓକିଲ ସଂଘ ପକ୍ଷରୁ ଜାମ୍ମୁ କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୋକପ୍ରସ୍ତାବ ଗ୍ରହଣ କରାଯିବା ସହିତ ଏହି ଘଟଣାର ସଂପୃକ୍ତ ଦେଶ, ସଂଗଠନ ଓ ଉଗ୍ରପନ୍ଥୀ ସଂଗଠନ ଥିବା ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ରୁ ଦୃଢ଼ତର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହି ଘଟଣା ଭାରତର ପ୍ରତ୍ୟେକ ନାଗରିକଙ୍କ ଉପରେ ଏକ ଗଭୀର ଆଘାତ ସୃଷ୍ଟି କରିବା ସହିତ ସମସ୍ତଙ୍କୁ ମର୍ମାହତ କରିଛି। ଆତଙ୍କବାଦୀ ଓ ତାଙ୍କ ସହଯୋଗୀଙ୍କର ଏଭଳି ଅମାନୁଷିକ ଓ ବର୍ବରଚିତ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହିତ କରିବାପାଇଁ ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି ସଂଘ। ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପାଇଁ ପ୍ରାର୍ଥନା କରାଯିବା ସହିତ ଏହି ଘଟଣାର କିଭଳି ପୁନରାବୃତ୍ତି ନ ଘଟିବ ସେଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନିଆଯିବାର ଆବଶ୍ୟକତାକୁ ବାଣପୁର ଓକିଲ ସଂଘ ଉପଲବ୍ଧି କରିଛି। ଆଜିର ଏହି ସଭା ଓକିଲ ସଂଘ ସଂପାଦକ ଜଗଦୀଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ସଭାରେ ସଂଘ ଉପସଭାପତି ପଦ୍ମଜା ପଟ୍ଟନାୟକ, ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡା, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ କୁମାର ମହାପାତ୍ର, ଭି. କାମେଶ୍ୱର ଆଚାରୀ, ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର, ଜଳଧର ପ୍ରଧାନ, ସନ୍ଦୀପ କୁମାର ମହାପାତ୍ର, ବିନୋଦ ସ୍ୱାଇଁ, ଦେବବ୍ରତ ବଡ଼ଜେନା, ପ୍ରଦୀପ୍ତ ପ୍ରଧାନ, ପ୍ରଦୀପ ସ୍ୱାଇଁ, ଶାନ୍ତନୁ ମହାପାତ୍ର, ସୁଦର୍ଶନ ଜାଲି, ସୀତାରାମ ଅଗ୍ରୱାଲ, ଅନିଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନୟାଗଡ଼ରେ ସମୂହ ଦୀପଦାନ, ଶ୍ରଦ୍ଧାଞ୍ଜଳି ଅର୍ପଣ



**ନୟାଗଡ଼,୨୪।୪/ଏନ୍ଏନ୍ଏସ୍:** କାଶ୍ମୀରର ପହେଲେଗାଓ ଠାରେ ଆତଙ୍କବାଦୀ ମାନଙ୍କ ଦ୍ୱାରା ଅତ୍ୟନ୍ତ ବର୍ବୋରଚିତ ତଥା ହୃଦୟ ବିଦାରକ ନରସଂହାର ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ। ନାମ ଏବଂ ଧର୍ମ ପଚାରି ଯେପରି ୨୭ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲା ତାହାଠାରୁ ଘୃଣ୍ୟ କାର୍ଯ୍ୟ ଆଉ କ'ଣ ଥାଇପାରେ। ଏହି ଘୃଣ୍ୟ କାର୍ଯ୍ୟର ଦୃଢ଼ ନିନ୍ଦା ଏବଂ ପ୍ରତିବାଦ ତଥା ଦିବଂଗତ ଆତ୍ମାମାନଙ୍କର ସଦଗତି ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ପୁରୁଣା ସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ଆଜି ସନ୍ଧ୍ୟା ୭ଟା ସମୟରେ ଦୀପଦାନ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ମଡେଲ ଡିଗ୍ରୀ କଲେଜ ଅଧକ୍ଷ ଡ. ମାନସ ରଞ୍ଜନ ଶତପଥୀ, ଅଧାପକ ଡ. ଦିଲ୍ଲୀପ କୁମାର ମିଶ୍ର, ସାହିତ୍ୟିକ ଡ. ନିର୍ମଳ ଚନ୍ଦ୍ର ଶୁରଦେଓ, ହସ୍ୟାଭିନେତା ରବୀନ୍ଦ୍ର ରାଉତ, ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ୍ତ ଡାକୁଆ, କୈଳାସ ଚନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁବ ଆଇନଜୀବୀଙ୍କ ଅକାଳ ବିୟୋଗ



**ଫୁଲନଖରା,୨୪।୪/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ୫୬ନମ୍ବର ୱାର୍ଡ଼ ଅନ୍ତର୍ଗତ କାଜିପାଟଣା ଅଞ୍ଚଳର ଯୁବ ଆଇନଜୀବୀ ସୁଶିଲକୁମାର ସ୍ୱାଇଁ (ବାଟୁଆ)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୫ ବର୍ଷ ବୟସ ହୋଇଥିଲା। ସେ କଂଗ୍ରେସ ଦଳରୁ କର୍ପୋରେଟର ପ୍ରାର୍ଥୀ ହୋଇ ଖୁବ ଅଳ୍ପ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ବର୍ତ୍ତମାନ କଟକ ସଦର ଥାନା ଆଞ୍ଚଳିକ ଶାନ୍ତି କମିଟିର ଜଣେ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏହି ଖବର ପାଇ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରମୋଦକୁମାର ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ବାଦଲକୁମାର ଜେନା, ଅନିଲ ବେଉରା, ଦେବୀପ୍ରସନ୍ନ ସ୍ୱାଇଁ, ପ୍ରାକ୍ତନ କର୍ପୋରେଟର ସଂଜୟ ବରାଳ, କଂଗ୍ରେସ ୱାର୍ଡ଼ ସଭାପତି ସାଗର ବେଉରା, ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସୁଶାନ୍ତ ମହାନ୍ତି, ଅବସରପ୍ରାପ୍ତ ବିଡ଼ିଓ ବିଶ୍ୱନାଥ ବେଉରା, ପ୍ରାକ୍ତନ ସରପଞ୍ଚ ବଂଶୀଧର ବେହେରା, ସାମ୍ବାଦିକ ଗଜେନ୍ଦ୍ରନାଥ ଦାସ, ଆରାଧ୍ୟା ଚାରିଟେବଲ ଟ୍ରଷ୍ଟ ଅଧକ୍ଷ ଅଜୟକୁମାର ପାତ୍ର, କଟକ ସଦର ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର, ପ୍ରମୁଖ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ହୋଇଥିଲା। ତାଙ୍କର ବିଧବା ପତ୍ନୀ ଓ ଦୁଇ ଶିଶୁ କନ୍ୟା ଅଛନ୍ତି। ବାଟୁଆଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ରତନପୁର ନାବାଳକ ହତ୍ୟା ଘଟଣା

# ୪୬ଙ୍କ ନାମରେ ରାସ୍ତାରୋକ ମାମଲା ରୁଜୁ

**ଡେଲାଙ୍ଗ,୨୪।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନାର ରତନପୁର ଗ୍ରାମର ୧୧ବର୍ଷର ନାବାଳକ ଆଶୀର୍ବାଦ ସାହୁଙ୍କ ଟେର୍ ପାଇବାରେ ପୁଲିସର ବିଳମ୍ବକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧକରି ପ୍ରଶାସନ ଉପରେ ଚାପ ପକାଇଥିଲେ। ଏହି ରାସ୍ତା ଅବରୋଧରେ ସାମିଲ ହୋଇଥିବା ୪୬ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁକରିଥିବା ଜଣାପଡ଼ିଛି। ଏହି ମାମଲାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିଥିବା ବେଳେ ତୁରନ୍ତ ଏହି ମାମଲା ପ୍ରତ୍ୟାହାର କରିବା ପାଇଁ ଦାବିକରିଛନ୍ତି। ନାବାଳକର ଅପହରଣ ଓ ପରେ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା ବେଳେ ଏହି ଘଟଣାରେ ଡେଲାଙ୍ଗ ପୁଲିସର ଅବହେଳା ଓ ଖାମଖିଆଲି ମନମୁଖି କାର୍ଯ୍ୟକୁ ନେଇ ଘଟଣାର ୬ଦିନ ପରେ ନାବାଳକର ମୃତଦେହ ପୁଲିସ ଅଭିଯୁକ୍ତର ପଡ଼ିଶାଘର ପାଇଖାନା ଟାଙ୍କିରୁ ଉଦ୍ଧାର କରିଥିଲା। ନିଖୋଜ ନାବାଳକର ଟେର୍ ପାଇବାରେ ପୁଲିସର ବିଳମ୍ବ ହେବାରୁ ୬ଦିନ ପରେ ତଥା ୨୦ ତାରିଖରେ ଲୋକେ ରାସ୍ତା ଅବରୋଧ କରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିଥିଲେ। ରାସ୍ତାରୋକ ହୋଇଥିବା ଦିନ ମଧରାତ୍ରରେ ନାବାଳକର ଗଳିତ ମୃତଦେହ ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଥିଲା।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଡେଲାଙ୍ଗ,୨୪।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସମାବେଶ ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପ୍ରାକ୍ତନ ନିର୍ଦ୍ଦେଶକ ସୂଚନା, ଜନସମ୍ପର୍କ ଓ ସଂସ୍କୃତି ବିଭାଗର ମାନସରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ଶୈଳବାଳା ମହାପାତ୍ର, ସତ୍ୟବାଦୀ ଦାଶ, ରାମଚନ୍ଦ୍ର ଦାଶ, ସାକ୍ଷୀଗୋପାଳ ମହାବିଦ୍ୟାଳୟର ଅଧାପିକା ସ୍ୱର୍ଣ୍ଣଲତା ମାହାରୀ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡା, ଚିତ୍ତରଞ୍ଜନ ସ୍ୱାଇଁ, ମଣ୍ଡଳ ସହଶିକ୍ଷାଧିକାରୀ ସୁଷମା ଦାଶ, ସଂଯୁକ୍ତା କୁମାରୀ ମିଶ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲୋକନାଥ ପ୍ରଧାନ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ କୋମଳମତି ଶିଶୁମାନଙ୍କର ଅଭିଭାବକ ତଥା ପିତାମାତା ହେଉଛନ୍ତି ପ୍ରଥମ ଗୁରୁ। ପ୍ରତ୍ୟେକ ନିଜର ପିଲାମାନଙ୍କୁ ଭଲମଣିଷ କରିବା ପାଇଁ ସଠିକ୍ ପ୍ରାଥମିକ ଶିକ୍ଷା ଦେବା ଆବଶ୍ୟକ ଉଚିତ୍ ପ୍ରାଥମିକ ଶିକ୍ଷା ପିଲାଟିର ଭବିଷ୍ୟତ ଉଜ୍ଜଳ କରିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ଧିରେନ୍ଦ୍ର ସେନାପତି, ପ୍ରସନ୍ନ ତ୍ରିପାଠୀ, ଶିକ୍ଷାବିତ୍ ଦିବାକର ବିଶ୍ୱାଳଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ମେଧାବୀ ଛାତ୍ରଛାତ୍ରୀ ଅମ୍ଳାନ ସୁବୁଦ୍ଧି, ଇପ୍ସିତା ବେହେରା, ଆତ୍ମଜିତ ବେହେରା ଓ ବିଦ୍ୟାଳୟର ଚାମ୍ପିଅନ୍ ଛାତ୍ରୀ ସମ୍ପନ୍ ଆସିଫ୍‌ଙ୍କୁ ଆଶିଷ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଫକିରଚରଣ ଦାସ ସଭା ସଂଯୋଜନା କରିଥିବା ବେଳେ ପରିଚାଳନା କମିଟି ଅଧକ୍ଷ ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳା ଗବେଷଣା ଓ ପ୍ରଶିକ୍ଷଣ ପକ୍ଷରୁ ସମ୍ବର୍ଦ୍ଧନା

**କୁଆଁପାଳ,୨୪।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମର ଚୌଧୁରୀ ତାରେଣୀ ପ୍ରହରାଜଙ୍କୁ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପକ୍ଷରୁ ସମାଜସେବକ ଭାବେ କଳାବିକାଶ କେନ୍ଦ୍ର କଟକ ପରିସରରେ ରୌପ୍ୟ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ପ୍ରଶାନ୍ତ କୁମାର କର ଅଧକ୍ଷତା କରିଥିଲେ। ଏହି ଉତ୍ସବରେ ଜଷ୍ଟିସ ଏ.ଏସ୍. ନାଇଡୁ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସାଂସଦ ବିଭୁ ପ୍ରସାଦ ତରାଇ, ଅଭିନେତା ଶ୍ରୀତମ୍ ଦାସ, ବିଜେପି ବରିଷ୍ଠ ନେତା ଗୋଲଖ ମହାପାତ୍ର, ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାହାଙ୍ଗା ଅଞ୍ଚଳର ଯୁବ ସମାଜସେବକ ଭାବେ ଚୌଧୁରୀ ତାରେଣୀ ପ୍ରହରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

# ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର

**ପୁରୀ,୨୪।୪/ଏନ୍ଏନ୍ଏସ୍:** ବିଶ୍ୱ ପୁସ୍ତକ ଦିବସ ଅବସରରେ ପ୍ରିୟପାତ୍ର, ସବିତା ସ୍ମୃତି ସାହିତ୍ୟ ସଂସଦ, ସିଦ୍ଧାର୍ଥ ସାହିତ୍ୟ ସଂସଦ ଏବଂ ଦିବ୍ୟଦର୍ଶନର ମିଳିତ ଆୟୋଜନରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଥିଲା। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଭାସୀ ଆଲୋଚନାଚକ୍ରରେ ଗାଳ୍ପିକ ବିରଜା ମହାପାତ୍ର, ଜାନକୀ ବଲ୍ଲଭ ଦାଶ, ଲକ୍ଷ୍ମୀପ୍ରିୟା ଦାଶ, ଅକ୍ଷୟ ସରାଫ୍, ସ୍ୱାଗତିନୀ ମହାପାତ୍ର, ସୁମିତା ବେହେରା (ବାପି), ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ପ୍ରେମଲତା ନିଆଲ ପ୍ରମୁଖ ଅଂଶଗ୍ରହଣ କରି ନିଜର ପିଲାଦିନ ଆଉ ତହିଁରେ ବହିର ସ୍ଥାନ କଥା କହିଥିଲେ। ପିଲାଦିନେ ପାଠାଗାରର ଭୂମିକା ବର୍ଣ୍ଣନା କରିବା ସହିତ ବହି ଜୀବନକୁ ଶୃଙ୍ଖଳିତ କରାଏ। ବହି ନଥିବା ଘର ଘର ନୁହେଁ। ବିଦ୍ୟାଳୟରେ ପାଠାଗାର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିବା ପ୍ରକାଶ କରିଥିଲେ। ବହି ଠାରୁ ଭଲ ବନ୍ଧୁ କେହିନାହାନ୍ତି ବୋଲି ମତପ୍ରକାଶ ପାଇଥିଲା। ଏ ପ୍ରସଙ୍ଗରେ ବିବାହ ଉତ୍ସବାଦିରେ ବହି ଉପହାର ଦେବା ଅଭ୍ୟାସ କରିବା କଥା କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଭିନବ ପଟ୍ଟନାୟକ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମୀପ୍ରିୟା ଦାଶ।

**AFFIDAVIT**

By virtue of an affidavit sworn before the Executive Magistrate, Kanas. I, Smt. Soma Diabagh, aged about 51 years, W/o- Bidyadhar Diabagh, Vill - Sahupada, Po-Bhatapada, Ps-Gadisagoda, Dist-Puri, Odisha do hereby declare that my written name is Soma Diabagh which has been mentioned in Voter identity card but my Aadhar card name is Somu Dianbagha. That **Soma Diabagh & Somu Dianbagha** is same and one person for all purposes.

**AFFIDAVIT**

By virtue of an affidavit sworn before the court of Executive Magistrate, Jagatsinghpur on dated 25.03.2025, I Deepak Das S/O- Babaji Das resident of Village- Taradapada (Bhoisahi), PO- Taradapada, P.S./Dist-Jagatsinghpur, Odisha Pin-754103 declare that I have changed my name from Jagannath Das to Deepak Das. Henceforth I shall be known as Deepak Das for all purposes.

**Deepak Das**

**AFFIDAVIT**

By virtue of an affidavit sworn before Executive Magistrate, Baripada, dated- 24.04.2025, I, Nilamadhab Panigrahi, Address-, At-Bijayramchandrapur, Ward No-17, Po/Ps- Bhanjpur, Dist-Mayurbhanj, Pin- 757002, declare that I have changed my son's name from Prasanjit Panigrahi to Prasannajeet Panigrahi. Henceforth, he shall be known as Prasannajeet Panigrahi for all purposes.

**(Prasannajeet Panigrahi)**

# ଉତ୍କଳ ପବ୍ଲିକ ସ୍କୁଲ୍‌ର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ



**ଶରଣକୁଳ,୨୪।୪/ଏନ୍ଏନ୍ଏସ୍:** ଉତ୍କଳ ପବ୍ଲିକ ସ୍କୁଲ ଗୋଡିପଡାର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ସୋମବାର ସ୍କୁଲ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଶରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିଉତ୍ସବରେ ବରିଷ୍ଠ ଶିକ୍ଷାବିତ ବେଦଜ୍ଞ କିଶୋର ଚନ୍ଦ୍ର କର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାପରିଷଦ ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ଦାଶ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସମିତିସଭ୍ୟ ବସନ୍ତ କୁମାର ମହାନ୍ତି, ହରିଡ଼ାବନ୍ଧ ସରପଞ୍ଚ ବେଣୁଧର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ 'ବାର୍ଷିକ ଉତ୍ସବ ଶିଶୁର ଶିକ୍ଷା ସହିତ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ଶିଶୁକୁ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ 'ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ସମ୍ପାଦିକା ତଥା ଅଧକ୍ଷା ରଞ୍ଜିତା ରାଣୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିବାସହିତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଶ୍ୱେତ କୁମାର ମିଶ୍ର ଓ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ କଣ୍ଠ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଶ୍ରବଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ହରଷ ପ୍ରଧାନ, ଲକ୍ଷ୍ମୀ ନାୟକ, ସନ୍ଦୀପ କୁମାର ଗୁମାନସିଂ, ରାକେଶ ଦଳବେହେରା, ସରସ୍ୱତୀ ସାହୁ, ଗୀତାଞ୍ଜଳୀ ଦାସ, ମାମୁନି ପ୍ରଧାନ ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ମିଳୁନି ଆବାସ କାର୍ଯ୍ୟାଦେଶ, ଚିନ୍ତାରେ ହିତାଧିକାରୀ

**ନିଶ୍ଚିନ୍ତକୋଇଲି,୨୪।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୪୧ଗୋଟି ପଞ୍ଚାୟତରୁ ପାଖାପାଖି ୮ହଜାରରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତୋଦ୍ୟୋୟ ଗୃହ ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ହାତବାନ୍ଧି ବସିଛନ୍ତି। ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ହିତାଧିକାରୀଙ୍କୁ ଗୃହ ପ୍ରଦାନ ନକରିବାରୁ ହିତାଧିକାରୀମାନେ ବ୍ଲକ ପ୍ରଶାସନକୁ ଚାହିଁ ବସିଛନ୍ତି କେବେ ମିଳିବ ସେମାନଙ୍କର ହିତାଧିକାରୀଙ୍କୁ ଗୃହ। ଏବେ ଖରା ଦିନରେ ଗୃହ ନିର୍ମାଣର କାର୍ଯ୍ୟାଦେଶ ନ ମିଳିବାରୁ ହିତାଧିକାରୀମାନେ ସେମାନଙ୍କର ଗୃହ ନିର୍ମାଣ ପାଇଁ ଆବଶକୀୟ ସାମଗ୍ରୀ କ୍ରୟ କରିପାରୁନାହାନ୍ତି। ଆଉ କେତେଟା ଦିନ ପରେ ବର୍ଷା ଦିନ ଆରମ୍ଭ ହୋଇଯିବ। ବର୍ଷା ଦିନରେ ଗୃହ ନିର୍ମାଣ ପାଇଁ ଉପକରଣ ସୁଚାରୁ ରୂପେ ନମିଳିବା ସହିତ ସେଗୁଡିକର ଦରଦାମ୍ ଆକାଶ ଛୁଆଁ ହେବ। ଯାହାଦ୍ୱାରା କି ହିତାଧିକାରୀମାନେ ଗୃହ ନିର୍ମାଣ କରିବା ପାଇଁ କଷ୍ଟକର ହେବା ସହିତ ଅଧିକ ଖର୍ଚ୍ଚାନ୍ତ ହୋଇ ସରକାରଙ୍କ ତରଫରୁ ମିଳୁଥିବା ପ୍ରୋତ୍ସାହନ ରାଶିକୁ ହରାଇ ବସିବେ। କେତେକ ହିତାଧିକାରୀଙ୍କୁ ସେମାନଙ୍କର କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ସେମାନ ଗୃହ କାର୍ଯ୍ୟା ଆରମ୍ଭ କରିଛନ୍ତି। ହେଲେ ଦ୍ୱିତୀୟ କିସ୍ତି ଅର୍ଥ ନ ମିଳିବାରୁ ସେମାନେ ହାତବାନ୍ଧି ବସିଛନ୍ତି। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ଦୌଡି ସେମାନେ ନୟାନ୍ତ ହେଉଥିଲେ ବି ସେମାନଙ୍କର କଥା ଶୁଣାଯାଉନଥିବା ଜାଣିବାକୁ ମିଳିଛି। ସେହିପରି ବହୁ ପୂର୍ବରୁ କିଛି ହିତାଧିକାରୀ ସେମାନଙ୍କର ପ୍ରାପ୍ୟ ଅର୍ଥ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବାରୁ ହିତାଧିକାରୀଙ୍କ ଗୁହାରୀ କିଛି ଶୁଣୁନଥିବା ପ୍ରକାଶ କରିଛନ୍ତି।

**ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍**

ଆପ୍‌କି ଉମ୍ମିଦ୍ କା ଖାତା

(ଏକ ସୂଚୀବଦ୍ଧ ବାଣିଜ୍ୟିକ ବ୍ୟାଙ୍କ୍)

କୋଲାଲ୍ ଅଫିସ୍: ୨ୟ ଫ୍ଲୋର, ୧୩୪ (ଏ), ପାଟଳିପୁତ୍ର କଲୋନୀ, ପଲିଟେକ୍‌ନିକ୍ ଛେକ୍ ସାମ୍ନା, ପାଟନା-୮୦୦୦୧୩
ପଞ୍ଜିକୃତ କାର୍ଯ୍ୟାଳୟ: ଉତ୍କର୍ଷ ଟାୱାର, ଏନ୍‌ଏଚ୍-୩୧ (ଏୟାରପୋର୍ଟ ରୋଡ୍), ସେହମଲପୁର, କାଜି ସରାଇ, ହରହୁଆ, ବାରାଣସୀ, ୟୁପି-୨୨୧ ୧୦୫

**ଅଧିକାର ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ପାଇଁ)**

ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନର୍ନିର୍ମାଣ ତଥା ସ୍ୱାର୍ଥ ସୁରକ୍ଷାଜନିତ ପ୍ରବର୍ତ୍ତନ ଅଧିନିୟମ-୨୦୦୨ ଏବଂ ସିକ୍ୟୁରିଟି ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ର ନିୟମ ୩ ସହିତ ପଠିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ଆକାଉଣ୍ଟ ବିରୁଦ୍ଧରେ ଏକ ଧାର୍ଯ୍ୟ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ଏଥିରେ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ରାଶି ପୈଠ କରିବାକୁ ଆହ୍ୱାନ କରାଯାଇଥିଲା। କିନ୍ତୁ ଏହି ସମୟ ସୁଦ୍ଧା ଋଣରାଶି ପରିଶୋଧ କରିବାରେ ବିଫଳ ହେବାରୁ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପୁନଃ ଏକ ଅଧିଗ୍ରହଣ ନୋଟିସ୍ ଜାରି ପୂର୍ବକ ଋଣଗ୍ରହୀତାଙ୍କୁ ଅବଗତ କରାଇଦେଇଛନ୍ତି ଯେ, ଉକ୍ତ ନିୟମାବଳୀର ନିୟମ ୮ ସହିତ ପଠିତ ଉକ୍ତ ଆଇନର ଧାରା ୧୩(୪) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ନିମ୍ନସ୍ୱାକ୍ଷରକାରୀ (ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍) ପ୍ରତ୍ୟେକ ଆକାଉଣ୍ଟ ବିରୁଦ୍ଧରେ ଉଲ୍ଲେଖିତ ତାରିଖରେ ନିମ୍ନଲିଖିତ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି (ବନ୍ଧକ ଥିବା ଜମି)ର ଦଖଲ (ଅଧିଗ୍ରହଣ) ନେଇଛନ୍ତି। ବିଶେଷକରି ଋଣଗ୍ରହୀତା ଏବଂ ସାଧାରଣତଃ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ ତଥା ସୂଚିତ କରାଇଦିଆଯାଉଅଛି କି, ସେମାନେ ନିମ୍ନ ସମ୍ପତ୍ତି (ଗୁଡିକ) ସମ୍ବନ୍ଧୀୟ କୌଣସି କାରବାରରେ ଲିପ୍ତ ନ ହୁଅନ୍ତୁ। ସମ୍ପତ୍ତି ସମ୍ବନ୍ଧୀୟ ଯେକୌଣସି କାରବାର ପାଇଁ **ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍** ଦ୍ୱାରା ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ଆକାଉଣ୍ଟ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ଋଣ ପରିମାଣ ଏବଂ ସୁଧ ବାବଦ ଅର୍ଥ ଆଦାୟ କରାଯିବ। ସୁରକ୍ଷିତ ସମ୍ପତ୍ତିର ନଗଦକରଣ ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଆଇନର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥା ପ୍ରତି ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି।

| କ୍ର. ନଂ | ଶାଖାର ନାମ | ଋଣ ଖାତା ନଂ | ଋଣଗ୍ରହୀତାଙ୍କ ନାମ/ ଗ୍ୟାରେଣ୍ଟର (ସମ୍ପତ୍ତି ମାଲିକ) | ଡିମାଣ୍ଡ ନୋଟିସ୍ ଜାରି ତାରିଖ | ସମ୍ପତ୍ତି ଅଧିଗ୍ରହଣ ତାରିଖ | ଡିମାଣ୍ଡ ନୋଟିସ୍ ଜାରି ତାରିଖ ସୁଦ୍ଧା ମୋଟ୍ ବକେୟା ରାଶି |
|---|---|---|---|---|---|---|
| ୧ | କଟକ | ୧୬୦୦୦୬୦୦୦ ୦୦୦୬୦୦୧ | ୧. ଲୋକନାଥ ରାଉତ ପିତା- ସିଦ୍ଧେଶ୍ୱର ରାଉତ (ଋଣଗ୍ରହୀତା) ୨. ସିଦ୍ଧେଶ୍ୱର ରାଉତ ପିତା- ଦୈତାରୀ ରାଉତ (ସହ ଋଣଗ୍ରହୀତା/ ବନ୍ଧକଦାତା) ୩. ଅମୃତା ରାଉତ ସ୍ୱାମୀ-ଲୋକନାଥ ରାଉତ (ଗ୍ୟାରେଣ୍ଟର) | ୨୧/୧୧/୨୦୨୪ | ୨୩/୦୪/୨୦୨୫ | ୩୩୬୩୪୩୮/- (Rupees Thirty Three Lakh Sixty Three Thousand Four Hundred |

**ସମ୍ପତ୍ତିର ବର୍ଣ୍ଣନା (ସମସ୍ତ ଗୃହାଦି ସମେତ ସମ୍ପତ୍ତିର ସମସ୍ତ ଅଂଶ):** ପ୍ରାୟ ୦.୦୫୦ ଡିସିମିଲି କ୍ଷେତ୍ରଫଳ ଥିବା ସମ୍ପତ୍ତି ଏବଂ ଜମିର କିଛି ଅଂଶ। ଅଧିକ ଏବଂ କମ୍ ସମ୍ପତ୍ତି ମୌଜା - କଟକ ସହର, ୟୁନିଟ୍ ନଂ-୩୩ ବିଦ୍ୟାଧରପୁର, ତହସିଲ- କଟକ, ଖାତା ନଂ-୧୦୯୮, ପ୍ଲଟ୍ ନଂ-୨୩୨୦/୩୧୫୮, ପିଏସ୍-ମଧୁପାଟଣା, ପିଏସ୍. ନମ୍ବର-୩, ଜିଲ୍ଲା-କଟକ, ଓଡ଼ିଶା- ୭୫୩୦୦୩। ବନ୍ଧକ (ମରଗେଜ) ଡିଡ୍ ନମ୍ବର-୧୦୩୯୨୨୦୧୬୫୦, ୨୦୨୨ ଆର୍ଥିକ ବର୍ଷ ପାଇଁ। ଡିଏସ୍‌ଆର-କଟକରେ ପଞ୍ଜୀକୃତ। ଏହି ଜୁଭାରଟି ପୂର୍ବରେ ହାବିବନ୍ଧୁ ମହାନ୍ତିଙ୍କ ଦ୍ୱାରା, ପଶ୍ଚିମରେ ସିଏମସି (ମହାନଗର ନିଗମ) ଡ୍ରେନ୍ ଦ୍ୱାରା, ଉତ୍ତରରେ ନୃସିଂହନାଥ ଦେବ ପାଠ ଏବଂ ଦକ୍ଷିଣରେ ରାସ୍ତା ଏବଂ ପ୍ରଫୁଲ୍ଲ କୁମାର ଛାଟୋଇଙ୍କ ଦ୍ୱାରା ପରିବେଷ୍ଟିତ ବା ସୀମାବଦ୍ଧ ରହିଛି।

ସ୍ୱାକ୍ଷର
ଅଧିକାରପ୍ରାପ୍ତ ଅଧିକାରୀ
ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

ତାରିଖ: ୨୫-୦୪-୨୦୨୫
ସ୍ଥାନ-କୋଲକାତା

## ପ୍ରଥମ ପୃଷ୍ଠାରୁ

## ଫୋକସ୍‌ରେ ଗାଁ ବିକାଶ ...

ଗ୍ରାମାଞ୍ଚଳର ସବୁଠୁ ବଡ ପ୍ରାଥମିକତା। ଏହି ସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ। ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟଜଳ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେଇଛୁ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଆମେ ଗ୍ରାମାଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବୁ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଆମ ସରକାର କାମରେ ବିଶ୍ୱାସ କରେ। ଏହି ଅବସରରେ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ୍, ପିପିଏମ୍‌ଏସ୍ ପୋର୍ଟାଲ୍, ପଞ୍ଚାୟତ ମନିଟରିଙ୍ଗ୍ ସିଷ୍ଟମ୍, ୬୧୩ଟି ଗ୍ରାମପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରିବା ସହିତ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ୍ ପୁସ୍ତକର ଉନ୍ମୋଚନ କରିଥିଲେ। ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା।

ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ଆରମ୍ଭ କରିଛୁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି। ପୋର୍ଟାଲ୍ ମାଧ୍ୟମରେ ଯଥା ଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି। ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ଗାଁର ବିକାଶ ପାଇଁ ରାଜନୀତିରୁ ଊର୍ଦ୍ଧ୍ୱକୁ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ, ଗ୍ରାମାଞ୍ଚଳର ମୌଳିକ ସମସ୍ୟାକୁ ଦୂରକରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଗାଁର ବିକାଶ ହେଲେ ଆମ ଦେଶର ବିକାଶ ହେବ। ଆଜି ପଞ୍ଚାୟତିରାଜ ଦିବସରେ ଯେଉଁ ଗାଁରେ ଆମର ଆତ୍ମା ଅଛି, ସେହି ଗାଁକୁ ସରଶ ସୁନ୍ଦର କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ସେହିପରି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳକୁ ଜାତୀୟ ଉଦ୍ୟାନ ...

ଶିମିଳିପାଳ ଭାରତର ୧୦୭ତମ ଜାତୀୟ ଉଦ୍ୟାନ ରୂପେ ମାନ୍ୟତା ଲାଭ କରିଥିବା ବେଳେ ଏହା ଭିତରକନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ। ଏହା ସହିତ ଏହା ୮୪୫.୭୦ ବର୍ଗ କିମି ବିଶିଷ୍ଟ ରାଜ୍ୟର ସର୍ବବୃହତ୍ ଜାତୀୟ ଉଦ୍ୟାନ ରୂପରେ ପରିଗଣିତ। ଏହି ବହୁ ପ୍ରତୀକ୍ଷିତ ସ୍ୱୀକୃତି ଶିମିଳିପାଳର ଅଦ୍ୱିତୀୟ ଜୈବ ବିବିଧତା, ସମୃଦ୍ଧ ଆଦିବାସୀ ପରମ୍ପରା ଏବଂ ପରିବେଶଗତ ମୂଲ୍ୟବୋଧ ପ୍ରତି ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛି। ଏହି ନିଷ୍ପତ୍ତି ଓଡ଼ିଶାକୁ ଜାତୀୟ ମାନଚିତ୍ରରେ ସ୍ୱତନ୍ତ୍ର ଭାବରେ ସ୍ଥାନିତ କରିଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଶିମିଳିପାଳ ଜାତୀୟ ଉଦ୍ୟାନକୁ ସର୍ବୋଚ୍ଚ ଜାତୀୟ ପରିବେଶ ସ୍ୱୀକୃତି ମିଳିବା ପରେ, ବନ୍ୟଜନ୍ତୁ ଅଭୟାରଣ୍ୟ, ବ୍ୟାଘ୍ର ପ୍ରକଳ୍ପ, ୟୁନେସ୍କୋ ସଂରକ୍ଷିତ ଜୈବମଣ୍ଡଳ, ହାତୀ ଅଭୟାରଣ୍ୟ ଆଦି ଶିମିଳିପାଳର ବହୁସ୍ତରୀୟ ଜୈବ ବିବିଧତାର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ଶିମିଳିପାଳରେ ଅବସ୍ଥିତ ଜଙ୍ଗଲଗୁଡ଼ିକ ଶାଳ, ଆର୍ଦ୍ର ପର୍ଣ୍ଣମୋଚୀ ଏବଂ ଅର୍ଦ୍ଧ-ଚିରହରିତ୍ ପ୍ରକାରର ବୃକ୍ଷର ମିଶ୍ରଣ, ଯାହା ଉଦ୍ଭିଦ, ଜୀବଜନ୍ତୁ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ସମ୍ପ୍ରଦାୟମାନଙ୍କ ପାଇଁ ଏକ ବିରଳ ଏବଂ ସମୃଦ୍ଧ ବାସସ୍ଥାନ ସୃଷ୍ଟିକରିଛି। ଅନ୍ୟପକ୍ଷରେ ଏହି ଘୋଷଣା ଶିମିଳିପାଳକୁ ଭାରତର ପରିବେଶ ଏବଂ ସାଂସ୍କୃତିକ ମାନଚିତ୍ରରେ ଏହାର ଯଥାର୍ଥ ସ୍ଥାନ ଦେବା ସହିତ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଆଣି ଦେଇଛି।

## ଦ୍ୱିଗୁଣିତ ହେଲା ପୁଲିସ ...

କନଷ୍ଟେବଳ, ସିପାହୀ ଓ ସମାନ ର୍ୟାଙ୍କର କର୍ମଚାରୀଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗୁରୁବାର ରାଜ୍ୟ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଳଠାରୁ ଇନ୍ସପେକ୍ଟର୍‌ଙ୍କ ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ହାବିଲଦାର ଓ ସମାନ ର୍ୟାଙ୍କର କର୍ମଚାରୀଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଆଜି କନଷ୍ଟେବଳ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତାମାନେ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଦକ୍ଷତାର ସହ ଆଗାମୀ ଦିନଗୁଡ଼ିକରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ପୁଲିସ ସେବା କର୍ମଚାରୀଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡ଼ିଶାକୁ ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି, ଅସହାୟମାନେ କିଭଳି ଯଥାଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନଦେବା ଓ ସମସ୍ତ ପୁଲିସ ଷ୍ଟେସନ୍‌ରେ ଏଫ୍‌ଆଇଆର୍ ତୁରନ୍ତ ଗ୍ରହଣ ଏବଂ ସେହି ଏଫ୍‌ଆଇଆର୍ ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକ ଆରମ୍ଭରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ସ୍ୱାଗତ ଭାଷଣ ଦେବା ସହିତ ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। କନଷ୍ଟେବଳ, ହାବିଲଦାର ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଦୀରେ ବୁଡ଼ି ...

ଅସାବଧାନତା ଯୋଗୁଁ ବିଶ୍ୱଜିତ, ସାଇ ଓ ପିଙ୍କୁନ ନଦୀ ସୁଅରେ ଭାସିଯାଇଥିଲେ। କୂଳକୁ ଆସିବା ପାଇଁ ସେମାନେ ଆପ୍ରାଣ ଉଦ୍ୟମ କରିଥିଲେ ବି ବିଫଳ ହୋଇଥିଲେ। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ମଙ୍ଗଳାବାଗ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲା। ତେବେ ତିନିଜଣଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା ବେଳେ ତେବେ ଡାକ୍ତର ସାଇ ଓ ପିଙ୍କୁନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ୍ ହେବା ସହିତ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମହାନଦୀରେ ଖାସ୍‌କରି ଯୋବ୍ରା ଆନିକଟ୍‌ରେ ଏଭଳି ବଡ଼ ଧରଣର ଦୁର୍ଘଟଣା ଘଟୁଛି। ପୂର୍ବରୁ ମଧ୍ୟ ମହାନଦୀରେ ବୁଡ଼ି ଅନେକ ଲୋକଙ୍କର ମୃତ୍ୟୁ ଘଟିଛି। ଅସାବଧାନତା ଯୋଗୁ ହିଁ ଏପରି ଘଟଣା ଘଟୁଛି। ଲୋକେ ମହାନଦୀରେ ପ୍ରବେଶ କରିବା ପୂର୍ବରୁ ସେଠାକାର ଜଳର ଗଭୀରତା ସମ୍ପର୍କରେ ଜ୍ଞାନ ରଖୁନାହାନ୍ତି। ଅନେକ ଲୋକ ପାଣିରେ ପହଁରି ଶିଖି ନଥିବାରୁ ମଧ୍ୟ ଅଘଟଣର ଶିକାର ହେଉଛନ୍ତି। ତେବେ ଦୁର୍ଘଟଣା ବେଳେ ଜିଲ୍ଲା ପ୍ରଶାସନ ତତ୍ପର ହେଉଛି। ନଦୀକୂଳରେ ନଗାଧାଇବା ପାଇଁ ବୋର୍ଡ ମାରୁଛି। ହେଲେ ଫଳ କିଛି ମିଳୁନି। ଏଭଳି ଦୁର୍ଘଟଣାକୁ ଅଟକାଇବା ଲାଗି ପ୍ରଶାସନ ନଦୀକୂଳରେ ଜଗୁଆଳି ରଖିବା ପାଇଁ ଚିନ୍ତା କରିଥିଲା। ମାତ୍ର ପରିସ୍ଥିତି ଶାନ୍ତ ପଡ଼ିଲେ ସେଭଳି ସତର୍କତା କିମ୍ବା ସଚେତନତା କାର୍ଯ୍ୟକ୍ରମ କରାଯାଇପାରୁ ନାହିଁ ଫଳରେ ଅନେକଙ୍କ ପ୍ରାଣହାନୀ ଘଟୁଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେବେ ନଦୀରେ ଗାଧୋଇବାକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ କଟକ ଡିସିପି ଋଷିକେଶ ଖିଲାରୀ ନିବେଦନ କରିଛନ୍ତି।

## ୨ଦିନ ପ୍ରବଳ ତାତି ...

୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରିକରିଛି ପାଣିପାଗ ବିଭାଗ। ସେହିପରି ଉଷ୍ମ ରାତ୍ରି ପାଇଁ ସମ୍ବଲପୁର ସୁନ୍ଦରଗଡ଼ ଓ ବଲାଙ୍ଗୀର ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ନୂଆପଡ଼ା, ବରଗଡ଼, କଳାହାଣ୍ଡି, ଦେଓଗଡ଼ ଓ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ଗଜପତି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଆସନ୍ତାକାଲି ପ୍ରବଳ ତାତି ନେଇ ବଲାଙ୍ଗୀର, ସମ୍ବଲପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗ୍ରୀଷ୍ମ ପ୍ରବାହ ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ନୂଆପଡ଼ା, ବରଗଡ଼, ସୋନପୁର ଓ ବୌଦ୍ଧ ଏହି ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୨୬ ତାରିଖରେ ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡ଼ାରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହେଇଛି । ୨୬ ପରେ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି।

## ୧୧୯୧ କୋଟିର ଅକ୍ଷୟଶକ୍ତି ...

କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳ ସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରିଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି ତଥା ବିଦ୍ୟୁତ ବିତରଣ କମ୍ପାନୀ ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସକ୍ରିୟ ନୀତି ଏବଂ ଶୃଙ୍ଖଳିତ ପ୍ରକ୍ରିୟା ଆଧାରରେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଏବଂ ଅକ୍ଷୟ ଶକ୍ତି ନୋଡାଲ୍ ଏଜେନ୍ସି ଗ୍ରିଡ୍‌କୋ ମାଧ୍ୟମରେ, ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବଢ଼ିଛି ଏବଂ ଏକ ଅଧିକ ଆତ୍ମନିର୍ଭରଶୀଳ ଓଡ଼ିଶା ପାଇଁ ପଥ ପରିଷ୍କାର ହୋଇଚାଲିଛି। ଏ ଯାଏ, ଅକ୍ଷୟଶକ୍ତି କ୍ଷେତ୍ରରେ ମୋଟ ୧୭୦୭.୫୬ ମେଗାୱାଟ୍ କ୍ଷମତା ସମ୍ପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ୍ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

## କେନ୍ଦ୍ରକୁ ବିରୋଧୀଙ୍କ ...

ଆଗକୁ ବଢ଼ିବାକୁ କହିଛନ୍ତି। ରାହୁଲ ଗଣମାଧ୍ୟମକୁ କହିଛନ୍ତି, 'ଆମେ ଆତଙ୍କବାଦ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରୁ।' ତେବେ କେବଳ କଂଗ୍ରେସ ନୁହେଁ ସମସ୍ତ ଦଳ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ସ୍ପଷ୍ଟ କରିଛନ୍ତି ଯେ ଜମ୍ମୁ-କାଶ୍ମୀରରେ ଶାନ୍ତି ବଜାୟ ରଖିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବା ଉଚିତ୍। ସେହିପରି ବୈଠକ ପରେ ଓୱୈସୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଭାରତ ସରକାର ସେହି ଦେଶ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍ ଯେଉଁଦେଶ ଆତଙ୍କବାଦ ଓ ଆତଙ୍କବାଦୀଙ୍କୁ ଭାରତ ବିରୋଧରେ ବ୍ୟବହାର କରୁଛି।

ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଉପସ୍ଥିତ ଥିଲେ। ସେହିପରି ବିରୋଧୀଦଳର ନେତାଙ୍କ ମଧ୍ୟରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖର୍ଗେ ଏବଂ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ଏନ୍‌ସିପି-ଏସ୍‌ପିର ସୁପ୍ରିୟା ସୁଲେ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, ଏଆଇଏମ୍‌ଆଇଏମ୍‌ର ଅସାଉଦ୍ଦିନ୍ ଓୱୈସୀ, ବିଜେଡିର ସସ୍ମିତ ପାତ୍ର, ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂହ, ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟ, ଆର୍‌ଜେଡିର ପ୍ରେମଚାନ୍ଦ ଗୁପ୍ତା, ଡିଏମ୍‌କେର ଟି. ଶିବା ଏବଂ ସମାଜବାଦୀ ପାର୍ଟିର ଗୋପାଳ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

ସୂତ୍ର ଅନୁଯାୟୀ ସର୍ବଦଳୀୟ ବୈଠକ ଆରମ୍ଭରେ ପହଲଗାମ୍ ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତ ନେତାମାନେ କିଛି ସମୟ ଶୋକପ୍ରାର୍ଥନା କରିଥିଲେ। ପରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକ ପ୍ରାୟ ୨ଘଣ୍ଟା ଧରି ଚାଲିଥିଲା। ବୈଠକ ପ୍ରାରମ୍ଭରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଏବଂ ବୁଧବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍)ରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଉପସ୍ଥିତ ନେତାମାନଙ୍କୁ ଅବଗତ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ପହଲଗାମ୍ ଘଟଣା ବିଷୟରେ ନେତାମାନଙ୍କୁ ଜଣାଇଥିଲେ। ସେହିପରି ଇଣ୍ଟେଲିଜେନ୍ସ ବ୍ୟୁରୋ ଏବଂ ଗୃହ ମନ୍ତ୍ରଣାଳୟର ଅଧିକାରୀମାନେ ଉପସ୍ଥିତ ନେତାମାନଙ୍କୁ ଘଟଣା ବିଷୟରେ ଅଧିକ ସୂଚନା ଦେଇଥିଲେ। ଏହା ପରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦାକରି ବିରୋଧୀ ଦଳର ନେତାମାନେ କହିଥିଲେ, ସେମାନେ (ଆତଙ୍କବାଦୀ ଏବଂ ପାକିସ୍ତାନ) ଯେପରି ନିରୀହ ଲୋକଙ୍କୁ ଆକ୍ରମଣ କରି ହତ୍ୟା କରିଛନ୍ତି, ସେମାନଙ୍କର ଶିବିରଗୁଡ଼ିକୁ ମଧ୍ୟ ଠିକ୍ ସେହିପରି ଧ୍ୱଂସ କରାଯିବା ଉଚିତ୍ ଏବଂ ପାକିସ୍ତାନ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ପରେ ପରେ ଆତଙ୍କବାଦ ବିରୁଦ୍ଧରେ ଏକାଠି କାମ କରିବା ଏବଂ ଏପ୍ରିଲ ୨୨ ତାରିଖରେ ପହଲଗାମରେ ନିରୀହ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପଛରେ ଥିବା ଶକ୍ତିଗୁଡ଼ିକୁ ମୁକାବିଲା କରିବାର ସଂକଳ୍ପ ସାମ୍ନାକୁ ଆସିଥିଲା। ସର୍ବଦଳୀୟ ବୈଠକରେ, ଆପତ୍ତି ବଦଳରେ କିଛି ପରାମର୍ଶ ବ୍ୟତୀତ, ଏହି ସଙ୍କଟ ସମୟରେ ଜାତୀୟ ସଂହତିର ଏକତା ପ୍ରଦର୍ଶନ କରାଯାଇଥିଲା। ବିରୋଧୀ ନେତାମାନେ ସରକାରଙ୍କୁ ସେମାନଙ୍କର ମତାମତ ଏବଂ ପରାମର୍ଶ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# 'ଗ୍ରାମ ସଶକ୍ତ ହେଲେ ଜିଲ୍ଲା, ରାଜ୍ୟ ଓ ଦେଶ ସଶକ୍ତ ହେବ'



**ବାରିପଦା, ୨୪।୪/ଏନ୍‌ଏନ୍‌ଏସ୍::** ବାରିପଦା ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଏପିଡି (ପ୍ରଶାସନ) ଶାନ୍ତନୁ କୁମାର ନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗତ ୨୨ ତାରିଖ କଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ବର୍ବରତାର ଶିକାର ହୋଇ ଗୁଳିରେ ନିହତ ହୋଇଥିବା ଲୋକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଶ୍ରୀମତି ଭାରତୀ ହାଁସଦା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରୀକରଣ ହେତୁ ଏହାର ଉପକାରିତା ଉପଲବ୍ଧି ଉପରେ ଆଲୋକପାତ କରି ଗ୍ରାମ ସଶକ୍ତ ହେଲେ ସେଇ ଅନୁସାରେ ଜିଲ୍ଲା, ରାଜ୍ୟ ଓ ଦେଶ ସଶକ୍ତ ହେବ ବୋଲି କହିଥିଲେ। ଏହି ଅବସରରେ କାର୍ଯ୍ୟ କ୍ଷେତ୍ରରେ ବିଭିନ୍ନ ଯୋଜନାରେ ଉତ୍ତମ ପ୍ରଦର୍ଶନ କରିଥିବା କିଛି ବ୍ଲକ୍ ଓ ପଞ୍ଚାୟତକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ କିଛି ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜନପ୍ରତିନିଧି, ପଞ୍ଚାୟତ ସମିତିର ନିର୍ବାଚିତ ସଦସ୍ୟଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ହିତାଧିକାରୀ ଉପସ୍ଥିତ ଥିଲେ।

**କେନ୍ଦୁଝର:** କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ପଞ୍ଚାୟତିରାଜର ମହତ୍ତ୍ୱ କେବଳ ପ୍ରଶାସନିକ



ଢାଞ୍ଚା ମଧ୍ୟରେ ସୀମାବଦ୍ଧ ନୁହେଁ, ଏହା ବାହାରେ ମଧ୍ୟ ବିସ୍ତାରିତ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଯାଇ ଏକ ଉନ୍ନତ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ଜିଲ୍ଲାପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ କେନ୍ଦୁଝର ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦୁଝର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ କୁମାର ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟା ଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ବାଲେଶ୍ୱର:** ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସଦର ମହକୁମାସ୍ଥିତ ଆୟୁଷ୍ମାନ ମଣ୍ଡପରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ତୃଣମୂଳସ୍ତରର ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟକୁ ପାଳନ କରିବା ପାଇଁ ହୋଇଥିବା ପଞ୍ଚାୟତିରାଜର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିରୂପେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼. ମଧୁସ୍ମିତା ସାମନ୍ତରାୟ ଓ ସଦର ବିଡିଓ ଉତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ



କାର୍ଡ ବଣ୍ଟା ଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗ୍ରାମପଞ୍ଚାୟତଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଉପସ୍ଥିତ ଲୋକେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଅଭାଷୀ ମାଧ୍ୟମରେ ଦେଖିଥିଲେ।

## ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏବିଭିପି ପକ୍ଷରୁ ନିନ୍ଦା




**ଭଦ୍ରକ,୨୪।୪/ଏନ୍‌ଏନ୍‌ଏସ୍:** ପହଲଗାମରେ ଆତଙ୍କବାଦୀ ନିରୀହ ପର୍ଯ୍ୟଟକଙ୍କୁ ଧାର୍ମିକ ଆଧାରରେ ଗୁଳି ମାରି ହତ୍ୟା କରିବା ଘଟଣାକୁ ଏବିଭିପି, ଭଦ୍ରକ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଏଥିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ସହରର ଦକ୍ଷିଣ କାଳୀ ମନ୍ଦିରରେ ସାମୁହିକ ଦୀପଦାନ ହୋଇଥିଲା। ଏହି ବର୍ବରୋଚିତ କାଣ୍ଡ ଘଟାଇଥିବା ସମସ୍ତ ଆତଙ୍କବାଦୀ ଏବଂ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ସରକାର ଓ ସେନା ବିରୋଧରେ ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନ ଏବଂ ଆତଙ୍କବାଦ ବିରୋଧରେ ମୁର୍ଦ୍ଦାବାଦ ନାରା ପ୍ରକମ୍ପିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟା ପାର୍ବତୀ ମିଶ୍ର, ଜିଲ୍ଲା ମୁଖ୍ୟ ସ୍ୱାଧୀନ ସୁନ୍ଦର ଦାସ, ବାଲେଶ୍ୱର ବିଭାଗ ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ସବିଷ୍କାର ରାଜ୍ୟ ସଂଯୋଜକ ଦେବୀ ପ୍ରସାଦ ଦାଶ, ଜିଲ୍ଲା କ୍ରୀଡ଼ା_ମୁଖ୍ୟ ସତ୍ୟ ପ୍ରକାଶ ମହାନ୍ତି, ନଗର ସମ୍ପାଦକ ଓଁକାର ମହାନ୍ତି, ଦୁର୍ଗା ଶଙ୍କର ଜେନା, ଗୋପୀ କ୍ରିଷ୍ଣା ବାରିକ, ଶୁଭମ୍ ରାଉତ, ଗୌତମୀ ପାଢ଼ୀ, ଦିବ୍ୟ କାନୁନଗୋ, ମନୋରଞ୍ଜନ ମହାନ୍ତି, ରାଜେଶ୍ ପଣ୍ଡୁଆ, ହନୁମାନ ଗୁପ୍ତା, ମନଜିତ୍ ଦତ୍ତ, ରବି ରେଡ୍ଡୀ ଓ ତାପଜ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପହଲଗାମ ଆତଙ୍କବାଦୀ ଆକ୍ରମଣ ବିରୋଧରେ କ୍ୟାଣ୍ଡଲ୍ ମାର୍ଚ୍ଚ




**ଯୋଡ଼ା,୨୪।୪/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପରଲୋକଗତଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଯୋଡ଼ା ନଗର ବିଜେପି ମଣ୍ଡଳ ପକ୍ଷରୁ ଏକ କ୍ୟାଣ୍ଡଲ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଯୋଡ଼ା ଲକ୍ଷ୍ମୀ ମନ୍ଦିରରୁ ଆରମ୍ଭ ହୋଇ ବସ୍‌ଷ୍ଟାଣ୍ଡରେ ଥିବା ଉତ୍କଳମଣି ଗପବନ୍ଧୁଙ୍କ ମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲ। ପ୍ରତିମୂର୍ତ୍ତି ତଳେ କ୍ୟାଣ୍ଡଲ୍ ଧରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଶତାଧିକ ଲୋକ ସାମିଲ ହୋଇ ହିନ୍ଦୁସ୍ତାନ ଜିନ୍ଦାବାଦ୍, ପାକିସ୍ତାନ ମୁର୍ଦ୍ଦାବାଦ୍ ଓ ଜୟ ଶ୍ରୀ ରାମ ନାରା ଦେଇଥିଲେ। ବିଜେପିର ଆହ୍ୱାନକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ, ନନ୍ଦୀ ଗୋ-ସେବା, ଶାଶ୍ୱତ ଗୋ-ସେବା ଓ ଦୁର୍ଗବାହିନୀ ସାମିଲ ହୋଇଥିଲେ।

## ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରି ୫ ବର୍ଷ ଜେଲ୍

**କେନ୍ଦୁଝର,୨୪।୪/ଏନ୍‌ଏନ୍‌ଏସ୍:** କେନ୍ଦୁଝର ସିଜେଏମ୍ ତଥା ସେସନ ଜଜ୍ ହିମାଂଶୁ ଶେଖର ବିଶ୍ୱାଳ ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଅଭିଯୁକ୍ତ ଅମ୍ବିକା ପ୍ରସାଦ ପଣ୍ଡାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ, ୨୦୨୨ ଜୁନ୍ ୧୦ ତାରିଖ ସକାଳ ୭ଟାରେ କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ମଣ୍ଡୁଆ ଗ୍ରାମର ଅମ୍ବିକା ପ୍ରସାଦ ପଣ୍ଡା ସାମାନ୍ୟ ବଚସାକୁ କେନ୍ଦ୍ର କରି ମଝିଆ ଭାଇ ସତ୍ୟଜିତ୍ ପଣ୍ଡାଙ୍କ ମୁହଁରେ ଲଙ୍କା ଗୁଣ୍ଡ ପକାଇ ବୁଢ଼ିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସତ୍ୟଜିତଙ୍କ ମୁଣ୍ଡ, ବେକ, ହାତ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଅନ୍ୟଜଣେ ଭାଇ ସତ୍ୟନାରାଣୟ ପଣ୍ଡା ଆକ୍ରମଣ ବେଳେ ଛଡ଼ାଇବାକୁ ଉଦ୍ୟମ କରିବାରୁ ତାଙ୍କୁ ମଧ୍ୟ କାମୁଡ଼ି ଦେଇଥିଲା। ଏନେଇ ତାଙ୍କ ମାଆ ଅନ୍ନପୂର୍ଣ୍ଣା ପଣ୍ଡା ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅଶୋକ କୁମାର ଦାସ ମାମଲା ପରିଚାଳନା କରିଥିଲେ।

## ସନ୍ଦେହଘେରରେ ଯୁବକଙ୍କ ମୃତ୍ୟୁ

**ସୋର,୨୪।୪/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ସରଶଙ୍ଖ ପଞ୍ଚାୟତ ବ୍ରାହ୍ମଣସାହି ଗ୍ରାମର ଜଣେ ଯୁବକ ଗାମୁଛାକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ମୁରଲୀଧର ସେଠୀ। କୌଣସି କଥାକୁ ନେଇ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ମୁରଲୀଧରଙ୍କ କଳହ ହୋଇଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ମୁରଲୀ ଗାମୁଛାକୁ ବେକରେ ବାନ୍ଧି ଶୋଇବା ଘର ଗଡ଼ାଣରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିପାରି ତାଙ୍କୁ ତୁରନ୍ତ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କଠାରୁ ଲୁଟ୍, ୪ ଗିରଫ

**ସୋର,୨୪।୪/ଏନ୍‌ଏନ୍‌ଏସ୍:** ସୋର ଥାନା ୧୬ନଂ ଜାତୀୟ ରାଜପଥ ଅସୀମିଳା ଛକ ନିକଟରେ ମାରଣାସ୍ତ୍ର ଦେଖାଇ ଜଣେ ଯୁବକଙ୍କ ନିକଟରୁ ୪୦ ହଜାର ଟଙ୍କା ଲୁଟ୍ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସରୋଜ ଜେନା (୨୬), ରାହୁଲ ଜେନା( ୨୪ ), ପଥରପେଣ୍ଠ ଗ୍ରାମର ଶିବା ମଲିକ (୨୮) ଓ ଅନିଲ ବେହେରା (୨୪)। ଗତ ୧୪ ତାରିଖରେ ଗୋବିନ୍ଦପୁର ଗ୍ରାମର ପ୍ରଦୀପ ମଲିକ ନୂଆ ବାଇକ୍ କିଣିବା ପାଇଁ ୪୦ ହଜାର ଟଙ୍କା ନେଇ ତାଙ୍କ ସାଙ୍ଗ ବାଇକ୍‌ରେ ବାଲେଶ୍ୱର ଯାଉଥିଲେ। ଏହି ସମୟରେ ଅସୀମିଳା ଛକ ନିକଟରେ ୨ଟି ବାଇକ୍‌ରେ ୬ ଜଣ ଯୁବକ ହାତରେ ବନ୍ଧୁକ, ଭୁଜାଲି ଓ ଖଣ୍ଡା ଧରି ତାଙ୍କ ବାଇକ୍ ସମ୍ମୁଖରେ ଆଡ଼ା ପକାଇଥିଲେ। ପରେ ଉଭୟଙ୍କୁ ଭୟଭୀତ କରି ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରଦୀପ ନିକଟରେ ଥିବା ୪୦ ହଜାର ଟଙ୍କା, ମୋବାଇଲ୍ ଓ ବାଇକ୍ ଚାବି ନେଇ ଫେରାର୍ ହୋଇଯାଇଥିଲେ। ଫଳରେ ପ୍ରଦୀପ ଏବଂ ତାଙ୍କ ସାଙ୍ଗ ସେଠାରୁ ଆସି ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କଠାରୁ ଲୁଟ୍‌ରେ ବ୍ୟବହୃତ ୨ଟି ବାଇକ୍, ଗୋଟିଏ ଭୁଜାଲି ଓ ୮ ହଜାର ସାତ ଶହ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ସରକାରଙ୍କ ଜନହିତକର ଯୋଜନା ସଠିକ୍ ବିନିଯୋଗ ପାଇଁ ପରାମର୍ଶ

**ତିହିଡ଼ି,୨୪।୪/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତା ଓ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଉଦ୍‌ଘାଟନ କରି ସରକାରଙ୍କ ଜନହିତକର ଯୋଜନା ସଠିକ୍ ବିନିଯୋଗ ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସରପଞ୍ଚଖିପ୍ରଦୀପ ବଳ, ନିହାରିକା ବିଶ୍ୱାଳ, ସମିତିସଭ୍ୟ ଶୁକଦେବ ମଲିକ, ବରିଷ୍ଠ ବିଜେପି ନେତା ସୀତାକାନ୍ତ ନାୟକ ଓ ଉମାକାନ୍ତ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ୫୨ଜଣ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀ ଓ ତନୁଜା ମିଶ୍ର, ଜିପିଇଓ ପ୍ଲାବନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ସମୀର ରଞ୍ଜନ ରାଉତ, ଯୋଗାଣ ନିରୀକ୍ଷକ ପ୍ରିତୀଶ କୁମାର ସାମଲ, ଏପିଇଓ କାମିନୀଲତା ଓଝା, ବିଏଲ୍‌ସି ସ୍ନିଗ୍ଧା ନାୟକ, ନନ୍ଦିନୀ ନାୟକ, ସିପି ମୌସୁମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଇତିହାସ

- ୧୮୦୯-ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ରଣଜିତ୍ ସିଂହଙ୍କ ମଧ୍ୟରେ ଅମୃତସର ସନ୍ଧି ହୋଇଥିଲା।
- ୧୯୮୨-ଦିଲ୍ଲୀଠାରେ ଟେଲିଭିଜନରେ ପ୍ରଥମ ଥର ରଙ୍ଗିନ ପ୍ରସାରଣର ଆରମ୍ଭ ହୋଇଥିଲା।
- ୨୦୦୫-ଭାରତୀୟ ସନ୍ଥ ରଙ୍ଗନାଥନନ୍ଦାଙ୍କ ନିଧନ।
- ୨୦୦୮-ଅମୀର ଖାନଙ୍କୁ ମାଷ୍ଟର ଦୀନାନାଥ ମଙ୍ଗେସ୍‌କର ସ୍ମୃତି ପ୍ରତିଷ୍ଠାନର ବିଶେଷ ପୁରସ୍କାର ମିଳିଥିଲା।
- ୨୦୧୦-ଭାରତୀୟ ନୌସେନା ନୂଆ ୟୁଟିଲିଟି ହେଲିକପ୍ଟର କିଣିବାର ପ୍ରକ୍ରିୟା ଆରମ୍ଭ କରିଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ:** ଦିନଟି ଆନନ୍ଦଦାୟକ ରହିବ। ପୂରା ସମୟ ପରିବାର ସହିତ ବିତେଇବେ। ପିଲାଙ୍କ କ୍ୟାରିୟରକୁ ନେଇ ଗୁରୁଙ୍କ ଠାରୁ ପରାମର୍ଶ ନେବେ। ଧର୍ମ-କର୍ମ ସହିତ ଜଡ଼ିତ ଲୋକମାନେ ସମାରୋହକୁ ଯାଇପାରନ୍ତି।

**ବୃଷ:** ଦିନଟି ଶାନ୍‌ଦାର ରହିବ। ପରିବାର ଲୋକଙ୍କ ସହିତ ବିବାଦ ନକଲେ ଭଲ। ବ୍ୟାବସାୟୀଙ୍କ କ୍ୟାରିୟର୍‌ର ଦିଗ ପରିବର୍ତ୍ତନ ହେବ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦିନଟି ଉତ୍ତମ। ଜୀବନସାଥିଙ୍କୁ ନେଇ ବୁଲିବାକୁ ଯାଇପାରନ୍ତି।

**ମିଥୁନ:** ଦିନଟି ଆପଣଙ୍କ ପାଇଁ ବଢ଼ିଆ ରହିବ। କ୍ୟାରିୟର୍ ଓ ବ୍ୟକ୍ତିଗତ ଜୀବନର ପ୍ରୟାସର ଫଳାଫଳ ମିଳିବ। ମନ ପ୍ରସନ୍ନ ରହିବ। ଘରେ ଛୋଟ ପାର୍ଟିର ଆୟୋଜନ ହୋଇପାରେ। ଆର୍କିଟେକ୍‌ଚର ସହିତ ଜଡ଼ିତ ଲୋକମାନଙ୍କୁ ଧନ ପ୍ରାପ୍ତି ହେବ।

**କର୍କଟ:** ଆପଣଙ୍କ ପାଇଁ ଦିନଟି ଅନୁକୂଳ। ଆଧାତ୍ମ ଆଡ଼କୁ ଆଜି ଢ଼ଳିବେ। ସାହିତ୍ୟରେ ରୁଚି ରହିବ। ବିଦ୍ୟାର୍ଥୀମାନେ ଯୋଜନାରେ ପରିବର୍ତ୍ତନ କରିପାରନ୍ତି। ଏଥିରେ ଶିକ୍ଷକମାନଙ୍କର ସହଯୋଗ ମଧ୍ୟ ରହିବ।

**ସିଂହ:** ଦିନଟି ଉତ୍ତମ ରହିବ। ପରିବାର ଓ କ୍ୟାରିୟର୍ ମଧ୍ୟରେ ସନ୍ତୁଳନ ବଜାୟ ରହିବ। ନୂଆ ବ୍ୟବସାୟ ଆରମ୍ଭ କରୁଥିବା ଲୋକଙ୍କ ପାଇଁ ଦିନଟି ଶୁଭ। ପରବର୍ତ୍ତୀ ପଦକ୍ଷେପ ଆପଣଙ୍କ ପାଇଁ ସୁଫଳ ଆଣିବ।

**କନ୍ୟା:** ଦିନଟି ଆପଣଙ୍କ ପାଇଁ ଖାସ୍। ହାତକୁ ନେଇଥିବା କାମ ପୂରା କରିବେ। ନିରାଶାର ଭାବନା ଦୂର ହେବ। ଷ୍ଟିଲ୍ ବ୍ୟବସାୟୀଙ୍କୁ ଧନଲାଭ ହେବ। ନବବିବାହିତମାନେ କିଛି ସମୟ ପାଇଁ ବାହାରକୁ ଯିବେ।

**ତୁଳା:** ମନରେ ନୂଆ ନୂଆ ବିଚାର ଆସିବ। କୌଣସି କାମର ଯୋଜନା ଆରମ୍ଭ କରିପାରନ୍ତି। ପରିବାରର ପୂରା ସହଯୋଗ ପାଇବେ। ପାଠପଢ଼ାରେ ମନ ଲାଗିବ। ବ୍ୟବହାରରେ ପରିବର୍ତ୍ତନ ଆସିପାରେ। ଜୀବନସାଥି ପ୍ରସନ୍ନ ହେବେ।

**ବିଛା:** ଦିନଟି ସାମାନ୍ୟ ରହିବ। ବିଜିନେସ୍ ପାର୍ଟନରଙ୍କ ସହିତ ଡିନର୍ କରିବେ। ପୁରୁଣା କଥାକୁ ନେଇ ଦ୍ୱନ୍ଦ୍ୱରେ ରହିବେ। ଅଫିସ୍‌ରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଜୀବନସାଥି ସହିତ ଧାର୍ମିକ ସ୍ଥଳକୁ ଯାଇପାରନ୍ତି।


**ଧନୁ:** ଲାଭକାରୀ ଦିନଟିଏ। ସରକାରୀ ଚାକିରିର ଅଫର୍ ଆସିପାରେ। ବୁଝାମଣା କରିବାକୁ ପ୍ରସ୍ତୁତ ରୁହନ୍ତୁ। ପାରିବାରିକ ଖୁସି ବଜାୟ ରହିବ। ସମସ୍ୟା ନିଜେ ନିଜେ ଦୂର ହେବ। ପାଠପଢ଼ାରୁ ପିଲାମାନଙ୍କର ମନ ହଟିଯିବ।

**ମକର:** ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ଆହ୍ୱାନଗୁଡ଼ିକୁ ସହଜରେ ଦୂର କରିବେ। ଭଲ ବ୍ୟବହାରରେ ଲୋକମାନେ ଖୁସି ହେବେ। ନିଜ ଲୋକଙ୍କୁ ସାହାଯ୍ୟ କରିପାରନ୍ତି। ଭୁଲ୍‌ରୁ ଶିକ୍ଷା ପାଇବେ। ଅଜଣା ଲୋକଙ୍କ ଉପରେ ଭରସା ନକଲେ ଭଲ।

**କୁମ୍ଭ:** ଦିନଟି ଠିକ୍‌ଠାକ୍ ବିତିବ। ପରିବାରର କେହି ଜଣେ ସଫଳତା ପ୍ରାପ୍ତ କରିବେ। ପଦୋନ୍ନତି ମିଳିପାରେ। ଫାଲ୍‌ତୁ ଖର୍ଚ୍ଚ ନକଲେ ଭଲ। କୌଣସି ମିଠା ସ୍ମୃତିରୁ ଆନନ୍ଦ ପାଇବେ। ବ୍ୟାପାରରୁ ଲାଭ ମିଳିବ।

**ମୀନ:** ଦିନଟି ଖୁସିରେ ଭରିଦେବ। ଅଧିକ ସମୟ ପରିଜନଙ୍କ ସହିତ ବିତେଇବେ। ପିକ୍‌ନିକ୍‌ରେ ଯିବା ପାଇଁ ଯୋଜନା କରିପାରନ୍ତି। ଅଫିସ୍ କାମ ଅନୁକୂଳ ରହିବ। ସିନିୟର୍ସ ଆପଣଙ୍କ କଥାକୁ ଗୁରୁତ୍ୱ ଦେବେ।


## ଶ୍ରୀମଦ୍ ଭଗବଦ୍‌ଗୀତା



**ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ।**
**ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ। (୯/୧୭)**

ମୁଁ ଏହି ଜଗତରେ ପିତା, ମାତା, ବିଧାତା, ପିତାମହ, ଯାହା କିଛି ଜାଣିବାର ବସ୍ତୁ ଓ ପବିତ୍ର ବସ୍ତୁ ସେ ସବୁ ଆମ୍ଭେ। ମୁଁ ହିଁ ଓଁକାର ଓଁ ଋକ, ସାମ, ଯଜୁଃ, ବେଦସ୍ୱରୂପ। ଯେହେତୁ ଏହି ଜଗତ ସମେତ ସକଳ ବସ୍ତୁ ଭଗବାନଙ୍କ ଠାରୁ ଉତ୍ପତ୍ତି ହେଇଛି, ତେଣୁ ସେ ଏହାର ପିତା ଓ କାରଣସ୍ୱରୂପ। ସେ ମାତା କାହିଁକି ନା ସେ ଉପାଦାନ କାରଣ ପ୍ରକୃତି। ସେ ପାପ, ପୁଣ୍ୟର ଫଳଦାତା ହେଇଥିବାରୁ ସେ ବିଧାତା। ସେ ଜଗତର ମୂଳ କାରଣର କାରଣ ଅର୍ଥାତ ଅବ୍ୟକ୍ତ ପ୍ରକୃତିର କାରଣ ତେଣୁ ସେ ପିତାମହ। ଯାହା ଜାଣିଲେ ମୋକ୍ଷ ସମ୍ଭବ ତେଣୁ ସେ ଜ୍ଞେୟ ବସ୍ତୁ। ଓଁକାର ବା ପ୍ରଣବ ବ୍ରହ୍ମଜ୍ଞାନର ସେ ହିଁ ପ୍ରଧାନ ସାଧନ। ଯେହେତୁ ସେ ସମସ୍ତ ପାପର କ୍ଷାଳନକାରୀ, ତେଣୁ ସେ ପବିତ୍ର, ସେ ଋକ୍, ଯଜୁଃ ଓ ସାମ ବେଦସ୍ୱରୂପ ଅଟନ୍ତି। ଶ୍ରୀ ରାମକୃଷ୍ଣ କୁହନ୍ତି - ଭଗବାନ, ଭକ୍ତ ଓ ଭାଗବତ ଏକା ଜିନିଷ।

# ପେଙ୍ଗୁଇନ୍




**ପେଙ୍ଗୁଇନ୍ ଏକ ସାମାଜିକ ପ୍ରାଣୀ ଯିଏ ନିଜ ଜୀବନର ତିନି-ଚତୁର୍ଥାଂଶ ଭାଗ ସମୁଦ୍ରରେ ବିତାଇଥାଏ। କାରଣ ସେମାନଙ୍କର ଭୋଜନ ସମୁଦ୍ରରୁ ହିଁ ମିଳେ। ପ୍ରଦୂଷଣ ଓ ଅତ୍ୟଧିକ ମାଛ ଧରିବା ଯୋଗୁ ଏମାନଙ୍କର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ପର୍ଯ୍ୟାବରଣ ପରିବର୍ତ୍ତନ ମଧ୍ୟ ପେଙ୍ଗୁଇନ୍ ପ୍ରଜାତିଙ୍କ ପାଇଁ ଏକ ବଡ଼ ମୁଦ୍ଦା ହୋଇ ରହିଆସିଛି। ସେମାନଙ୍କର ଆବାସସ୍ଥାନ, ଅଣ୍ଡା ସମ୍ପର୍କୀୟ ପ୍ରକ୍ରିୟା ଓ ଭୋଜନର ଉପଲବ୍ଧତା ସମୁଦ୍ରର ବରଫ ସଂକୁଚିତ ହେବା ଦ୍ୱାରା ପ୍ରଭାବିତ ହୋଇଥାଏ। ତେଣୁ ଏହି ବିଶେଷ ଜୀବର ମହତ୍ତ୍ୱଗୁଡ଼ିକୁ ଆଖିଆଗରେ ରଖି ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ପେଙ୍ଗୁଇନ୍ ଦିବସ। ଆଜି ଜାଣିବା ପେଙ୍ଗୁଇନ୍‌ଙ୍କ ସମ୍ପର୍କରେ କିଛି ତଥ୍ୟ।**

- ପେଙ୍ଗୁଇନ୍‌ଙ୍କ ହାରାହାରି ଆୟୁ ୧୫-୨୦ ବର୍ଷ ହୋଇଥାଏ। ଏମାନେ ସମୁଦ୍ରର ପାଣି ପିଇପାରନ୍ତି।
- ଏମାନଙ୍କର ଓଜନ ୯ କି.ଗ୍ରା-୪୦ କି.ଗ୍ରା ପର୍ଯ୍ୟନ୍ତ ହୋଇଥାଏ।
- ଘଣ୍ଟା ପ୍ରତି ୧୫ ମାଇଲ୍ ପର୍ଯ୍ୟନ୍ତ ପେଙ୍ଗୁଇନ୍‌ମାନେ ପହଁରି ପାରନ୍ତି କିନ୍ତୁ ଉଡ଼ିପାରନ୍ତି ନାହିଁ।
- ଏହାର ପ୍ରଜାତିଙ୍କ ମଧ୍ୟରୁ ସମ୍ରାଟ ପେଙ୍ଗୁଇନ୍‌ମାନେ ସବୁଠାରୁ ଲମ୍ବା ହୋଇଥାନ୍ତି ଯେଉଁମାନଙ୍କର ଉଚ୍ଚତା ୧୨୦ ସେ.ମି, ଆକାର ୪୦-୧୧୪ ସେ.ମି ପର୍ଯ୍ୟନ୍ତ ହୋଇଥାଏ।
- ଏମାନେ ଅଧିକାଂଶ ସମୟ ପାଣିରେ ରହନ୍ତି ଓ କିଛି ସମୟ ସ୍ଥଳଭାଗରେ ମଧ୍ୟ ରହନ୍ତି।
- ଦୁଇ-ତୃତୀୟାଂଶ ପେଙ୍ଗୁଇନ୍ ପ୍ରଜାତିଙ୍କୁ ସଂକଟଗ୍ରସ୍ତ ବୋଲି ଘୋଷଣା କରାଯାଇଛି।
- ଗାଲାପାଗୋସ୍ ପେଙ୍ଗୁଇନ୍ ଏକମାତ୍ର ପେଙ୍ଗୁଇନ୍ ପ୍ରଜାତି ଯାହା ସ୍ୱାଭାବିକ ଭାବରେ ଭୂମଧ୍ୟରେଖାର ଉତ୍ତରରେ ଯାତ୍ରା କରନ୍ତି।

# କୁଲ୍ ରୁଫ୍ ଟେକ୍ନିକ୍

ବର୍ତ୍ତମାନ ଦିଲ୍ଲୀରେ ବସ୍ ଟର୍ମିନାଲ୍ ଓ ସରକାରୀ ବିଲ୍ଡିଂରେ କୁଲ୍ ରୁଫ୍ ଟେକ୍ନିକ୍‌ର ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଟେକ୍ନିକ୍ କାରଣରୁ ଗରମ ଦିନରେ ଯାତ୍ରୀ ଓ ଅଫିସ୍‌ଗୁଡ଼ିକରେ କାମ କରୁଥିବା କର୍ମଚାରୀମାନେ ପ୍ରଚଣ୍ଡ ଖରାରେ ମଧ୍ୟ ଥଣ୍ଡା ଅନୁଭବ କରିବେ। କୁଲ୍ ରୁଫ୍ ଟେକ୍ନିକ୍‌ରେ ଛାତକୁ ଏହିଭଳି ଭାବରେ ନିର୍ମାଣ କରାଯାଇଥାଏ ଯେପରି ସୂର୍ଯ୍ୟଙ୍କ ପ୍ରକାଶର ଅଧିକାଂଶ ମାତ୍ରାକୁ ଏହା ପରିବର୍ତ୍ତିତ ବା ରିଫ୍ଲେକ୍ଟ କରିପାରିବ। ଏହିଭଳି ଭାବରେ ସୂର୍ଯ୍ୟାଲୋକ କାରଣରୁ ହେଉଥିବା ଗରମକୁ ଛାତ ଅବଶୋଷିତ କରିବ ନାହିଁ ଓ ବିଲ୍ଡିଂର ତାପମାତ୍ରା କମ୍ ରହିବ। ଏହି ଟେକ୍ନିକ୍ ସାମାନ୍ୟ ଛାତଗୁଡ଼ିକ ତୁଳନାରେ କମ୍ ଗରମକୁ ଅବଶୋଷିତ କରେ ଯେଉଁ କାରଣରୁ ପୂରା ବିଲ୍ଡିଂରେ କମ୍ ଗରମ ଅନୁଭୂତ ହୁଏ। କୁଲ୍ ରୁଫ୍ ଟେକ୍ନିକ୍‌ରେ ଛାତଗୁଡ଼ିକରେ ରିଫ୍ଲେକ୍ସନ୍ ପାଇଁ ବିଶେଷ ମ୍ୟାଟେରିଆଲ୍‌ର ବ୍ୟବହାର କରାଯାଇଥାଏ ଯାହା ସୂର୍ଯ୍ୟାଲୋକରେ ଥିବା ଅତି ବାଇଗଣି କିରଣକୁ ପରିବର୍ତ୍ତିତ କରିବାରେ ସକ୍ଷମ ହୋଇଥାଏ। କୁଲ୍ ରୁଫ୍ ଟେକ୍ନିକ୍‌ରେ ହାଇ ଟେମ୍ପରେଚର୍ ରିଫ୍ଲେକ୍ଟ ହୋଇଥାଏ ଯାହା ଅବଶୋଷିତ ଗରମକୁ ଦ୍ରୁତଗତିରେ ଛାଡ଼ିଦିଏ। ଏହି କାରଣରୁ ଏହା ପାରମ୍ପରିକ ଛାତଗୁଡ଼ିକ ତୁଳନାରେ ଥଣ୍ଡା ରହିପାରେ। ତେବେ ସାଧାରଣ ଛାତକୁ କୁଲ୍ ରୁଫ୍ କରିବା ପାଇଁ ଫାଇବରଗ୍ଲାସ୍ ଓ୍ୱେବ୍‌ରେ ନିର୍ମିତ ଡାମର ସିଂଗଲ୍‌ର ବ୍ୟବହାର କରାଯାଏ। ଏଥିରେ ଫାଇବରଗ୍ଲାସ୍ ଉପରେ ସିରେମିକ୍‌ର କୋଟିଂ କରାଯାଏ ଯାହା ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଗରମ କିରଣକୁ ରିଫ୍ଲେକ୍ଟ କରିଦିଏ। ଏହା ବ୍ୟତୀତ କେତେକ ସ୍ଥାନରେ କାଠର ସିଂଗଲ୍, ପଲିମର୍ ସିଂଗଲ୍, ମାଟିରେ ନିର୍ମିତ ଟାଇଲ୍, କଂକ୍ରିଟ୍ ଟାଇଲ୍, ସ୍ଲେଟ୍ ଟାଇଲ୍‌ଗୁଡ଼ିକର ବ୍ୟବହାର କରାଯାଏ।



# ଘରକୁ ଫେରିବେ ଦୁଇଟି ଶୋ’ !

୧୯ ବର୍ଷ ପୂର୍ବରୁ ସୋନି ଟିଭିରେ ଅଭିନେତା ଅର୍‌ଶାଦ ଓ୍ୱାର୍‌ସୀଙ୍କ ସହିତ ‘ବିଗ୍ ବସ୍’ର ପ୍ରଥମ ସିଜିନ ଅନ୍‌ଏୟାର୍ ହୋଇଥିଲା। କିନ୍ତୁ ପ୍ରଥମ ସିଜିନରେ ଶୋ’କୁ ମିଳିଥିବା ସଫଳତା ପରେ ଏହି ରିୟଲିଟି ଶୋ’କୁ କଲର୍ସ ଟିଭିକୁ ସିଫ୍ଟ କରିଦିଆଯାଇଥିଲା। ରିୟଲିଟି ଶୋ’ ‘ଖତରୋଁ କି ଖିଲାଡ଼ି’ ସହିତ ମଧ୍ୟ ଏହିପରି କିଛି ହୋଇଥିଲା। ‘ଫିଅର୍ ଫ୍ୟାକ୍ଟର ଇଣ୍ଡିଆ’ ନାମରେ ଆରମ୍ଭ ହୋଇଥିବା ଏହି ଶୋ’ର ପ୍ରଥମ ସିଜିନ ସୋନି ଟିଭିରେ ଅନ୍‌ଏୟାର୍ ହୋଇଥିଲା ଓ ପରେ ଏହାର ନାମ ପରିବର୍ତ୍ତନ କରାଯାଇ ‘ଫିଅର୍ ଫ୍ୟାକ୍ଟର-ଖତରୋଁ କି ଖିଲାଡ଼ି’ ନାମ ସହିତ ନୂଆ ଚ୍ୟାନେଲ୍ ଅର୍ଥାତ କଲର୍ସ ଟିଭିରେ ପ୍ରସାରଣ କରାଯାଇଥିଲା। ତେବେ ପାଖାପାଖି ଦୁଇ ଦଶକ ପରେ ଏହି ଦୁଇଟି ରିୟଲିଟି ଶୋ’ ପୁଣି ଥରେ ଘରକୁ ଫେରୁଛନ୍ତି ଅର୍ଥାତ ସୋନି ଟିଭିରେ ପ୍ରସାରିତ ହେବାର ଖବର ଖୁବ୍ ଭାଇରାଲ୍ ହେଉଛି। ରିୟଲିଟି ଶୋ’କୁ ନେଇ ସୋନି ଟିଭିର ରହିଛି ଏକ ଭିନ୍ନ ପରିଚୟ। ଦୁଇ ବର୍ଷ ପୂର୍ବରୁ ‘ଝଲକ୍ ଦିଖ୍‌ଲା ଯା’ ଓ ‘ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ’ ପରି ଦୁଇଟି ବଡ଼ ଶୋ’ ସୋନି ଟିଭିକୁ ସିଫ୍ଟ ହୋଇଥିଲେ। ଏହି ଦୁଇଟି ଶୋ’ ମଧ୍ୟରୁ ଝଲକ୍ ଦିଖ୍‌ଲା ଯା, ସୋନି ଟିଭିରୁ ଆରମ୍ଭ ହୋଇଥିଲା। କିନ୍ତୁ ଏହାର ଚାରିଟି ସିଜିନ ପରେ ଏହା କଲର୍ସ ଟିଭି ଆଡ଼କୁ ଆକର୍ଷିତ ହୋଇଥିଲା। ତେବେ ବିଗତ ଦୁଇ ବର୍ଷ ହେଲାଣି ‘ବିଗ୍ ବସ୍’ କଲର୍ସ ଟିଭିକୁ ଛାଡ଼ି ଅନ୍ୟ କୌଣସି ଚ୍ୟାନେଲ୍‌କୁ ଶିଫ୍ଟ ହେବା ଖବର ଶୁଣିବାକୁ ମିଳୁଥିଲା। ତେଣୁ ଷ୍ଟାର୍ ପ୍ଲସ୍ ଏହି ଶୋ’କୁ ନେବା ପାଇଁ ଚେଷ୍ଟା କରୁଛି। ରେଟିଂ ଓ ରାଙ୍କିଙ୍ଗ୍ କଥା ଯଦି ଆସେ ତେବେ ଉପରୋକ୍ତ ଦୁଇଟି ଶୋ’ ପାଇଁ ଷ୍ଟାର୍ ପ୍ଲସ୍ ଲାଭକାରୀ ପ୍ରମାଣିତ ହୋଇପାରେ। କାରଣ ଏହା ଏବେ ନମ୍ବର ଓ୍ୱାନ ଚ୍ୟାନେଲ୍ ଭାବରେ ରହିଥିବା ବେଳେ ରାଙ୍କିଙ୍ଗ୍ ଚାଟ୍‌ରେ ଶେଷ ନମ୍ବରରେ ରହିଛି ସୋନି ଟିଭି।



# ଭୋଜପୁରୀ ସିନେମାର ଶାହାରୁଖ ଖାନ



ସିନେମା ଜଗତରେ ଭୋଜପୁରୀ ସିନେମାର ରହିଛି ସ୍ୱତନ୍ତ୍ର ସ୍ଥାନ। ସେଠାରେ ମନୋଜ ତିଓ୍ୱାରୀ ଓ ରବି କିଷନଙ୍କ ପରି ଅନେକ ବଡ଼ ବଡ଼ କଳାକାରଙ୍କ ନାମ ରହିଛି ଯେଉଁମାନଙ୍କର ଅଛି ଲମ୍ବା ପ୍ରଶଂସକଙ୍କ ଧାଡ଼ି। କିନ୍ତୁ ଆଜିର ସମୟରେ ପବନ ସିଂହ, ଖେସାରୀ ଲାଲ୍ ଯାଦବ ଓ ଦିନେଶ ଲାଲ୍ ଯାଦବଙ୍କର ଡିମାଣ୍ଡ ଅଧିକ ଥିବାର ମନେହୁଏ। ଯେଉଁଭଳି ଭାବରେ ରବି କିଷନଙ୍କୁ ଭୋଜପୁରୀ ସିନେମାର ଅମିତାଭ ବଚ୍ଚନ ବୋଲି କୁହାଯାଏ ସେହିପରି ପବନ ସିଂହଙ୍କୁ ସଲମାନ ଖାନ ବୋଲି କୁହାଯାଏ। କିନ୍ତୁ ଭୋଜପୁରୀ ଇଣ୍ଡଷ୍ଟ୍ରିର ଶାହାରୁଖ ଖାନ କିଏ ବୋଲି ଏକ ପ୍ରଶ୍ନର ଉତ୍ତରରେ ପବନ ସିଂହ, ଦିନେଶ ଲାଲଙ୍କୁ ଶାହାରୁଖ ଖାନ ବୋଲି କହିଛନ୍ତି। ଏହାର କାରଣ ତାଙ୍କ ପରି ରୋମାଣ୍ଟିକ ସିନ୍ କେହି କରିପାରନ୍ତି ନାହିଁ। ତେବେ ଏହା ଶୁଣିବା ପରେ ଦିନେଶ ଲାଲ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହା ପବନ ସିଂହଙ୍କର ବଡ଼ପଣ ଯେ ମୋତେ ବଲିଉଡ୍‌ର କିଙ୍ଗ୍ ଶାହାରୁଖ ଖାନଙ୍କ ସହିତ ତୁଳନା କରିଛନ୍ତି। କିନ୍ତୁ ପବନ ସିଂହ ନିଜେ ମଧ୍ୟ ଜଣେ ଶକ୍ତିଶାଳୀ ଓ ପ୍ରତିଭାବାନ କଳାକାର। ତେଣୁ ଯେଉଁଭଳି ଭାବରେ ସେ କାମ କରୁଛନ୍ତି ଭୋଜପୁରୀ ସିନେମାର ଅସଲ କିଙ୍ଗ୍ ହେଉଛନ୍ତି ପବନ ସିଂହ ବୋଲି କହିଛନ୍ତି ଦିନେଶ ଲାଲ୍। ତେବେ ଏହି ଦୁଇ ଜଣ କଳାକାର ୨୦୦୮ରେ ଫିଲ୍ମ ‘ପ୍ରତିଜ୍ଞା’ରେ ଏକା ସହିତ କାମ କରିଥିଲେ। ଏହାପରେ ଅନ୍ୟ କେତୋଟି ଫିଲ୍ମରେ ମଧ୍ୟ ଏମାନଙ୍କୁ ଦେଖିବାକୁ ମିଳିଥିଲା ଓ ଭୋଜପୁରୀ ସିନେମାରେ ଏହି କଳାକାରମାନଙ୍କ କାମକୁ ଦର୍ଶକମାନେ ଖୁବ୍ ପସନ୍ଦ କରୁଛନ୍ତି। କୌଣସି ଇଭେଣ୍ଟ୍‌ରେ ଏମାନେ ପରସ୍ପରର ପ୍ରଶଂସା କରୁଥିବାର ପ୍ରାୟତଃ ଦେଖିବାକୁ ମିଳେ। ତେଣୁ ଆଜି ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରେ କୌଣସି ମତଭେଦ ଥିବାର ଖବର ଶୁଣିବାକୁ ମିଳିନାହିଁ।



# ବିଶ୍ୱ ମ୍ୟାଲେରିଆ ଦିବସ

ଏହା ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ। ପରଜୀବୀ ମାଦା ଆନୋଫିଲିସ୍ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ଏହା ଏକ ଗମ୍ଭୀର ଓ ଜୀବନହାନି ରୋଗ। ପ୍ରତିବର୍ଷ ୨୦୦ କୋଟି ଲୋକଙ୍କୁ ଏହା ନିଜ ନିୟନ୍ତ୍ରଣ ମଧ୍ୟକୁ ନେଇଥାଏ। ପ୍ଲାସ୍ମୋଡିୟମ୍ ପରଜୀବୀ ଏକ ଜଟିଳ ଜୀବନଚକ୍ର ପ୍ରାପ୍ତ କରିଥାନ୍ତି ଯାହାର ପରିଣାମସ୍ୱରୂପ ସମୟ ସମୟରେ ଜ୍ୱର ଆସେ। ଏହା ଏକକୋଷିକୀୟ ଜୀବମାନଙ୍କର ଏକ ସମୂହ। କିନ୍ତୁ ମ୍ୟାଲେରିଆ ମାମଲାରେ ଅଧିକାଂଶ ରୋଗୀ ଉପଚାର ପରେ ମ୍ୟାଲେରିଆ ଲକ୍ଷଣରୁ ଶୀଘ୍ର ଠିକ୍ ହୋଇଯାଆନ୍ତି କିନ୍ତୁ ଉପଚାରରେ ବିଳମ୍ବ ହେଲେ ଗମ୍ଭୀର ପରିଣାମ ଭୋଗ କରିବାକୁ ପଡ଼େ। ମ୍ୟାଲେରିଆର ଲକ୍ଷଣରେ ଜ୍ୱର ଆସିବା ସହିତ ଥଣ୍ଡା ଲାଗିବାର ସମସ୍ୟା ଏକ ସାଧାରଣ ଲକ୍ଷଣ। ମ୍ୟାଲେରିଆ ପରଜୀବୀ ଶରୀରରେ ପ୍ରବେଶ କରିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିପାରନ୍ତି। ସେଥିପାଇଁ ଅନେକ ସମୟରେ ଏହାର ଲକ୍ଷଣ ଜଣାପଡ଼ିବାରେ ବିଳମ୍ବ ହୋଇପାରେ। ତେଣୁ ସମୟ ଥାଉ ଥାଉ ରୋଗର ଚିକିତ୍ସା ପ୍ରାପ୍ତ କରିବା ଉଚିତ। କମ୍ପ ଆସିବା, ମୁଣ୍ଡବିନ୍ଧା, ବାନ୍ତି ଲାଗିବା, ପେଟ ଓ ମାଂସପେଶୀରେ ବ୍ୟଥା, ମଳରେ ରକ୍ତ ଆସିବାର ସମସ୍ୟା ଦେଖାଦିଏ। ସଂକ୍ରମିତ ମଶାଗୁଡ଼ିକରେ ପ୍ଲାସ୍ମୋଡିୟମ୍ ପରଜୀବୀ ଅଟନ୍ତି। ଯେତେବେଳେ ଏହି ମଶା କାମୁଡ଼େ ପରଜୀବୀ ବ୍ୟକ୍ତିର ଶରୀରର ରକ୍ତରେ ମିଶିଯାଆନ୍ତି। ଏହି ପରଜୀବୀ ଲିଭର୍‌ରେ ପହଞ୍ଚି ନୂଆ ପରଜୀବୀ ସୃଷ୍ଟି କରନ୍ତି। ଏହାପରେ ପରିପକ୍ୱ ପରଜୀବୀମାନେ ରକ୍ତପ୍ରବାହରେ ପ୍ରବେଶ କରି ଓ ଲାଲ୍ ରକ୍ତ କୋଷିକାଗୁଡ଼ିକୁ ସଂକ୍ରମିତ କରିବା ଆରମ୍ଭ କରିଦିଅନ୍ତି। ସଂକ୍ରମଣ ପରେ ଏହାର ଲକ୍ଷଣ ଦେଖାଯିବା ପାଇଁ ୧୦-୧୫ ଦିନର ସମୟ ଲାଗିପାରେ। ମ୍ୟାଲେରିଆର ସଂକ୍ରମଣ ବର୍ଷା ଦିନରେ ଅଧିକ ହୁଏ କିନ୍ତୁ ଏହା ଅନ୍ୟ ଋତୁରେ ମଧ୍ୟ ଲୋକମାନଙ୍କୁ ଆକ୍ରାନ୍ତ କରିଥାଏ। ତେବେ ଏହାର ଉପଚାରରେ ରକ୍ତ ପରୀକ୍ଷାର ଆବଶ୍ୟକତା ରହିଛି। ଡାକ୍ତରମାନଙ୍କ ପରାମର୍ଶରେ ଏହାର ଔଷଧର କୋର୍ସ ପୂରା କରିବା ଉଚିତ। ଲକ୍ଷଣ କମ୍ ନହେବା ପର୍ଯ୍ୟନ୍ତ ଔଷଧ ସେବନ କରିବା ଆବଶ୍ୟକ।

# ହୋଲିଷ୍ଟିକ୍ ଚିକିତ୍ସା

ବ୍ରିଟ୍‌ନୀ ବ୍ଲାଣ୍ଟ୍ ନାମକ ୪୧ ବର୍ଷୀୟା ଜଣେ ମହିଳା ଆଶ୍ଚର୍ଯ୍ୟ କରିବା ପରି ତଥ୍ୟ ଦେଇଛନ୍ତି। ସେ ବିଗତ କେତେ ବର୍ଷ ହେଲାଣି ସାବୁନ, ଟୁଥପେଷ୍ଟ, ଶାମ୍ପୁ ଓ ଡିଓ ପର୍ଯ୍ୟନ୍ତ ସବୁ ଜିନିଷର ବ୍ୟବହାର କରିବା ବନ୍ଦ କରିଦେଇଛନ୍ତି। ବ୍ରିଟ୍‌ନୀ ପେସାରେ ଜଣେ ନର୍ସ ଓ ତାଙ୍କର ତିନୋଟି ପିଲା ଅଛନ୍ତି। ୨୦୧୫ରେ ତାଙ୍କର ଅଚାନକ ଓଜନ ବୃଦ୍ଧି ହୋଇଗଲା ଓ ବିଭିନ୍ନ ପ୍ରକାରର ସମସ୍ୟା ଦେଇ ସେ ଗତି କଲେ। ତାଙ୍କର ଦୁଇଟି ମେଜର ଅପରେସନ୍ ହେବା ପରେ ମଧ୍ୟ ସମସ୍ୟାରୁ ସେ ନିସ୍ତାର ପାଇଲେ ନାହିଁ। ୨୦୨୩ରେ ସେ ଜାଣିବାକୁ ପାଇଲେ ଯେ ଏହଲର୍ସ-ଡାନଲସ୍ ସିଣ୍ଡ୍ରୋମ୍



ଦ୍ୱାରା ସେ ଆକ୍ରାନ୍ତ ହୋଇଛନ୍ତି ଯେଉଁ କାରଣରୁ ତାଙ୍କ ଶରୀର ଦିନକୁ ଦିନ ଶେଷ ହେବାକୁ ଯାଉଛି। ଏଲୋପାଥି ଔଷଧର ବ୍ୟବହାର କରି ବିଫଳ ହୋଇଥିବା ବ୍ରିଟ୍‌ନୀ ଏହିଠାରୁ ନିଜ ଜୀବନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ। ସେ ହୋଲିଷ୍ଟିକ୍ ଚିକିତ୍ସାକୁ ଆପଣାଇ ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ଜିନିଷଗୁଡ଼ିକ ଉପରେ ଭରସା କରିବାକୁ ଲାଗିଲେ। ବ୍ୟବହାର କରୁଥିବା ସମସ୍ତ ରସାୟନଯୁକ୍ତ ଉତ୍ପାଦଗୁଡ଼ିକୁ ସେ ବନ୍ଦ କରିଦେବା ପରେ ସେ ଶାମ୍ପୁ ସ୍ଥାନରେ ସୋଡ଼ା ଓ ସିର୍‌କା, ଟୁଥ୍‌ପେଷ୍ଟ ବଦଳରେ ଘରେ ତିଆରି କରିଥିବା ମଞ୍ଜନ ଓ ଡିଓ ବଦଳରେ ମ୍ୟାଗ୍ନେସିୟମ୍‌ରୁ ତିଆରି ଡିଓର ବ୍ୟବହାର କରୁଛନ୍ତି। ଏହାପରେ ତାଙ୍କ ଜୀବନରେ ଆସିଛି ସକାରାତ୍ମକ ପରିବର୍ତ୍ତନ। ତାଙ୍କର ଦାନ୍ତ ମଜଭୁତ ହୋଇଛି, କେଶ ସୁସ୍ଥ ଓ ଘନ ହୋଇଛି ଓ ଶରୀରରୁ ମଧ୍ୟ କୌଣସି ପ୍ରକାରର ଦୁର୍ଗନ୍ଧ ଆସୁନାହିଁ। ଏବେ ସେ ଲୋକମାନଙ୍କୁ ଏ ସମ୍ପର୍କରେ କହିବା ସହିତ ନିଜର ହୋଲିଷ୍ଟିକ କେୟାର୍ ବ୍ରାଣ୍ଡ୍ ଖୋଲିଛନ୍ତି।

ତେବେ ହୋଲିଷ୍ଟିକ୍ ଚିକିତ୍ସା ପଦ୍ଧତିକୁ ସମଗ୍ର ଉପଚାର ବୋଲି ମଧ୍ୟ କୁହାଯାଏ। ଏହା ଏପରି ଏକ ଦୃଷ୍ଟିକୋଣ ଯାହା ଶରୀର, ମନ ଓ ଆତ୍ମାକୁ ଏକା ସହିତ ଯୋଡ଼ି ସ୍ୱାସ୍ଥ୍ୟକୁ ଆହୁରି ଉନ୍ନତମାନର କରାଇଥାଏ। ଏହି ଦୃଷ୍ଟିକୋଣ ବ୍ୟକ୍ତିର ଶାରୀରିକ, ମାନସିକ, ଭାବନାତ୍ମକ ଓ ଆଧାତ୍ମିକ ଆବଶ୍ୟକତାଗୁଡ଼ିକୁ ଏକା ସହିତ ସମ୍ବନ୍ଧିତ କରାଇଥାଏ। ଏଥିରେ ସାଧାରଣତଃ ପ୍ରାକୃତିକ ଓ ସୁରକ୍ଷିତ ଉପଚାର ବିଧିଗୁଡ଼ିକର ବ୍ୟବହାର କରାଯାଏ ଯଥା-ଯୋଗ, ଧ୍ୟାନ, ମାଲିସ୍ ଓ ହର୍ବାଲ୍ ଉପଚାର ଆଦି।

# ଜାତୀୟ ପଞ୍ଚାୟତିରାଜ ଦିବସ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ଆଜି ସାରା ଦେଶ ତଥା ରାଜ୍ୟରେ ଜାତୀୟ ପଞ୍ଚାୟତି ରାଜ ଦିବସ ପାଳନ କରାଯାଉଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ମହିଷାପାଟ ସ୍ଥିତି ପଲ୍ଲିଶ୍ରୀ ମେଳା ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଗୃହ ଓ ନଗର କାର୍ଯ୍ୟକାରିତା ଓ ଦେଶର ସାମୂହିକ ବିକାଶ ପାଇଁ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥା ଯୋଗୁଁ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ



ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। ତୃଣମୂଳ ସ୍ତରରୁ ସମସ୍ତଙ୍କର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଇ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ସମସ୍ତ ପ୍ରକାର ସେବା ଦେବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଢେଙ୍କାନାଳର ଐତିହ୍ୟ, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ କ୍ଷେତ୍ର, କୃଷି, ଉଦ୍ୟାନ କ୍ଷେତ୍ରରେ ପ୍ରସିଦ୍ଧି ରହିଛି ବୋଲି ପ୍ରକାଶ କରିଥିଲେ। ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗର ମାନ୍ୟବର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ହର୍ଷବର୍ଦ୍ଧନ ସିଂହଦେଓ, ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ କାଳନ୍ଦି ଚରଣ ବାରିକ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା, ଏହାର ସମ୍ଭବ ହୋଇପାରିଛି କହିଥିଲେ। ସଂପୃକ୍ତ ଅଧିକାରୀମାନଙ୍କ ପୂର୍ଣ୍ଣ ସହଯୋଗ ଦ୍ୱାରା ଜିଲ୍ଲାରେ ସୁଭଦ୍ରା ଯୋଜନା ଓ ଆୟୁଷ୍ମାନ ଯୋଜନା ସଫଳତାର ସହ କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି। ଜିଲ୍ଲାର ୧୫,୪୦୦ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲାର ୧୫ଟି ଅଗ୍ରଣୀ ଗ୍ରାମ ପଞ୍ଚାୟତକୁ ଆର୍ଥିକ ସହାୟତା ରାଶି ପ୍ରଦାନ, ହିତାଧିକାରୀଙ୍କୁ ପ୍ରତିମାତ୍ମକ ରାସନ କାର୍ଡ ଏବଂ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିପ୍ତି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜମ୍ମୁ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀଙ୍କ ହାମଲାରେ ମୃତକ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘୨୦୩୬ରେ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବ’

**ଜଗତସିଂହପୁର,୨୪।୪/ଏନ୍ଏନ୍ଏସ୍:** ଗୁରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତି ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ବସ୍ତ୍ରଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ଯାଇ ବିକାଶ କରାଯାଉଛି। ଏଥି ନିମନ୍ତେ କେନ୍ଦ୍ର ସରକାର ପ୍ରତ୍ୟେକ ପଞ୍ଚାୟତର ବିକାଶ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଯୋଗାଇଛନ୍ତି। ଏଥି ସହିତ ମହିଳାମାନଙ୍କ ବିକାଶହେଲେ ପରିବାର ବିକାଶ ହେବ। ଚାଷୀଙ୍କ ଆୟ ଦ୍ୱିଗୁଣିତ ହେଲେ ଦେଶର ବିକାଶ ହୋଇ ପାରିବ ବୋଲି ସୂଚନା ଦେଇଥିଲେ। ଜଗତସିଂହପୁର ଯୁବ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ, ଭାରତ ବର୍ଷ ବିଶ୍ୱ ଅର୍ଥନୀତିରେ ୫ମ ସ୍ଥାନ ଅଧିକାର କରିଛି। ଅର୍ଥନୀତି ସୁଦୃଢ଼ କରିବା ପାଇଁ



ଯୋଜନା ପହଞ୍ଚାଇ, ସମସ୍ତଙ୍କ ସହଯୋଗରେ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ଉନ୍ନତି ହେଲେ, ପରିବାର, ଗାଁ, ପଞ୍ଚାୟତ, ବ୍ଲକ, ଜିଲ୍ଲା ତଥା ରାଜ୍ୟର ଉନ୍ନତି ହେବ। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ସାଂସଦ ଡ. ବିଭୂ ପ୍ରସାଦ ତରାଇ ଯୋଗଦେଇ ଆଜି ସାରା ଦେଶର ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିଆଯାଇ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ସରକାରଙ୍କ ଉତର ଦାୟୀତ୍ୱ ହେଉଛି ଦେଶର ବିକାଶ କରିବା। ପଞ୍ଚାୟତକୁ ଏକ ୟୁନିଟ୍ ଭାବେ ନିଆ ହେଲେ ମା’ ମାନଙ୍କର ଅର୍ଥନୀତିକୁ ପ୍ରଥମେ ସୁଦୃଢ଼ କରିବା ଆବଶ୍ୟକ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଜିଲ୍ଲାପାଳ ଶ୍ରୀ ସୋନାଲ ପଞ୍ଚାୟତରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ଅତିଥିମାନେ ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୁଜଙ୍ଗ ବ୍ଲକର ନୁଆଗଡ ପଞ୍ଚାୟତ ଓ ଏରସମା ବ୍ଲକର ଏରସମା ପଞ୍ଚାୟତର ସରପଞ୍ଚଙ୍କୁ ୩ଲକ୍ଷ ୮୬ ହଜାର ୪୭୩ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ୫ଜଣ ଲକ୍ଷପତି ଦିଦିଙ୍କୁ ପୁରସ୍କାର ଓ ଜିଲ୍ଲାର ୫ଟି ପଞ୍ଚାୟତକୁ ଗୋଷ୍ଠୀ ବିନିମୟ ପାଣ୍ଠି ମାଧ୍ୟମରେ ୩୫ଲକ୍ଷ ଟଙ୍କା ପ୍ରଦାନ କରା ଯାଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ଆସନ୍ତା ୪ ବର୍ଷ ଭିତରେ କେହି ଭୂମିହୀନ ରହିବେ ନାହିଁ: ମନ୍ତ୍ରୀ

**କେନ୍ଦ୍ରାପଡ଼ା,୨୪।୪/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୫ର ଶୁଭ ଉଦ୍‌ଘାଟନ କରିଥିଲେ। ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କେନ୍ଦ୍ରାପଡ଼ା ଜିଲ୍ଲାର ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଓ ଆଠଟି ବ୍ଲକ ପରିସରରେ ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଲୋକତନ୍ତ୍ରରେ ପଞ୍ଚାୟତିରାଜର ଗୁରୁତ୍ୱ ମହତ୍ୱପୂର୍ଣ୍ଣ ଓ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ



ବ୍ୟବସ୍ଥାର ସୁଫଳ ଆଜି ଲୋକମାନେ ପାଇପାରୁଛନ୍ତି। ବିଜେପି ସରକାର ଲୋକମାନଙ୍କର ଓ ଲୋକମାନେ ହିଁ ଆଜିର ସରକାରରେ ମାଲିକ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଲୋକମାନଙ୍କ ନିକଟରେ ମୌଳିକ ସୁବିଧା ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରି ଯୋଜନାଗଡ଼ିକୁ ପହଞ୍ଚାଇବା ନିମନ୍ତେ ସମସ୍ତଙ୍କର ସହଯୋଗ ସେ କାମନା କରିଥିଲେ। ଆଗାମୀ ୪ ବର୍ଷ ଭିତରେ ଗରିବ ଭୂମିହୀନ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ୪ ଡେସିମିଲ ଜାଗା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ ଓ ୨୦୩୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ଇ-ପଞ୍ଚାୟତ ସଭା ଓ ପିପିଏମ୍ଏସ୍ ପୋର୍ଟାଲର ଉନ୍ମୋଚନ, ପଞ୍ଚାୟତ ମନିଟରିଂ ସିଷ୍ଟମ (ପୋର୍ଟାଲ ଓ ମୋବାଇଲ ଆପ)ର ଶୁଭାରମ୍ଭ କରାଯାଇଥିଲା। ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ପ୍ରଦାନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଥିବା ବେଳେ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ମନ୍ତ୍ରୀ ୧୨ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ଅନ୍ତ୍ୟୋଦୟ ଯୋଜନାରେ ୪ ଜଣଙ୍କୁ ବାସଗୃହ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍ତମ କାର୍ଯ୍ୟଦକ୍ଷତା ଓ ନିଜସ୍ୱ ଆୟ ବୃଦ୍ଧି କରିଥିବା ଆଧାରରେ ପଞ୍ଚାୟତଗୁଡ଼ିକୁ କ, ଖ ଓ ଗ ବର୍ଗୀକରଣ କରାଯାଇ କେନ୍ଦ୍ରାପଡ଼ା ଜିଲ୍ଲାର ୨୨ ଗୋଟି ଗ୍ରାମ ପଞ୍ଚାୟତକୁ ପଞ୍ଚମ ରାଜ୍ୟଅର୍ଥ ଆୟୋଗ (ଏସଏଫସି) ପକ୍ଷରୁ ପ୍ରଦାନ କରିବାକୁ ଥିବା ପ୍ରୋତ୍ସାହନ ରାଶି ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ମନ୍ତ୍ରୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ମୁଖ୍ୟ ଅତିଥି ଶୁଭାରମ୍ଭ କରିବା ପରେ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ରାଜ୍ୟ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟନ, ରାଜସ୍ୱ ଆଦାୟ, ପର୍ଯ୍ୟଟନ ଓ ଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଜନ ଶୁଣାଣିରେ ଅଭିଯୋଗଗୁଡିକର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାସ୍ତରୀୟ ଓ ମଣ୍ଡଳସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ଜିଲ୍ଲା ପରିଷଦ ଓ ପଞ୍ଚାୟତର ସଭ୍ୟ/ସଭ୍ୟା, ସରପଞ୍ଚ, ୱାର୍ଡ ମେମ୍ବର, ନୂତନ ରାସନକାର୍ଡ ଯୋଗ୍ୟ ହିତାଧିକାରୀ, ଦଳୀୟ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଏନ୍କାଉଣ୍ଟରରେ ଅପରାଧୀ ହୁଣ୍ଡ ଆହତ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ଢେଙ୍କାନାଳରେ ପୁଲିସର ଏନ୍କାଉଣ୍ଟରରେ କୁଖ୍ୟାତ ଅପରାଧୀ ହୁଣ୍ଡ ଓରଫ ଦେବାଶିଷ ବେହେରାକୁ ଆହତ। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ସାଉଁଳିଆ ଜଙ୍ଗଲରେ ପୁଲିସ ଏହି ଏନକାଉଣ୍ଟର କରିଛି। ହୁଣ୍ଡର ଡାହାଣ ଗୋଡ଼ରେ ଲାଗିଛି ଗୁଳି । ହୁଣ୍ଡକୁ ଗୁରୁତର ଅବସ୍ଥାରେ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଏସସିବିକୁ ସ୍ଥାନାନ୍ତରିତ କରାଯାଇଛି। ଆଜି ଭୋର ପ୍ରାୟ ସାଢ଼େ ୪ଟା ସମୟରେ ଏହି ଏନକାଉଣ୍ଟର କରାଯାଇଛି। ହୁଣ୍ଡ ‘କିଙ୍ଗ ଅଫ ଫରେଷ୍ଟ’ ଗ୍ୟାଙ୍ଗର ସଦସ୍ୟ ଓ କାମାକ୍ଷାନଗର ଅଞ୍ଚଳର କୁଖ୍ୟାତ ଅପରାଧୀ ରାକେଶ ନାଥର ପ୍ରମୁଖ ସହଯୋଗୀ। ଠିକାଦାରମାନଙ୍କୁ ବୋମା ଓ ଗୁଳିମାଡ଼ ମାଧ୍ୟମରେ ଭୟଭୀତ କରାଇ ବଟି ଆଦାୟ, ଡକାୟତି, ରାହାଜାନୀ, ଗୁଳିକାଣ୍ଡ, ହତ୍ୟା ଓ ଅପହରଣ ଆଦି ବିଭିନ୍ନ ଥାନାରେ ହୁଣ୍ଡ ନାମରେ ରହିଛି ୧୮ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା। ଏପରିକି ବିଭିନ୍ନ ଅପରାଧିକ ମାମଲାରେ ପୁଲିସର ସ୍କାନରେ ରହିଥିଲା ହୁଣ୍ଡ। ତେବେ ସଦର ଥାନା ଅନ୍ତର୍ଗତ କାଙ୍କଡ଼ପାଳ ଅଞ୍ଚଳରେ ହୁଣ୍ଡ ତାର ସହଯୋଗୀ ଲିପନ ସମେତ କିଛି ସହଯୋଗୀଙ୍କୁ ନେଇ ଗତ ବିଳମ୍ବିତ ରାତିରେ ଏକ ହତ୍ୟା ଯୋଜନା କରୁଥିଲା। ତେବେ ଖବର ପାଇ



ସଦର ପୁଲିସ ଚଢ଼ାଉ କରିଥିଲା। ମାତ୍ର ଅପରାଧୀ ହୁଣ୍ଡ ଖସି ପଳାଇବା ବେଳେ ଉଭୟ ସଦର ଓ ଟାଉନ ପୁଲିସ ତା’ର ପିଛା କରିଥିଲେ। ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳରେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲା ହୁଣ୍ଡ। ପୁଲିସ ଉପରକୁ ହୁଣ୍ଡ ଗୁଳି ଚାଳନା କରିଥିବା ବେଳେ ଏହାର ଜବାବରେ ପୁଲିସ ପାଲଟା ଗୁଳିଚାଳନା କରିଥିଲା । ଫଳରେ ପୁଲିସ୍ ଗୁଳିରେ ହୁଣ୍ଡ ଆହାତ ହୋଇଥିଲା। ଏହି ଘଟଣାରେ ହୁଣ୍ଡ ସହିତ ଥିବା ଅନ୍ୟଅପରାଧୀ ବାଇକ୍‌ରେ ଖସି ପଳାଇଥିବା ପୁଲିସ ସୂଚନାରୁ ଜଣାପଡିଛି। ଏହି ଘଟଣା ପରେ ପୂର୍ବାହ୍ନରେ ପୁଲିସ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବମ୍‌ସ୍କ୍ୱାର୍ଡ ମାଧ୍ୟମରେ ଯାଞ୍ଚ କରିଛି। ଘଟଣା ସ୍ଥଳରୁ ହୁଣ୍ଡର ପିସ୍ତଲ ଓ ଏକ ଫୁଟନ୍ତା ଗୁଳିର ଖୋକା ଜବତ କରି ପରୀକ୍ଷା ପାଇଁ ପଠାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ନାବାଳିକା ଅପହରଣ ଓ ବଳାତ୍କାର ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

**କେନ୍ଦ୍ରାପଡ଼ା,୨୪।୪/ଏନ୍ଏନ୍ଏସ୍:** ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ଜଜ୍ ପ୍ରଜ୍ଞା ପରମିତା ରାଉଳ କୁଜଙ୍ଗ ଥାନା ଅଞ୍ଚଳର ଅଭିଯୁକ୍ତ ଜଗନ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫୭ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡିତାଙ୍କୁ ୬ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଆସାମୀ ଜଗନ ରାଜନଗର ବ୍ଲକ ଅନ୍ତର୍ଗତ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ତାଙ୍କ ବନ୍ଧୁଙ୍କ ଘରକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ନାବାଳିକାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ୨୦୨୦ ମସିହା ନଭେମ୍ବର ମାସ ୧୮ ତାରିଖରେ ନାବାଳିକାଙ୍କୁ ଅପହରଣ କରି କଟକ ନେଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ତନ୍ତିଆପାଳ ଥାନାରେ ଅଭିଯୋଗ କରାଯାଇଥିଲା। ତନ୍ତିଆପାଳ ଥାନା ପୋଲିସ ଘଟଣାର ଅନୁସନ୍ଧାନ କରିବା ପରେ ଏକ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହିସମୟ ମଧ୍ୟରେ ଅଭିଯୁକ୍ତ ନାବାଳିକାଙ୍କୁ କଟକରୁ ବିଶାଖାପାଟଣା ଓ ପରେ ବାଙ୍ଗଲୋର ନେଇଯାଇଥିଲା। ପାଖାପାଖି ୪ ମାସ କାଳ ଅପହରଣ କରି ରଖି ତାଙ୍କୁ ବଳାତ୍କାର କରିବା ପରେ ନାବାଳିକାଙ୍କୁ ବାଙ୍ଗାଲୋରରୁ ଆଣି କଟକ ମଧୁପାଟଣା ଥାନା ଅଞ୍ଚଳରେ ରଖିଥିଲେ। ଖବର ପାଇ ପୋଲିସ ଅଭିଯୁକ୍ତ ଜଗନକୁ ମଧୁପାଟଣା ଥାନା ଅଞ୍ଚଳରୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ପୁଲିସ ଉଭୟ ଅଭିଯୁକ୍ତ ଓ ନାବାଳିକାଙ୍କ ଡାକ୍ତରୀମାଇନା କରିଥିଲା। ମାମଲାର ତଦନ୍ତ କରି ପୁଲିସ ୨୦୨୧ ମସିହା ମେ ମାସ ୧୨ ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ସେହି ମାମଲାର ଶୁଣାଣି କରି କୋର୍ଟ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମନୋଜ କୁମାର ସାହୁ ପରିଚାଳନା କରୁଥିଲେ।

# ପହଲଗାମ୍ ମୃତକଙ୍କ ସ୍ମୃତିରେ କ୍ୟାଣ୍ଡଲ ଶୋଭାଯାତ୍ରା

**ପାରାଦୀପ,୨୪।୪/ଏନ୍ଏନ୍ଏସ୍:** ଜାମ୍ମୁକାଶ୍ମୀରର ପହେଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ନିରୀହ ଭାରତୀୟ ନାଗରିକ। ଏହି ଆତଙ୍କବାଦକୁ ନିନ୍ଦା କରି ଭାରତମାତାର ଜୟଗାନ କରି ପାରାଦୀପ ମହାବିଦ୍ୟାଳୟ ଓ ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଏନସିସି ଅଫିସର ଲେଫନାଣ୍ଟ ଅକ୍ଷୟ ଚନ୍ଦ୍ର ମିଶ୍ର, ଡ. ଗଣେଶ୍ୱର ପାତ୍ର, ଆଲୁମୁନି ଆସୋସିଏସନ୍‌ର ସଭାପତି ଅମ୍ବିକା ମହାପାତ୍ର, ବିବେକାନନ୍ଦ ମହାପାତ୍ର, ପୁରାତନ ଛାତ୍ର ବିଶ୍ୱଜିତ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ହାତରେ




କ୍ୟାଣ୍ଡେଲ୍ ଧରି ପାରାଦୀପ ମହାବିଦ୍ୟାଳୟରୁ ବାହାରି ନେତାଜୀ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲେ। ସେହିପରି ପାରାଦୀପ ଜୁବୁଲି ମାର୍କେଟ୍ ବ୍ୟବସାୟୀମାନେ ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରିଥିଲେ। ପାରାଦୀପ ବଡ଼ପଡ଼ିଆ ଜୁବୁଲି ମାର୍କେଟରୁ ଏହି ଶୋଭାଯାତ୍ରା ବାହାରି ଥାନାଛକ ଦେଇ ବସ୍‌ଷ୍ଟାଣ୍ଡ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲେ। ଯୁବ ବ୍ୟବସାୟୀ ବିଭୁତି ଭୂଷଣ ସାହୁଙ୍କ ତତ୍ତ୍ୱାବଧାନରେ ବ୍ୟବସାୟୀମାନେ ଏକଜୁଟ୍ ହୋଇ ସେଠାରେ ସମୁହ ଦୀପଦାନ କରି ପ୍ରାଣ ହରାଇଥିବା ନିରୀହ ଭାରତୀୟଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ଅନ୍ୟ ଜାଗାରେ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ସଠିକ୍ ଜାଗାରେ ନହେବା ସହ ବିନାସୂଚନା ଫଳକରେ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ବାଉଁଶପୋଖରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଇକୋଟ ଡିହ ସାହିରେ ଯେଉଁଠାରୁ ରାସ୍ତା ନିର୍ମାଣ ହେବା କଥା ସେହିଠାରୁ ନକରି ଅନ୍ୟତ୍ର ଏକ ସ୍ଥାନରେ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ତାହା ପୁଣି ସୂଚନା ଫଳକରେ । ଯେଉଁଠାରୁ ହେବା କଥା ସେହିଠାରେ ନକରି ଅନ୍ୟତ୍ର କାହିଁକି କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ। କିନ୍ତୁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସେ ଅଭିଯୋଗକୁ କର୍ଣ୍ଣପାତ କରିନଥିଲେ। ତରବରିଆ ଭାବେ କାର୍ଯ୍ୟକୁ ମାତ୍ର ୭ ଘଣ୍ଟା ମଧ୍ୟରେ ସାରି ଦେଇଥିଲେ। ତେବେ କାହିଁକି ସଠିକ୍ ସ୍ଥାନରେ କନିଷ୍ଠ ଯନ୍ତ୍ରୀ ନକରି ଅନ୍ୟତ୍ର କଲେ ଏବଂ ବିନା ସୂଚନା ଫଳକରେ ତରବରିଆ ଭାବେ କାହିଁକି କାର୍ଯ୍ୟଟିକୁ ସାରିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ୯ନଂ ୱାର୍ଡ଼ସଭ୍ୟା ସବିତା ବେହେରା ବାଉଁଶପୋଖରୀ ସରପଞ୍ଚ ରଣଜିତ୍ ପ୍ରଧାନଙ୍କ ଜରିଆରେ ବିଡିଓ ହିନ୍ଦୋଳ, ଉପଜିଲ୍ଲାପାଳ ହିନ୍ଦୋଳ ଓ ଜିଲ୍ଲାପାଳ ଢେଙ୍କାନାଳକୁ ଦାବିପତ୍ର ଦେଇଛନ୍ତି।

# ସଂସ୍କୃତ ଶିକ୍ଷୟିତ୍ରୀ ସୁମଲତା ମିଶ୍ରଙ୍କ ପରଲୋକ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଢେଙ୍କାନାଳ ନଗରର ବରିଷ୍ଠ ସ୍ୱୟଂ ସେବକ ଶରତ କମାର ପାଣିଗ୍ରାହୀଙ୍କ ଧର୍ମପତ୍ନୀ ସୁମଲତା ମିଶ୍ରଙ୍କ ୬୬ ବର୍ଷରେ ଗତ ଭୁବନେଶ୍ୱରରେ ଏକ ଘରୋଇ ଚିକିତ୍ସାଳୟରେ ଦେହାନ୍ତ ହୋଇଯାଇଛି। ସେ ସଦର ବ୍ଲକ୍ ଚାଉଳିଆ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଥିଲେ।ସେ ଜଣେ ଛାତ୍ରଛାତ୍ରୀ ବତ୍ସଳା, ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ଭାବେ ବେଶ୍ ଜଣାଶୁଣା। ସନ୍ଧ୍ୟାରେ ତାଙ୍କର ପାର୍ଥିବ ଶରୀର ସ୍ଥାନୀୟ ଗାୟତ୍ରୀ ନଗରସ୍ଥିତ ବାସଭବନରେ ପହଁଚିବା ମାତ୍ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହବିଭାଗ ସଂଘ ଚାଳକ ହୃଦାନନ୍ଦ ଶତପଥୀ, ଜିଲ୍ଲା ସଂଘ ଚାଳକ ଅଶୋକ କୁମାର ଭଞ୍ଜ, ସହ ଜିଲ୍ଲା ସଂଘ ଚାଳକ ଶକ୍ତି ପ୍ରସାଦ ନନ୍ଦ, ବିଭାଗ ସମ୍ପର୍କ ପ୍ରମୁଖ ପ୍ରଶାନ୍ତ କୁମାର ମିଶ୍ର, ଜିଲ୍ଲା ସମ୍ପର୍କ ପ୍ରମୁଖ ନିରାକାର ସାମନ୍ତରାୟ, ବ୍ୟବସ୍ଥା ପ୍ରମୁଖ ଲୋକନାଥ ମହାପାତ୍ର, ବରିଷ୍ଠ



ସ୍ୱୟଂ ସେବକ ବିଶ୍ୱମ୍ଭର ସାହୁ, ସୋମେନ୍ ରାୟ, ପରିକ୍ଷିତ ପାଣିଗ୍ରାହୀ, ଅମ୍ବୁଜ ରଥ, ପ୍ରମୋଦ ଲେଙ୍କା, ପ୍ରଶାନ୍ତ ସାହୁ, ପ୍ରଭାତ କୁମାର ହୋତା, ପ୍ରେମ କୁମାର କେଡିଆ, ଜିଲ୍ଲା ପ୍ରଚାରକ ବାସୁଦେବ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବୀ ନବ କିଶୋର ଗୁରୁ, ବସନ୍ତ କୁମାର ରଥ, ଭୁବନର ଦେବବ୍ରତ ପୃଷ୍ଟି, ବାବାଜୀ ସାହୁ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ପଡ଼ୋଶୀ ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ୱାମୀ ଶ୍ରୀ ପାଣିଗ୍ରାହୀ, ପୁତ୍ର କୌଟିଲ୍ୟ ପାଣିଗ୍ରାହୀ ଓ କନ୍ୟା ଚପଳାଛନ୍ଦା ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ୬ ବର୍ଷର ପୁଅକୁ ବାପାର ହତ୍ୟା ଅଭିଯୋଗ

**ଧର୍ମଶାଳା,୨୪।୪/ଏନ୍ଏନ୍ଏସ୍:** ବାପା ସାଜିଲା ସାଇତାନ ଅନ୍ୟତ୍ର ବିବାହ କରିବା ଲାଗି ରାସ୍ତାରୁ ନିଜ ଜନ୍ମ କଲା ପୁଅକୁ ହଟାଇବା ପାଇଁ ତାକୁ ହତ୍ୟା କରି ନିକଟସ୍ଥ ପଥର ଖାଦାନରେ ଫିଙ୍ଗିଦେଇଥିବା ଭଳି ଏକ ଜଘନ୍ୟ ଘଟଣା ଘଟାଇଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ଦେଖିବାକୁ ମିଳିଛି। ଖବର ପାଇଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଅଭିଯୁକ୍ତଙ୍କ ପରିବାର ଲଲୋକଙ୍କୁ ଥାନାକୁ ନେଇ ପଚରା ଉଚରା କରୁଛି। ପ୍ରକାଶ, ଜେନାପୁର ଥାନା ଚାରଗୋଠ ଗ୍ରାମର ଦୀପକ ରାଉତ ଓରଫ ବାଉରୀ ରାଉତ ସେହି ଗ୍ରାମରେ ମମତା ରାଉତଙ୍କୁ ୭ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଏକ ୬ ବର୍ଷର ଶିଶୁପୁତ୍ର ରହିଛି। ତେବେ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ଯୋଗୁଁ ପତ୍ନୀ ମମତା ରାଉତ ନିଜ ପୁଅ ସହିତ



ବାପ ଘରେ ରହି ଆସୁଛନ୍ତି । ତେବେ ଗତକାଲି ସନ୍ଧ୍ୟାରେ ଶିଶୁ ପୁତ୍ର ଟିଉସନରୁ ଆସି ଖେଳିବା ପାଇଁ ଗାଁ ଦାଣ୍ଡକୁ ଯାଇଥିବା ବେଳେ ତାକୁ ଏକୁଟିଆ ପାଇ ତାର ବାପା ବାଉରୀ ତାକୁ ହତ୍ୟା କରି ନିକଟସ୍ଥ ଖାଦାନରେ ଫିଙ୍ଗି ଦେଇ ପ୍ରମାଣ ନଷ୍ଟ ପାଇଁ ସେଠାରେ ପୁଅର ପ୍ୟାଣ୍ଟ ଖୋଲି ସେଠାରେ ପକାଇଦେଇଥିଲା ବୋଲି ପରିବାର ଓ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଦ୍ୱିତୀୟ ବିବାହ କରିବା ଲାଗି ପୁଅକୁ ରାସ୍ତାରୁ ହଟାଇବା ଉଦ୍ଦେଶ୍ୟରେ ଏଭଳି ଅମାନନୁଷିକ କାର୍ଯ୍ୟ କରିଥିବା ଗ୍ରାମର ଧିରେନ୍ଦ୍ର ରାଉତ ଓ ମୃତ ଶିଶୁର ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି। ଗତକାଲି ସନ୍ଧ୍ୟାରୁ ଶିଶୁଟି ନିଖୋଜ ଥିବା ବେଳେ ଖବରପାଇ ଜେନାପୁର ପୁଲିସ ଦମକଳବାହିନୀ ସହାୟତାରେ ଖାଦାନ ଗଣ୍ଡରେ ଖୋଜା ଖୋଜି କରି ପାଇ ଶିଶୁର ପତା ପାଇ ନଥିଲେ। ଆଜି ସକାଳୁ ଶିଶୁର ମୃତଦେହ ପାଣିରେ ଭାସୁଥିବା ଲୋକେ ଦେଖି ପୁଲିସକୁ ଖବରଦେବା ସହ ଶିଶୁ ପୁତ୍ରର ବାପ ଓ ତାର ପରିବାର ଲୋକଙ୍କୁ ତା’ ଘରେ ଅଟକ ରଖିଥିଲେ। ଫଳରେ ଘଟଣାସ୍ଥଳରେ ଚପା ଉତେଜନା ଦେଖାଯାଇଥିଲା। ସକାଳେ ଜେନାପୁର ପୁଲିସ ସେଠାରେ ପହଞ୍ଚି ମୃତ ଶିଶୁକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ମେଡିକାଲକୁ ପଠାଇଥିବା ବେଳେ ପରିସ୍ଥିତି ଅଣାୟତ ହେବାରୁ ଏକ ପ୍ଲାଟୁନ ଫୋର୍ସ ସହ ଯାଜପୁରରୋଡ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏଥିସହ ଅଧିକ ପଚରା ଉଚରା ପାଇଁ ପୁଲିସ ଅଭିଯୁକ୍ତ ବାଉରୀ ଓ ତାର ପରିବାର ଲୋକଙ୍କୁ ଥାନାକୁ ନେଇ ଅଟକ ରଖିଛି। ତେବେ ତଦନ୍ତ ଚାଲିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଏସ୍‌ଡଇପିଓ ଶ୍ରୀ ସ୍ୱାଇଁ ସୂଚନାଦେଇଛନ୍ତି।



**ଆଜିର ମ୍ୟାଚ୍**

ଚେନ୍ନାଇ ସୁପର୍ କିଙ୍ଗସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଚେନ୍ନାଇ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ନିତିଦିନ NITIDIN

### ଆଇପିଏଲ୍ ୨୦୨୫ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ | ୮ | ୬ | ୨ | ୧୨ | +୦.୬୫୭ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ | -୦.୦୫୪ |
| କୋଲ୍‌କାତା | ୮ | ୩ | ୫ | ୬ | -୦.୨୧୨ |
| ରାଜସ୍ଥାନ | ୯ | ୨ | ୭ | ୪ | -୦.୬୨୫ |
| ହାଇଦ୍ରାବାଦ | ୮ | ୨ | ୬ | ୪ | -୧.୩୬୧ |
| ଚେନ୍ନାଇ | ୮ | ୨ | ୬ | ୪ | -୧.୩୯୨ |

## କୋହଲିଙ୍କ ବିସ୍ଫୋରଣ ପରେ ହେଜଲ୍‌ଉଡ୍‌ଙ୍କ ଘାତକ ବୋଲିଂ: ୧୧ ରନ୍‌ରେ ହାରିଲା ରାଜସ୍ଥାନ

# ଘରୋଇ ପଡ଼ିଆରେ ବେଙ୍ଗାଲୁରୁର ପ୍ରଥମ ବିଜୟ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ବିରାଟ କୋହଲି ଓ ଦେବଦତ୍ତ ପାଡିକ୍କଲ୍‌ଙ୍କ ଅର୍ଦ୍ଧଶତକ ପରେ ଜୋଶ୍ ହେଜଲ୍‌ଉଡ୍‌ଙ୍କ ୪ ୱିକେଟ୍ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଗୁରୁବାର ରାଜସ୍ଥାନ ରୟାଲ୍ସଙ୍କୁ ୧୧ ରନ୍‌ରେ ହରାଇ ଦେଇଛି। ଏହା ଚଳିତ ସିଜନ୍‌ରେ ଆର୍‌ସିବିର ଘରୋଇ ପଡ଼ିଆରେ ପ୍ରଥମ ବିଜୟ। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ୪୨ତମ ମ୍ୟାଚ୍‌ରେ ଆର୍‌ସିବି ପ୍ରଥମେ ୫ ୱିକେଟ୍ ହରାଇ ୨୦୫ ରନ୍ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୯ ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସମର୍ଥ ହୋଇଛି।

ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନ ରୟାଲ୍ସକୁ ଯଶସ୍ୱୀ ଜୟସ୍ୱାଲ୍ ଓ ଇମ୍ପାକ୍ଟ ପ୍ଲେୟର୍ ବୈଭବ ସୂର୍ଯ୍ୟବଂଶୀ ଜୋରଦାର ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୬ ବଲ୍‌ରେ ୫୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ବୈଭବଙ୍କୁ ବୋଲ୍ଡ କରି ଭୁବନେଶ୍ୱର କୁମାର ଏଥିରେ ବ୍ରେକ୍ ଲଗାଇଥିଲେ। ୧୪ ବର୍ଷୀୟ ବୈଭବ ଦୁଇଟି ଛକା ସହାୟତାରେ ୧୨ ବଲ୍‌ରୁ ୧୬ ରନ୍ କରିଥିଲେ। ଧୂଆଁଧାର ବ୍ୟାଟିଂ କରୁଥିବା ଜୟସ୍ୱାଲ୍ ମାତ୍ର ଏକ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ୧୯ ବଲ୍‌ରେ ସାତ ଚୌକା ଓ ତିନି ଛକା ସହାୟତାରେ ୪୯ ରନ୍ କରିଥିବା ବେଳେ ଜୋଶ୍ ହେଜଲ୍‌ଉଡ୍ ତାଙ୍କୁ ରୋମାରିଓ ଶେଫର୍ଡଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ କରାଇଥିଲେ। ଜୟସ୍ୱାଲ୍‌ଙ୍କ ଆଉଟ୍ ପରେ କ୍ୟାପ୍‌ଟେନ୍ ରିୟାନ୍ ପରାଗ ଓ ନୀତୀଶ ରାଣା ତୃତୀୟ ୱିକେଟ୍ ପାଇଁ ୩୮ ରନ୍ ଯୋଗ କରିଥିବା ବେଳେ କ୍ରୁଣାଳ ପାଣ୍ଡ୍ୟା ଦୁହିଁଙ୍କୁ ନିଜ ସ୍ପିନ୍ ଯାଦୁରେ ଫସାଇ ପ୍ୟାଭିଲିୟନ୍ ଫେରାଇଥିଲେ। ପରାଗ ୧୦ ବଲ୍‌ରେ ଦୁଇଟି ଲେଖାଏ ଛକା ଓ ଚୌକା ବଳରେ ୨୨ ରନ୍ ଏବଂ ନୀତୀଶ ରାଣା ତିନି ଚୌକା ଓ ଗୋଟିଏ ଛକା ସହାୟତାରେ ୨୨ ବଲ୍‌ରୁ ୨୮ ରନ୍‌ର ଯୋଗଦାନ କରିଥିଲେ। ରାଣାଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୪ ୱିକେଟ୍‌ରେ ୧୩୪ ରନ୍ ଥିଲା। ଶିମରନ୍ ହେଟ୍‌ମାୟର୍ (୧୧) ଶସ୍ତାରେ ହେଜଲ୍‌ଉଡ୍‌ଙ୍କ ଶିକାର ହୋଇଥିଲେ। ପରବର୍ତ୍ତୀ ଓଭର୍‌ରେ ହେଜଲ୍‌ଉଡ୍ ଲଗାତାର ବଲ୍‌ରେ ଧ୍ରୁବ ଜୁରେଲ୍ ଓ ଜୋଫ୍ରା ଆର୍ଚର୍‌ଙ୍କୁ ବିଦା କରି ରାଜସ୍ଥାନକୁ ଶକ୍ତ ଧକ୍କା ଦେଇଥିଲେ। ଜୁରେଲ୍ ୩୪ ବଲ୍‌ରେ ତିନିଟି ଲେଖାଏ ଛକା ଓ ଚୌକା ସହାୟତାରେ ୪୭ ରନ୍ କରିଥିବା ବେଳେ ଆର୍ଚର୍ ଖାତା ମଧ୍ୟ ଖୋଲିପାରି ନଥିଲେ। ଶୁଭମ୍ ଦୁବେ ୭ ବଲ୍‌ରେ ୧୨ ରନ୍ ଏବଂ ୱାନିନ୍ଦୁ ହସାରଙ୍ଗା ୧ ରନ୍ କରି ଆଉଟ୍ ହୋଇଥିଲେ। ଆର୍‌ସିବି ପକ୍ଷରୁ ଜୋଶ୍ ହେଜଲ୍‌ଉଡ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ କ୍ରୁଣାଳ ପାଣ୍ଡ୍ୟାଙ୍କୁ ଦୁଇଟି, ଭୁବନେଶ୍ୱର କୁମାର ଓ ଯଶ୍ ଦୟାଲ୍‌ଙ୍କୁ ୧-୧ ସଫଳତା ମିଳିଥିଲା।



ଟସ୍ ହାରି ବ୍ୟାଟିଂ ପାଇଥିବା ଆର୍‌ସିବିକୁ ଫିଲ୍ ସଲ୍ଟ ଓ ବିରାଟ କୋହଲି ଚମତ୍କାର ଆରମ୍ଭ ଦେଇଥିଲେ। ଉଭୟ ଆକ୍ରମଣାତ୍ମକ ପ୍ରଦର୍ଶନ କରି ପ୍ରଥମ ୱିକେଟ୍ ପାଇଁ ୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ସପ୍ତମ ଓଭର୍‌ରେ ସଲ୍ଟଙ୍କୁ ଆଉଟ୍ କରି ୱାନିନ୍ଦୁ ହସାରଙ୍ଗା ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ସଲ୍ଟ ୨୩ ବଲ୍‌ରେ ୪ ଚୌକା ସହାୟତାରେ ୨୬ ରନ୍ କରି ଶିମରନ୍ ହେଟ୍‌ମାୟର୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ଦେବଦତ୍ତ ପାଡିକ୍କଲ୍ ଓ କୋହଲି ଦ୍ୱିତୀୟ ୱିକେଟ୍ ପାଇଁ ୯୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ମଧ୍ୟରେ କୋହଲି ୩୨ ବଲ୍‌ରେ ଚଳିତ ଆଇପିଏଲ୍‌ର ପଞ୍ଚମ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ତାଙ୍କ ଆପିଏଲ୍ କ୍ୟାରିୟର୍‌ର ୬୦ତମ ଅର୍ଦ୍ଧଶତକ। କୋହଲିଙ୍କ ତୁଳନାରେ ପାଡିକ୍କଲ୍ ଅଧିକ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୬ ରନ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ପାର୍ଟନରଶିପ୍‌କୁ ଜୋଫ୍ରା ଆର୍ଚର୍ ଭାଙ୍ଗିଥିଲେ। ସେ କୋହଲିଙ୍କୁ ନୀତୀଶ ରାଣାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। କୋହଲି ୪୨ ବଲ୍‌ରେ ୮ ଚୌକା ଓ ୬ ଛକା ସହାୟତାରେ ୭୦ ରନ୍‌ର ଇନିଂସ୍ ଖେଳି ବିଦାୟ ନେଇଥିଲେ। କୋହଲିଙ୍କ ପରେ ୧୭ଶ ଓଭର୍‌ରେ ପାଡିକ୍କଲ୍‌ଙ୍କୁ ସନ୍ଦୀପ୍ ଶର୍ମା ପ୍ୟାଭିଲିୟନ୍ ଫେରାଇଥିଲେ। ପାଡିକ୍କଲ୍ ୪ ଚୌକା ଓ ତିନି ଛକା ସହାୟତାରେ ୨୭ ବଲ୍‌ରେ ୫୦ ରନ୍‌ର ଇନିଂସ୍ ଖେଳି ବିଦାୟ ନେଇଥିଲେ। କ୍ୟାପ୍‌ଟେନ୍ ରଜତ ପାଟିଦାର (୧) ଶସ୍ତାରେ ସନ୍ଦୀପ ଶର୍ମାଙ୍କ ଶିକାର ହୋଇଥିଲେ। ଏହାପରେ ଜିତେଶ ଶର୍ମା ଓ ଟିମ୍ ଡେଭିଡ୍ ବିସ୍ଫୋରକ ବ୍ୟାଟିଂ କରି ଆର୍‌ସିବି ସ୍କୋର୍ ୨୦୦ ରନ୍ ପାର କରାଇଥିଲେ। ୧୫ ବଲ୍‌ରୁ ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୨୩ ରନ୍ କରି ଟିମ୍ ଡେଭିଡ୍ ଶେଷ ବଲ୍‌ରେ ରନ୍‌ଆଉଟ୍ ହୋଇଥିଲେ। ଜିତେଶ ଶର୍ମା ୧୦ ବଲ୍‌ରେ ୪ ଚୌକା ସହାୟତାରେ ୨୦ ରନ୍ କରି ଅପରାଜିତ ଫେରିଥିଲେ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ସନ୍ଦୀପ ଶର୍ମା ୨ଟି ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର୍ ଓ ହସାରଙ୍ଗାଙ୍କୁ ୧-୧ ସଫଳତା ମିଳିଥିଲା।


# ବିରାଟ କୋହଲିଙ୍କ କୀର୍ତ୍ତିମାନ

## ବାବର ଓ ଗେଲ୍‌ଙ୍କୁ ପଛରେ ପକାଇଲେ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ରାଜସ୍ଥାନ ରୟାଲ୍ସ ବିପକ୍ଷ ଚଳିତ ଆଇପିଏଲ୍ ସିଜନ୍‌ର ୪୨ତମ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ଟି-୨୦ କ୍ରିକେଟ୍‌ରେ ଦ୍ୱିତୀୟ ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ୍ କରିବାରେ ସେ ବିଶ୍ୱର ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି। ଏହା ବ୍ୟତୀତ ଓପ୍ନିଂ କରି ଏହି ଫର୍ମାଟ୍‌ରେ କୋହଲି ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ୍‌ର ଇନିଂସ୍ ଖେଳିବାରେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୩୨ ବଲ୍‌ରେ ଚଳିତ ଆଇପିଏଲ୍ ସିଜନ୍‌ର ପଞ୍ଚମ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହା ତାଙ୍କ ଆଇପିଏଲ୍ କ୍ୟାରିୟର୍‌ର ୬୦ତମ ଅର୍ଦ୍ଧଶତକ। ଏହା ସହିତ ସେ ପାକିସ୍ତାନର ବାବର ଆଜମ୍‌ଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଓପ୍ନିଂ କରି ସେ ୬୨ଥମ ୫୦+ ରନ୍ କରିଥିବା ବେଳେ ବାବର ଆଜମ୍ ଟି-୨୦ରେ ୬୧ ଥର ୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ।

ଗୁରୁବାର ମ୍ୟାଚ୍‌ରେ ଆଠ ଚୌକା ଓ ଛଅ ଛକା ସହାୟତାରେ ବିସ୍ଫୋରକ ୭୦ ରନ୍‌ର ଇନିଂସ୍ ଖେଳିଥିବା କୋହଲି ଟି-୨୦ ଫର୍ମାଟ୍‌ରେ ସର୍ବାଧିକ ୫୦+ ସ୍କୋର୍ କରିବାରେ ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି। ଏହି ମାମଲାରେ ସେ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଛନ୍ତି। ଗେଲ୍ ୧୧୦ ଥର ୫୦+ ସ୍କୋର୍ କରିଥିବା ବେଳେ କୋହଲିଙ୍କ ନାମରେ ୧୧୧ ଥର ୫୦ରୁ ଊର୍ଦ୍ଧ୍ୱ ରନ୍‌ର ରେକର୍ଡ ହୋଇଛି। ଏହି ମାମଲାରେ ଡେଭିଡ୍ ୱାର୍ଣ୍ଣର୍ (୧୧୭) ପ୍ରଥମ ସ୍ଥାନରେ ରହିଛନ୍ତି।

# ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ ମିଳିଛି। ଆଇଏସ୍‌ଆଇଏସ୍ କଶ୍ମୀର ନାମକ ଇ-ମେଲ୍ ଆଇଡିରୁ ବୁଧବାର ତାଙ୍କୁ ଏପରି ଦୁଇଟି ଧମକପୂର୍ଣ୍ଣ ମେଲ୍ ମିଳିଛି। ଏଥିରେ ଲେଖାଥିଲା - ଆଇ କିଲ୍ ୟୁ। ମେଲ୍ ମିଳିବା ପରେ ଗମ୍ଭୀର ଗୁରୁବାର ଦିଲ୍ଲୀର ରାଜେନ୍ଦ୍ର ନଗର ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ସେ ପରିବାର ଏବଂ ନିକଟ ସମ୍ପର୍କୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଜରୁରୀ ପଦକ୍ଷେପ ନେବାକୁ ପୁଲିସ୍ ନିକଟରେ ଦାବି କରିଛନ୍ତି। ଏହା ପୂର୍ବରୁ ୨୦୨୧ରେ ମଧ୍ୟ ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ସେତେବେଳେ ସେ ପୂର୍ବ-ଦିଲ୍ଲୀର ସାଂସଦ ଥିଲେ।

ମଙ୍ଗଳବାର ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ଗମ୍ଭୀର କଡ଼ା ନିନ୍ଦା କରିବା ସହିତ ଏହାର କଠୋର ଜବାବ ଦେବାକୁ ଦାବି କରିଥିଲେ। 'ଏକ୍ସ'ରେ ଗମ୍ଭୀର ଲେଖିଥିଲେ- ମୃତକଙ୍କ ପରିବାର ପାଇଁ ପ୍ରାର୍ଥନା। ଏଥିପାଇଁ ଦାୟୀ ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ସୂଚନାଯୋଗ୍ୟ, ମଙ୍ଗଳବାର ପହଲଗାମର ବାୟସରନ୍ ଘାଟିରେ ଆତଙ୍କବାଦୀଙ୍କ ଗୁଳିବର୍ଷଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ପାକିସ୍ତାନସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (ଏଲ୍‌ଇଟି)ର ୱିଙ୍ଗ୍ ଦ ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଛି।

# ପ୍ରଥମ ବଲ୍‌ରେ ସର୍ବାଧିକ ଛକା: ଯଶସ୍ୱୀ ପ୍ରଥମ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ ଓପ୍ନିର୍ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ୍ ଆଇପିଏଲ୍‌ରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୁରୁବାର ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଚଳିତ ସିଜନ୍‌ର ୪୨ ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପ୍ରଥମେ ଆର୍‌ସିବି ପାଞ୍ଚ ୱିକେଟ୍ ହରାଇ ୨୦୫ ରନ୍‌ର ସ୍କୋର୍ ଛିଡ଼ା କରିଥିଲା। ଏହା ରାଜସ୍ଥାନ ବିପକ୍ଷରେ କୌଣସି ଟିମ୍‌ର ସର୍ବାଧିକ ସ୍କୋର୍ ଥିଲା। ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଚମତ୍କାର ଆରମ୍ଭ କରିଥିଲେ। ଇନିଂସ୍‌ର ପ୍ରଥମ ବଲ୍‌ରେ ଭୁବନେଶ୍ୱର କୁମାରଙ୍କୁ ସେ ଛକା ମାରିଥିଲେ। ଏହା ସହିତ ଆଇପିଏଲ୍‌ରେ ସର୍ବାଧିକ ଥର ଇନିଂସ୍‌ର ପ୍ରଥମ ବଲ୍‌ରେ ଛକା ମାରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ସେ ଏହି କାରନାମା ତିନିଥର କରିଛନ୍ତି।


# ୨୦୦ ମିଟର ଜାତୀୟ ରେକର୍ଡ ଭଙ୍ଗିଲେ ଅନିମେଷ କୁଜୁର



**କୋଚି,୨୪।୪/ଏଜେନ୍ସି:** ଓଡ଼ିଶା ସ୍ପ୍ରିଣ୍ଟର୍ ଅନିମେଷ କୁଜୁର ଏଠାକାର ମହାରାଜା ଷ୍ଟାଡିୟମ୍‌ରେ ଚାଲିଥିବା ୨୮ତମ ଫେଡେରେସନ୍ କପ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପରେ ୨୦୦ ମିଟର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୨୧ ବର୍ଷୀୟ ଅନିମେଷ ଗୁରୁବାର ୨୦.୪୦ ସେକେଣ୍ଡରେ ରେସ୍ ଶେଷକରି ଅମ୍ଲାନ ବୋରଗୋହେନ୍‌ଙ୍କ ତିନିବର୍ଷ ପୁରୁଣା ଜାତୀୟ ରେକର୍ଡ ଭଙ୍ଗ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୨୨ରେ ଅମ୍ଲାନ ବୋରଗୋହେନ୍ ୨୦.୫୨ ସେକେଣ୍ଡ ସମୟ ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ମହିଳା ୨୦୦ ମିଟରରେ ତେଲେଙ୍ଗାନାର ନିତ୍ୟା ଗାନ୍ଧେ (୨୩.୬୮ ସେ.) ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ସେହିପରି ଗୁରୁବାର ଆୟୋଜିତ ମହିଳା ଲଙ୍ଗ୍ ଜମ୍ପ୍‌ରେ ଶାଇଲି ସିଂହ ୬.୬୪ ମିଟର ପ୍ରୟାସ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ଏସିଆନ୍ ଗେମ୍ସ ରୌପ୍ୟ ବିଜେତା ଆନ୍ସି ସୋଜାନ୍ (୬.୪୬ମି.)ଙ୍କୁ ପଛରେ ପକାଇ ଶାଇଲି ନିଜ ମେଣ୍ଟର୍ ଅଞ୍ଜୁ ବବି ଜର୍ଜଙ୍କ ୨୩ ବର୍ଷ ପୁରୁଣା ମିଟ୍ ରେକର୍ଡ (୬.୫୯ମି) ଭଙ୍ଗ କରିଛନ୍ତି। ପୁରୁଷ ଶଟ୍‌ପୁଟ୍‌ରେ ସମରଦୀପ୍ ସିଂହ ଗିଲ୍ (୧୯.୩୪ ମି.) ଏସିଆନ୍ ଗେମ୍ସ ଚାମ୍ପିଅନ୍ ତଜିନ୍ଦରପାଲ୍ ସିଂହ ତୁର୍ (୧୮.୭୭ ମି.)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

# ପ୍ରବୀଣ ଚିତ୍ରଭେଲ୍ ନିଜ ଜାତୀୟ ରେକର୍ଡ ସମକକ୍ଷ



**କୋଚି,୨୪।୪/ଏଜେନ୍ସି:** ଭାରତୀୟ ଟ୍ରିପଲ୍ ଜମ୍ପର୍ ପ୍ରବୀଣ ଚିତ୍ରଭେଲ୍ ନିଜ ଜାତୀୟ ରେକର୍ଡ ସମକକ୍ଷ ହୋଇଛନ୍ତି। କୋଚିରେ ଆୟୋଜିତ ୨୮ତମ ଫେଡେରେସନ୍ କପ୍‌ରେ ଗୁରୁବାର ସେ ଏହି ଉପଲବ୍ଧି ହାସଲ କରିଛନ୍ତି। କୋଚିର ମହାରାଜା କଲେଜ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରବୀଣ ୧୭.୩୭ ମିଟର ଜମ୍ପ୍ ସହ ଜାତୀୟ ରେକର୍ଡ ସମକକ୍ଷ ହୋଇଛନ୍ତି। ପୂର୍ବରୁ ୨୦୨୩ରେ କ୍ୟୁବା ରାଜଧାନୀ ହାଭାନାରେ ଏହି ଦୂରତା ହାସଲ କରି ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହି ପ୍ରୟାସ ସହ ଚିତ୍ରଭେଲ୍ ଚଳିତ ବର୍ଷର ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍ ଏବଂ ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଫେଡେରେସନ୍ କପ୍‌ରେ ତାମିଲନାଡୁ ଜମ୍ପର୍ ଦ୍ୱିତୀୟ ଜମ୍ପ୍‌ରେ ଏହି ରେକର୍ଡ ସ୍ଥାପନ କରିଛନ୍ତି।

# ମାଦ୍ରିଦ୍ ଓପନ୍‌ରୁ ଓହରିଲେ ଅଲ୍‌କାରାଜ୍

**ମାଦ୍ରିଦ୍,୨୪।୪/ଏଜେନ୍ସି:** ଘରୋଇ ଦର୍ଶକଙ୍କ ଫେଭରିଟ୍ କାର୍ଲୋସ୍ ଅଲ୍‌କାରାଜ୍ ଆହତ କାରଣରୁ ଚଳିତ ମାଦ୍ରିଦ୍ ଓପନ୍ ଟେନିସ୍



ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି। ବିଶ୍ୱ ନଂ.୩ ସ୍ପେନ୍ ଖେଳାଳି ଗତ ରବିବାର ବାର୍ସିଲୋନା ଓପନ୍ ଫାଇନାଲ୍ ବେଳେ ଗୋଡ଼ରେ ଲାଗିଥିବା ଆଘାତ ସମସ୍ୟାରୁ ସୁସ୍ଥ ହୋଇପାରି ନାହାନ୍ତି। ୨୦୨୨ ଓ ୨୦୨୩ରେ ଦୁଇଥର ଚାମ୍ପିଅନ୍ ଅଲ୍‌କାରାଜ୍‌ଙ୍କୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ମିଳିଥିଲା। ଅଲ୍‌କାରାଜ୍ ମେ ୫ରେ ୨୨ବର୍ଷ ବୟସରେ ପଦାର୍ପଣ କରିବେ। ବାର୍ସିଲୋନା ଫାଇନାଲ୍‌ରେ ହୋଲ୍‌ଗର ରୁନ୍‌ଙ୍କଠାରୁ ପରାଜିତ ହେବା ପୂର୍ବରୁ ସେ ମଣ୍ଟେ କାର୍ଲୋ ଟାଇଟଲ୍ ସହ ତାଙ୍କ କ୍ଲେ-କୋର୍ଟ ଅଭିଯାନ ଆରମ୍ଭ କରିଥିବା

## ପାକିସ୍ତାନ ଉପରେ କ୍ରିକେଟିଂ ଷ୍ଟ୍ରାଇକ୍

# ଭାରତରେ ପିଏସ୍‌ଏଲ୍ ଟେଲିକାଷ୍ଟ ବନ୍ଦ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତୀୟ ସରକାର ପାକିସ୍ତାନ ଉପରେ କେତେକ ପ୍ରତିବନ୍ଧକ ଲାଗୁ କରିଛନ୍ତି। ଏବେ ପାକିସ୍ତାନର ଫ୍ରାଞ୍ଚାଇଜି ଲିଗ୍ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)କୁ ବଡ଼ ଝଟ୍‌କା ଲାଗିଛି। ଭାରତରେ ପିଏସ୍‌ଏଲ୍‌ର ଲାଇଫ୍ ଷ୍ଟ୍ରିମିଂ କରୁଥିବା ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଫ୍ୟାନ୍‌କୋଡ୍ ଏହାର ଟେଲିକାଷ୍ଟ ରୋକିବାକୁ ନିଷ୍ପତ୍ତି ନେଇଛି। ଫ୍ୟାନ୍‌କୋଡ୍ ଏକ ଭାରତୀୟ ଷ୍ଟ୍ରିମିଂ କମ୍ପାନୀ ହୋଇଥିବା ବେଳେ ଏହା ଏବେ ପିଏସ୍‌ଏଲ୍ ଉପରେ କଡ଼ା ପ୍ରହାର କରିଛି। ଗୁରୁବାରଠାରୁ (ଏପ୍ରିଲ୍ ୨୪) ପିଏସ୍‌ଏଲ୍‌ର ମ୍ୟାଚ୍ ଫ୍ୟାନ୍‌କୋଡ୍‌ରେ ଉପଲବ୍ଧ ହେବନାହିଁ। ଏହି ନିଷ୍ପତ୍ତି ପରେ ପିଏସ୍‌ଏଲ୍‌ର ଡିଜିଟାଲ୍ ଭ୍ୟୁୟରଶିପ୍‌ରେ ଭାରୀ ହ୍ରାସ ଘଟିବ। ଏ ସନ୍ଦର୍ଭରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କୌଣସି ବୟାନ ଜାରୀ କରାଯାଇ ନାହିଁ। ତେବେ ଫ୍ୟାନ୍‌କୋଡ୍‌ର ଏହି ନିଷ୍ପତ୍ତି ରାଜନୈତିକ ଜଗତରେ ବଡ଼ ହଲଚଲ ସୃଷ୍ଟି କରିଛି। ଫ୍ୟାନ୍‌କୋଡ୍ ବ୍ୟତୀତ ଭାରତୀୟ ଫାଣ୍ଟାସି ଆପ୍ ଡ୍ରିମ୍-୧୧ ମଧ୍ୟ ପାକିସ୍ତାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଡ୍ରିମ୍-୧୧ ନିଜ ୱେବ୍‌ସାଇଟ୍ ଓ ଆପ୍ଲିକେସନ୍‌ରୁ ପିଏସ୍‌ଏଲ୍‌ର ସମସ୍ତ ମ୍ୟାଚ୍ ହଟାଇ ଦେଇଛି। ଚଳିତ ଥର ପିଏସ୍‌ଏଲ୍‌ର ଟକ୍କର୍ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ସହିତ ହେଉଥିବାରୁ ଫ୍ୟାନ୍‌କୋଡ୍‌ର ଏହି ନିଷ୍ପତ୍ତି ଫଳରେ ପିଏସ୍‌ଏଲ୍ ଏବଂ ପିସିବିକୁ ରାଜସ୍ୱ ଦୃଷ୍ଟିରୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ।

# ପିଏସ୍‌ଏଲ୍: ଇଫ୍‌ତିଖାର୍‌ଙ୍କ ବିରୋଧରେ ଚକିଂ ଅଭିଯୋଗ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ପାକିସ୍ତାନୀ ଅଫ୍ ସ୍ପିନର୍ ଇଫ୍‌ତିଖାର ଅହମଦଙ୍କ ବିରୋଧରେ ଚକିଂ ଅଭିଯୋଗ ଆସିଛି। ନ୍ୟୁଜିଲାଣ୍ଡ ବ୍ୟାଟର୍ କଲିନ୍ ମୁନ୍‌ରୋ ଏହି ଅଭିଯୋଗ କରିଛନ୍ତି। ବୁଧବାର ଇସ୍ଲାମାବାଦ ୟୁନାଇଟେଟ୍ ଓ ମୁଲ୍‌ତାନ୍ ସୁଲ୍‌ତାନ୍ସ ମଧ୍ୟରେ ପିଏସ୍‌ଏଲ୍‌ର ଏକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଲିନ୍ ମୁନ୍‌ରୋ ଇସ୍ଲାମାବାଦ ୟୁନାଇଟେଡ୍ ପକ୍ଷରୁ ଖେଳୁଥିବା ବେଳେ ଇଫ୍‌ତିଖାର ଅହମଦ ମୁଲ୍‌ତାନ୍ ସୁଲ୍‌ତାନ୍ସ ଟିମ୍‌ରେ ସାମିଲ ଥିଲେ। ମୁଲ୍‌ତାନ୍ ସୁଲ୍‌ତାନ୍ସ ପ୍ରଥମେ ବ୍ୟାଟିଂ ପରି ଇସ୍ଲାମାବାଦ୍ ୟୁନାଇଟେଡ୍‌କୁ ୧୬୯ ରନ୍‌ର ଲକ୍ଷ୍ୟ ଦେଇଥିଲା। ଇସ୍ଲାମାବାଦ୍ ୟୁନାଇଟେଡ୍ ଇନିଂସ୍‌ର ୧୦ମ ଓଭର୍‌ରେ ଇଫ୍‌ତିଖାର ୟର୍କର୍ ଲେଙ୍ଗ୍‌ଥରେ ଦ୍ରୁତ ଗତିରେ ପକାଇଥିବା ଏକ ବଲ୍‌କୁ ମୁନ୍‌ରୋ ଡିଫେନ୍ସ କରିଥିଲେ। ଏହାପରେ ଇଫ୍‌ତିଖାର୍‌ଙ୍କ ଆଡ଼କୁ ହାତରେ ଇଙ୍ଗିତ କରି ଏହା ଚକିଂ ଥିବା ମୁନ୍‌ରୋ ଜଣାଇଥିଲେ। ତେବେ ମୁନ୍‌ରୋଙ୍କ ବିରୋଧ କରିବା ଇଫ୍‌ତିଖାରଙ୍କ ଭଲ ଲାଗିନଥିଲା ଏବଂ ଓଭର୍ ଶେଷ ପରେ ଏହାକୁ ନେଇ ସେ ମୁନ୍‌ରୋଙ୍କ ସହ ଯୁକ୍ତିତର୍କ କରିଥିଲେ। ତେବେ ଅମ୍ପାୟାର ଏବଂ ଖେଳାଳିମାନେ ସେମାନଙ୍କୁ ଏଥିରୁ ନିବୃତ୍ତ କରିଥିଲେ।

## କଳିଙ୍ଗ ସୁପର୍ କପ୍ : ମହମ୍ମଡାନ୍ ସ୍ପୋର୍ଟିଂ ୬-୦ରେ ପରାଜିତ

# କ୍ୱାର୍ଟର୍‌ରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଆଲାଏଦିନ୍ ଆଜାରାଇଙ୍କ ହ୍ୟାଟ୍ରିକ୍ ବଳରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬-୦ ଗୋଲ୍‌ରେ ମହମ୍ମଡାନ୍ ସ୍ପୋର୍ଟିଂ ଏସ୍‌ସିକୁ ହରାଇ ଚଳିତ କଳିଙ୍ଗ ସୁପର୍ କପର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ରୋମାଞ୍ଚକର ପ୍ରି-କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ର ୧୮, ୫୬ ଏବଂ ୯୦+୨ତମ ମିନିଟ୍‌ରେ ଆଜାରାଇ ଗୋଲ୍ ତିନିଟି ସ୍କୋର୍ କରିଥିବା ବେଳେ ବାକି ତିନିଟି ଗୋଲ୍ ଜିତିନ୍ ଏମ୍‌ଏସ୍ (୩ୟ ମିନିଟ୍), ନେଷ୍ଟର ଆଲ୍‌ବିୟାଚ୍ (୪୨ତମ) ଏବଂ ଗୁଇଲେର୍ମୋ ଫର୍ଣ୍ଣାଣ୍ଡେଜ୍ (୬୬ତମ ମିନିଟ୍) ଦେଇଥିଲେ।



ମ୍ୟାଚ୍‌ର ୩ୟ ମିନିଟ୍‌ରେ ଜିତିନ୍ ମହମ୍ମଡାନ୍ ଡିଫେନ୍ସ ତ୍ରୁଟିର ଫାଇଦା ଉଠାଇ ଫିଲ୍ଡ ଗୋଲ୍ ଜରିଆରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ଅଗ୍ରଣୀ କରାଇଥିଲେ। ଏହାପରେ ୧୮ତମ ମିନିଟ୍‌ରେ ପାଇଥିବା ଏକ ପାସ୍‌କୁ ସୁନ୍ଦର ଭାବେ ପ୍ରତିପକ୍ଷ ଗୋଲ୍‌ପୋଷ୍ଟକୁ ପଠାଇ ଆଜାରାଇ ଟିମ୍‌ର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ୪୨ ମିନିଟ୍‌ରେ ନେଷ୍ଟର୍ ଆଉ ଏକ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଟିମ୍‌କୁ ୩-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମହମ୍ମଡାନ୍ ସ୍ପୋର୍ଟିଂ ଗୋଲ୍ ଉଦ୍ୟମ କରିଥିଲେ ମଧ୍ୟ ପ୍ରତିପକ୍ଷ ଡିଫେନ୍ସ ଭେଦ କରିବାରେ ବିଫଳ ହୋଇଥିଲା। ୫୬ତମ ମିନିଟ୍‌ରେ ପ୍ରତିପକ୍ଷ ଗୋଲ୍‌କିପର୍ ଅଟକାଇଥିବା ଏକ ବଲ୍ ରିବାଉଣ୍ଡ ହେବା ଫଳରେ ଆଜାରାଇ ନିକଟରୁ ଗୋଲ୍‌ପୋଷ୍ଟକୁ ପଠାଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇଥିଲେ। ୬୬ତମ ମିନିଟ୍‌ରେ ଆଜାରାଇଙ୍କଠାରୁ ପାଇଥିବା ପାସ୍‌ରେ ଗୁଇଲେର୍ମୋ ଟିମ୍‌ର ୫ମ ଗୋଲ୍‌ଟି ସ୍କୋର୍ କରିଥିଲେ। ମହମ୍ମଡାନ୍ ସ୍ପୋର୍ଟିଂ ଗୋଲ୍‌କିପର୍ ଆଜାରାଇଙ୍କୁ ତଳେ ପକାଇ ଦେବା ପରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ମିଳିଥିବା ପେନାଲ୍ଟି ଗୋଲ୍ କରି ଆଜାରାଇ ହ୍ୟାଟ୍ରିକ୍ ପୂରଣ କରିବା ସହିତ ଟିମ୍‌କୁ ୬-୦ରେ ବଡ଼ ବିଜୟ ଦେଇଥିଲେ। ମହମ୍ମଡାନ୍ ସ୍ପୋର୍ଟିଂ ଗୋଟିଏ ବି ଗୋଲ୍ ଦେଇନପାରି ଶୋଚନୀୟ ଭାବେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି।

# ୨୦୨୬କୁ ଘୁଞ୍ଚିଲା ସାଫ୍ ଚାମ୍ପିଅନ୍‌ଶିପ୍

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ସାଫ୍ ଚାମ୍ପିଅନ୍‌ଶିପ୍‌ର ୨୦୨୫ ସଂସ୍କରଣ ୨୦୨୬କୁ ଘୁଞ୍ଚାଇ ଦିଆଯାଇଛି। ଗୁରୁବାର ସାଉଥ୍ ଏସିଆନ୍ ଫୁଟ୍‌ବଲ୍ ଫେଡେରେସନ୍ (ସାଫ୍) ପକ୍ଷରୁ ଏହି ଘୋଷଣା କରାଯାଇଛି। ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଅଧିକ ବନ୍ଦୋବସ୍ତର ଆବଶ୍ୟକତା ଥିବା ସଦସ୍ୟ ସଂଘ ଏବଂ ସ୍ପୋର୍ଟ୍ସଫାଇଭ୍ ଅନୁଭବ କରୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ସାଫ୍‌ର ମିଡିଆ ରିଲିଜ୍‌ରେ କୁହାଯାଇଛି। ପୂର୍ବରୁ ୨୦୨୩ରେ ଭାରତରେ ଆୟୋଜିତ ଚାମ୍ପିଅନ୍‌ଶିପ୍ ହୋମ୍ ଏବଂ ଆୱେ ଫର୍ମାଟ୍‌ରେ ଖେଳାଯିବାର ସମ୍ଭାବନା ଥିଲା। ମାତ୍ର ପରେ ଏହା ଶ୍ରୀଲଙ୍କାରେ ଏହା ସେଣ୍ଟ୍ରାଲାଇଜଡ ଭେନ୍ୟୁରେ ଆୟୋଜିତ କରାଯିବାକୁ ନିଷ୍ପତ୍ତି କରାଯାଇଥିଲା। ତେବେ ଏହା ଆସନ୍ତା ବର୍ଷକୁ ସ୍ଥଗିତ କରାଯାଇଛି ଏବଂ ଚାମ୍ପିଅନ୍‌ଶିପ୍‌ର ତାରିଖ ଓ ଭେନ୍ୟୁ ପରେ ଚୂଡ଼ାନ୍ତ କରାଯିବ। ୨୦୨୬ରେ ଫିଫା ବିଶ୍ୱକପ୍ ଆୟୋଜିତ ହେବାକୁ ଥିବାରୁ ସାଫ୍ ଚାମ୍ପିଅନ୍‌ଶିପ୍ ପାଇଁ ଉପଯୁକ୍ତ ସମୟ ଏବଂ ଭେନ୍ୟୁ ଉପରେ ଦୃଷ୍ଟି ଦିଆଯିବ ବୋଲି ରିଲିଜ୍‌ରେ କୁହାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଚାମ୍ପିଅନ୍‌ଶିପ୍‌ର ସବୁଠୁ ସଫଳ ଟିମ୍ ଭାବେ ୯ ଥର ବିଜୟୀ ହୋଇଛି। ୨୦୨୩ ସଂସ୍କରଣରେ ସୁନୀଲ୍ ଛେତ୍ରୀ ଗୋଲ୍‌ଡେନ୍ ବଲ୍ (ଶ୍ରେଷ୍ଠ ଖେଳାଳି) ଓ ଗୋଲ୍‌ଡେନ୍ ବୁଟ୍ (ସର୍ବାଧିକ ଗୋଲ୍ ସ୍କୋରର୍) ପୁରସ୍କାର ଜିତିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra